# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

VOLUME- 41 ◆ISSUE-175 ◆BHUBANESWAR ◆WEDNESDAY ◆20 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୫ ◆ଭୁବନେଶ୍ୱର ◆ବୁଧବାର ◆୨୦ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ଦୁବାଇରେ 'ଡଙ୍କି'ର ପ୍ରମୋସନ୍

▶ପୃଷ୍ଠା ୧୪ ଦେଖନ୍ତୁ...


DSPL-471

Government of Odisha | ODISHA NEW OPPORTUNITIES | 5T | CII Confederation of Indian Industry

# COMING TO JHARSUGUDA FOR THE FIRST TIME!

CII 24th enterprise Odisha



19th - 21st January 2024

"Explore the abundant and flourishing investment opportunities in the state."

COME. JOIN THE JUGGERNAUT.

## HIGHLIGHTS

- Inaugural Ceremony
- Valedictory Session
- 4 sectoral Sessions
- 3-day exhibition
- 200+ exhibitors
- 20+ PSUs
- 100+ CXOs

**SPECIAL FOCUS**
Start-ups, Women Entrepreneurs, Vendor Development, B2B and B2G.

## PRODUCTS & SERVICES

- TECHNOLOGY PROVIDERS, IT/ITES
- SUSTAINABILITY
- RENEWABLE ENERGY
- LOGISTICS & INFRA
- SAFETY SOLUTIONS
- MANUFACTURING
- DEFENCE
- FOOD PROCESSING

**Event Venue:**
Durlaga Ground, Circuit House Road, Jharsuguda

Scan to Register

ScarecrowM&CSaatchi/2023/Dec

OIPR-14005/13/0031/2324

**CONTACT US:**
**Mr Ashok Barat** | Director | ashok.barat@cii.in | +91 98300 29606
**Mr Rup Kumar Chowdhury** | Deputy Director | rupkumar.chowdhury@cii.in
+91 94059 86282 | www.ciienterpriseodisha.com

Follow us on @investInOdisha /InvestOdisha

## ଗୁଏନାରେ ବିସ୍ଫୋରଣ; ୧୩ ମୃତ



**କୋନାକ୍ରି, ୧୯।୧୨ (ଏଜେନ୍ସି):** ଆଫ୍ରିକୀୟ ଦେଶ ଗୁଏନାର ରାଜଧାନୀ କୋନାକ୍ରିର ଏକ ମୁଖ୍ୟ ପେଟ୍ରୋଲିୟମ ଡିପୋରେ ସୋମବାର ବଡ଼ି ଭୋରରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ଚାରିଆଡ଼େ ନିଆଁ ଲାଗି ଯାଇଛି। ଏହି ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ୧୭୮ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖରେ ଥିବା ଘରଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଝରକା କବାଟ ଭାଙ୍ଗି ଯାଇଛି। ନିକଟରେ ଥିବା ସରକାରୀ କାର୍ଯ୍ୟାଳୟ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

## ସମଲିଙ୍ଗୀଙ୍କୁ ଆଶୀର୍ବାଦ ଦେବେ ପାଦ୍ରୀ

**ଭାଟିକାନ ସିଟି, ୧୯।୧୨ (ଏଜେନ୍ସି):** ଏଥର ରୋମାନ କ୍ୟାଥୋଲିକ ପ୍ରିଏଷ୍ଟ ତଥା ପାଦ୍ରୀ ସମଲିଙ୍ଗୀ ଯୋଡ଼ିଙ୍କୁ ଆଶୀର୍ବାଦ ଦେଇପାରିବେ। ଏ ନେଇ ଖ୍ରୀଷ୍ଟିଆନ କ୍ୟାଥୋଲିକ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍ ଅନୁମତି ଦେଇଛନ୍ତି। ପୋପ୍ ନିଜ ଆଭିମୁଖ୍ୟରେ ବଡ଼ ପରିବର୍ତ୍ତନ ଆଣି ଏହି ନିଷ୍ପତ୍ତି ନେଇଛନ୍ତି। ସେ ୨ ବର୍ଷ ତଳେ ସମଲିଙ୍ଗୀ ବିବାହକୁ ପାପ ବୋଲି କହିଥିଲେ। ଭାଟିକାନ ସିଟି ପକ୍ଷରୁ କୁହାଯାଇଛି ଯେ ଇଶ୍ୱରଙ୍କ ଆଶୀର୍ବାଦ ଏବଂ ପ୍ରେମ୍ ପାଇବାର ଅଧିକାର ସମସ୍ତଙ୍କର ରହିଛି। ତେବେ ଏହା ଚର୍ଚ୍ଚର ସ୍ୱାଭାବିକ କାର୍ଯ୍ୟର ଅଂଶ ହେବ ନାହିଁ। ଏ ବିଷୟରେ ଭାଟିକାନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନିୟମକୁ ସୋମବାର ପୋପ୍ ଫ୍ରାନ୍‌ସିସ ମଞ୍ଜୁରି ଦେଇଥିଲେ।

## ଦିଲ୍ଲୀ ହାଇକୋର୍ଟ ଗଲେ ଜ୍ୟାକଲିନ୍

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଠକ ସୁକେଶ ଚନ୍ଦ୍ରଶେଖର ସମ୍ବନ୍ଧିତ ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ଅପରାଧିକ ମାମଲା



ଏବଂ ଆରୋପପତ୍ର ରଦ୍ଦ କରିବାକୁ ଦାବି କରିଛନ୍ତି। ଇଡି ଏହି ମାମଲାରେ ସିଂହଳୀ ସୁନ୍ଦରୀଙ୍କୁ ସହ-ଅଭିଯୁକ୍ତ ବନାଇଛି। ସେହିପରି ଦିଲ୍ଲୀ ପୁଲିସ ଠକେଇ ଏବଂ ଜୋର ଜବରଦସ୍ତ ଟଙ୍କା ଆଦାୟ ମାମଲାରେ ଜ୍ୟାକଲିନଙ୍କୁ ସାକ୍ଷୀ ବନାଇଛି। ଏହି ମାମଲାର କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ଇଡି ଦ୍ୱାରା ଦାଖଲ ପ୍ରମାଣରୁ ସେ ନିର୍ଦ୍ଦୋଷ ଥିବା ଏବଂ ସୁକେଶର ଆକ୍ରମଣ ଶିକାର ହେଉଥିବା ସାବ୍ୟସ୍ତ ହେଉଛି। ସୁକେଶର କଳା ଧନ ଧଳା କରିବାରେ ତାଙ୍କର କୌଣସି ହାତ ନାହିଁ। ସୁକେଶ ଏବଂ ତାଙ୍କ ସହଯୋଗୀଙ୍କ ଅପରାଧ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ମଧ୍ୟ ନାହିଁ।

## ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲା; ମନ୍ତ୍ରୀ ଦୋଷୀ

**ଚେନ୍ନଇ, ୧୯।୧୨ (ଏଜେନ୍ସି):** ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ତାମିଲନାଡୁ ମନ୍ତ୍ରୀ କେ.ପୋନମୁଡୀଙ୍କୁ



ବଡ଼ ଝଟ୍‌କା ଲାଗିଛି। ମଙ୍ଗଳବାର ନିମ୍ନ କୋର୍ଟଙ୍କ ରାୟକୁ ମାଡ୍ରାସ ହାଇକୋର୍ଟ ବଦଳାଇ ଦେଇଛନ୍ତି। ୨୦୧୬ରେ ଏହି ମାମଲାରେ ମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଚଳିତ ସପ୍ତାହରେ ଏହି ମାମଲାର ଦଣ୍ଡ ଘୋଷଣା କରାଯିବ। ୨୦୦୨ରେ ତାମିଲନାଡୁର ଭିଜିଲାନ୍ସ ଏବଂ ଦୁର୍ନୀତି ନିରୋଧୀ ନିର୍ଦ୍ଦେଶାଳୟ ପୋନମୁଡି ଏବଂ ତାଙ୍କ ପତ୍ନୀଙ୍କ ବିରୋଧରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ କରିଥିଲା। ନିମ୍ନ କୋର୍ଟ ଏହି ମାମଲାରେ ତାଙ୍କୁ ମୁକ୍ତ କରିଦେଇଥିଲେ।

## ମଣିପୁରରେ ପୁଣି ୧୪୪ ଧାରା



**ଇମ୍ଫାଲ, ୧୯।୧୨ (ଏଜେନ୍ସି):** ସଂରକ୍ଷଣକୁ ନେଇ ମଇ ମାସରୁ ମଣିପୁରରେ ଆରମ୍ଭ ହୋଇଥିବା ହିଂସା ଥମିବାର ନା ଧରୁନି। କିଛି ଦିନର ନିରବତା ପରେ ପୁଣି ଚୁରାଚାନ୍ଦପୁର ଜିଲ୍ଲାରେ ହିଂସା ହୋଇଛି। ଏହାକୁ ଦେଖି ସରକାର ଆଉ ଦୁଇ ମାସ ପାଇଁ ୧୪୪ ଧାରା କାର୍ଯ୍ୟକାରୀ କରିଛନ୍ତି। ଏହା ଫେବୃଆରୀ ୧୮ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ ସୋମବାର ଚୁରାଚାନ୍ଦପୁରର ଥିଙ୍ଗକାଙ୍ଗପାଇ ଗ୍ରାମରେ ହିଂସା ହୋଇଥିଲା। ଏଠାରେ କୁକି ଏବଂ ମେଇତି ସମ୍ପ୍ରଦାୟର ଲୋକେ ମୁହାଁମୁହିଁ ହୋଇଛନ୍ତି। ଗୁଳିଗୋଳା ମାଡ଼ ହୋଇଛି। ଏବେ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

### ଚୀନ୍‌ରେ ୬.୨ ତୀବ୍ରତାର ଭୂକମ୍ପ

# ୧୨୭ ମୃତ; ୭୦୦ ଆହତ

**ବେଜିଂ, ୧୯।୧୨ (ଏଜେନ୍ସି):**

ଚୀନ୍‌ରେ ବଡ଼ଧରଣର ଭୂକମ୍ପ ହୋଇଛି। ସୋମବାର ରାତିରେ ଉତ୍ତର ପୂର୍ବର ଚୀନ୍‌ର ଗାନସୁ ଏବଂ କିଙ୍ଘାଇ ପ୍ରଦେଶରେ ୬.୨ ତୀବ୍ରତାର ଝଟ୍‌କା ଅନୁଭୁତ ହୋଇଛି। ଚୀନ୍ ଭୂକମ୍ପ ନେଟୱର୍କ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। କିଙ୍ଘାଇ ସୀମାରୁ ପ୍ରାୟ ୫ କିମି ଦୂର ଜିସିସାନ କାଉଣ୍ଟିରେ ଏହାର କେନ୍ଦ୍ରସ୍ଥଳ

**ଭାରତ, ପାକିସ୍ତାନରେ ଝଟ୍‌କା ଅନୁଭୁତ**

**୨୪ ଘଣ୍ଟାରେ ୧୧ ଥର ଥରିଲା କାଶ୍ମୀର**

ଥିଲା। ଭୂପୃଷ୍ଠରୁ ୧୦ କିମି ତଳେ ଭୂକମ୍ପ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିଛି। ଘରଗୁଡ଼ିକ ତାସ୍‌ପତା ଭଳି ଭାଙ୍ଗି ଯାଇଛି। ଏହି ଭୂକମ୍ପରେ ୧୨୭ ଜଣଙ୍କ ମୃତ୍ୟୁ ହୋଇଛି। ୭୦୦ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏବେ ବି ଅନେକ ଲୋକ ଅବଶେଷ ତଳେ ଫସି ରହିଛନ୍ତି। ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ୫ ହଜାରରୁ ଅଧିକ କୋଠା କ୍ଷତିଗ୍ରସ୍ତ ହୋଇଛି।

ଏହି ଭୂକମ୍ପ ଝଟ୍‌କା ଭାରତ ଏବଂ ପାକିସ୍ତାନରେ ଅନୁଭୁତ ହୋଇଥିବା ମଧ୍ୟ



ସୂଚନା ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ କାଶ୍ମୀରରେ ଭୂଇଁ ୧୧ ଥର ଥରିଲାଣି। ଲୋକେ ଭୟରେ କାଳତିପାତ କରୁଛନ୍ତି। ଚୀନ୍‌ର ସରକାରୀ ନ୍ୟୁଜ ଏଜେନ୍ସି ସିନ୍‌ହୁଆ ଅନୁଯାୟୀ ଭୂକମ୍ପରେ ଗାନସୁ ପ୍ରଦେଶ ସର୍ବାଧିକ ପ୍ରଭାବିତ ହୋଇଛି। କେବଳ ଏଠାରେ ୧୧୬ ଜଣ ପ୍ରାଣ ହରାଇଛନ୍ତି। ପଡୋଶୀ କିଙ୍ଘାଇରେ ୧୧ ଜଣ ଲୋକଙ୍କ ଜୀବନ ଯାଇଛି। ତେବେ ଭୂକମ୍ପର ତୀବ୍ରତା ୫.୯ ରହିଥିଲା ବୋଲି ଆମେରିକା ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ମୁଖ୍ୟ ଭୂକମ୍ପ ପରେ ଆହୁରି ୧୦ ଥର ଛୋଟମୋଟ ଝଟ୍‌କା ଅନୁଭୁତ ହେଲାଣି। ଭୂକମ୍ପ ଯୋଗୁଁ ପାଣି ଏବଂ ବିଜୁଳି ଲାଇନ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଟ୍ରାଫିକ ଏବଂ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଛିନ୍ନ ହୋଇଯାଇଛି। ଭୂକମ୍ପରେ ଆହତ ହୋଇଥିବା ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାରର ଜରୁରୀ ପଦକ୍ଷେପ ନେବାକୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଉଦ୍ଧାରକାର୍ଯ୍ୟ ପାଇଁ ୧୪୪୦ ଦମକଳ କର୍ମୀ ମୁତୟନ କରାଯାଇଥିଲା। ପରେ ଏହି ସଂଖ୍ୟା ବୃଦ୍ଧି କରାଯାଇଥିଲା। ଅନେକ ସ୍ୱେଚ୍ଛାସେବୀ ମଧ୍ୟ ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି।

ଚୀନ୍‌ରେ ଭୂକମ୍ପ ଆସିବା ସାଧାରଣ ଘଟଣା ହୋଇଗଲାଣି। ଏହା ପୂର୍ବରୁ ଗତ ଅଗଷ୍ଟରେ ୫.୪ ତୀବ୍ରତାର ଭୂକମ୍ପ ଆସିଥିଲା। ୨୦୨୨ରେ ସିଚୁଆନ ପ୍ରଦେଶରେ ୬.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ସେହିପରି ୨୦୦୮ରେ ଆସିଥିବା ୭.୯ ତୀବ୍ରତାର ଭୂକମ୍ପରେ ୮୭ ହଜାରରୁ ଅଧିକ ଲୋକ ପ୍ରାଣ ହରାଇ ଥିଲେ। ମୃତକଙ୍କ ମଧ୍ୟରେ ୫୩୩୫ ଛାତ୍ରଛାତ୍ରୀ ସାମିଲ ଥିଲେ।

■ ଜ୍ଞାନବାପୀ ମାମଲା

## ମୁସଲିମ ପକ୍ଷର ୫ ଆବେଦନ ଖାରଜ

**ପ୍ରୟାଗରାଜ, ୧୯।୧୨ (ଏଜେନ୍ସି):** ଜ୍ଞାନବାପୀ ମାମଲାରେ ମୁସଲିମ ପକ୍ଷର ୫ ଆବେଦନକୁ ମଙ୍ଗଳବାର ଆହ୍ଲାବାଦ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହା ମଧ୍ୟରେ ଜ୍ଞାନବାପୀ ମସ୍‌ଜିଦ କମିଟିର ତିନୋଟି ଏବଂ ଉତ୍ତର ପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ ବୋର୍ଡର ୨ଟି ଆବେଦନ ଥିଲା। ଏଥିରେ ଜ୍ଞାନବାପୀ ପରିସରରେ ଥିବା ମନ୍ଦିର ମରାମତିକୁ ବିରୋଧ କରାଯାଇଥିଲା। ସେହିପରି ୧୯୯୧ରେ ବାରାଣସୀ କୋର୍ଟରେ ଦାଏର ଏକ ମାମଲାର ମେରିଟ (ଶୁଣାଣି ଯୋଗ୍ୟ କି ନୁହେଁ)କୁ ବିରୋଧ କରି ତିନୋଟି ଆବେଦନ ଦାଖଲ କରାଯାଇଥିଲା। ଏହି ମାମଲାର ଶୁଣାଣିକୁ ୬ ମାସ ମଧ୍ୟରେ ଶେଷ କରିବା ପାଇଁ ବାରାଣସୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ମାମଲାର ଶୁଣାଣି କରି ଜଷ୍ଟିସ ରୋହିତ ରଞ୍ଜନ ଅଗ୍ରୱାଲଙ୍କ ଏକକ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଶୁଣାଣି ସମୟରେ ହାଇକୋର୍ଟ କହିଥିଲେ ଯେ ୧୯୯୧ରେ ହିନ୍ଦୁ ପକ୍ଷ ଦ୍ୱାରା ଦାଏର ଆବେଦନ 'ପ୍ଲେସେସ ଅଫ୍ ଓରସିପ୍ ଆକ୍ଟ' ଦ୍ୱାରା ପ୍ରଭାବିତ ହେଉନାହିଁ। କାରଣ ଏହି ଆଇନ ବଳରେ ୧୯୪୭ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଯେଉଁ ଧାର୍ମିକ ସ୍ଥଳର ଯେଉଁ ସ୍ଥିତି ରହିଥିଲା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ୧୯୪୭ ଅଗଷ୍ଟ ୧୫ରେ ଜ୍ଞାନବାପୀ ମାମଲାର ଧାର୍ମିକ ସ୍ଥିତି ମନ୍ଦିର କିମ୍ବା ମସ୍‌ଜିଦର ଥିଲା। କୌଣସି ଧାର୍ମିକ ସ୍ଥଳର ୨ଟି ସ୍ୱରୂପ ହୋଇପାରିବ ନାହିଁ। ଏହା ମନ୍ଦିର କିମ୍ବା ମସ୍‌ଜିଦ ହୋଇପାରେ। ମାତ୍ର ଏହା ନିର୍ଦ୍ଧାରଣ କରିବାକୁ ସାକ୍ଷୀ ଜରୁରୀ।



## ୫ ହଜାର ହୀରାରେ ରାମମନ୍ଦିର ହାର




**ସୁରଟ, ୧୯।୧୨ (ଏଜେନ୍ସି):** ଗୁଜରାଟ ସୁରଟର ଜଣେ ହୀରା ବ୍ୟବସାୟୀ ରାମ ମନ୍ଦିର ଆକୃତିର ଏକ ହୀରା ହାର ବନାଇଛନ୍ତି। ଏହି ହାର ବନାଇବା ପାଇଁ ୫ ହଜାର ଆମେରିକାନ ହୀରା ଏବଂ ୪୦ କେଜି ରୁପା ବ୍ୟବହାର କରାଯାଇଛି। ୪୦ ଜଣ କାରିଗର ୩୫ ଦିନରେ ଏହାକୁ ପ୍ରସ୍ତୁତ କରିଛନ୍ତି। ହାରର ଡୋରରେ ରାମାୟଣର ମୁଖ୍ୟ ଚରିତ୍ର ଚିତ୍ରଣ କରାଯାଇଛି। ଏହି ହାରକୁ ବିକ୍ରି କରାଯିବ ନାହିଁ। ଅଯୋଧ୍ୟାରେ ନିର୍ମାଣ ଚାଲିଥିବା ରାମ ମନ୍ଦିରକୁ ଏହି ହାର ଦାନ କରାଯିବ ବୋଲି ରାଶେଶ ଜୁଏଲ୍ସର ନିର୍ଦ୍ଦେଶ କୌଶିକ କାକଡିୟ କହିଛନ୍ତି। ସୂଚନାଯୋଗ୍ୟ ଯେ ଜାନୁଆରୀ ୨୨ ତାରିଖରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି।

## ହରିୟାଣା ବିଧାନସଭାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ

**ଚଣ୍ଡିଗଡ଼, ୧୯।୧୨ (ଏଜେନ୍ସି):** ଲୋକସଭା ପରେ ହରିୟାଣା ବିଧାନସଭାରେ ଅନୁପ୍ରବେଶ ଉଦ୍ୟମ ହୋଇଛି। ମନ୍ତ୍ରୀ ସନ୍ଦୀପ ସିଂହଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇଥିବା ଜୁନିୟର ମହିଳା କୋଚ୍ ମଙ୍ଗଳବାର ସଚିବାଳୟ ପାସ୍ ବନାଇ ବିଧାନସଭାରେ ପ୍ରବେଶ ଉଦ୍ୟମ କରିଥିଲେ। ତେବେ ସୁରକ୍ଷାକର୍ମୀ ତାଙ୍କୁ ଧରି ନେଇଛନ୍ତି। ବରିଷ୍ଠ ଅଧିକାରୀଙ୍କୁ ଏହାର ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ସେ ହାଇକୋର୍ଟରୁ ବିଧାନସଭାକୁ ପ୍ରବେଶ କରିବା ପାଇଁ ଥିବା ଗେଟରେ ଆସିଥିଲେ। ଏଠାରେ ଗାଡ଼ି ଏବଂ ବିଧାନସଭା ପାସ୍‌ର ତଲାସୀ ନିଆଯାଇଥାଏ। ଏହି ମହିଳାଙ୍କ ପାଖରେ ସଚିବାଳୟ ପାସ୍ ଥିଲା। ଏହି ବାଟ ଦେଇ ସେ ବିଧାନସଭାରେ ପ୍ରବେଶ ଉଦ୍ୟମ କରିଥିଲେ। କିନ୍ତୁ ଏଠାରେ ପୁଲିସ ତାଙ୍କୁ ପାସ୍ ମାଗିଥିଲା। ପରେ ସେ ସଚିବାଳୟ ପାସ୍ ଦେଖାଇ ଥିଲେ। ତେଣୁ ପୁଲିସ ତାଙ୍କୁ ଧରି ନେଇଥିଲା।

## ଉପ-ରାଷ୍ଟ୍ରପତିଙ୍କ ନକଲ କଲେ ଟିଏମ୍‌ସି ସାଂସଦ

### ଭିଡିଓ ରେକର୍ଡିଂ କଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ସୁରକ୍ଷାରେ ତ୍ରୁଟି ମାମଲାରେ ଗୃହରୁ ନିଲମ୍ବିତ ବିରୋଧୀ ସଦସ୍ୟ ସଂସଦ ଭବନ ବାହାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖରଙ୍କ ମିମିକ୍ରି (ନକଲ) କରୁଥିବା ଦେଖିବାକୁ ମିଳିଥିଲା। ଆଉ ଏହାର ଭିଡିଓକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୁଟିଂ କରିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଧନଖରଙ୍କୁ ଖରାପ ଲାଗିଛି। ସେ ଏହାକୁ ନେଇ ଗୃହରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଂସଦ ଲଜ୍ଜାର ସମସ୍ତ ସୀମାକୁ ପାର କରି ଦେଇଛନ୍ତି। ସବୁର କିଛି ଗୋଟିଏ ସୀମା ଥାଏ। ଚ୍ୟାନେଲ ସାମ୍ନାରେ ସେ ମର୍ଯ୍ୟାଦା ଉଲ୍ଲଙ୍ଘନ କରିଛନ୍ତି। ଭଗବାନ ତାଙ୍କୁ ସଦବୁଦ୍ଧି ଦିଅନ୍ତୁ। ଏଭଳି ଆଚରଣ ଅତ୍ୟନ୍ତ ଲଜ୍ଜାଜନକ, ହାସ୍ୟାସ୍ପଦ ଏବଂ ଆଦୌ ଗ୍ରହଣୀୟ ନୁହେଁ। ଜଣେ ସାଂସଦ ମିମିକ୍ରି କରି ଉପହାସ କରୁଛନ୍ତି ଏବଂ ଅନ୍ୟ ଜଣେ ସେହି ଘଟଣାର ଭିଡିଓଗ୍ରାଫି କରୁଛନ୍ତି। ଏହା ଗୃହପ୍ରତି ଅପମାନ।



ଧନଖଡ଼ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ ସାଂସଦ କଲ୍ୟାଣ ବାନାର୍ଜୀ ଗୃହ ଓ ଅଧ୍ୟକ୍ଷଙ୍କୁ ଅପମାନିତ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଜଣେ ସାଂସଦ ସମ୍ମାନୀୟ ଉପ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏପରି ଏକ ଘଟଣାକୁ ରାହୁଲ ଗାନ୍ଧୀ ସମର୍ଥନ କରିବା ସହ ଏହାକୁ ରେକର୍ଡିଂ କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା।

### ଦକ୍ଷିଣ ତାମିଲନାଡୁରେ ବର୍ଷା ବିପ୍ରାତ ● ଦିନକରେ ବର୍ଷକର ବର୍ଷିଲା ● ୬୭୦ରୁ ୯୩୨ ମିମି ପାଣି ଢାଳିଲା

# ୧୫୨ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ଚେନ୍ନଇ, ୧୯।୧୨ (ଏଜେନ୍ସି):**

ତାମିଲନାଡୁରେ ବର୍ଷା ବିପ୍ରାତ ସୃଷ୍ଟି କରିଛି। ଗତ ଦୁଇ ଦିନ ହେଲା ଦକ୍ଷିଣ ତାମିଲନାଡୁରେ ପ୍ରବଳ ବର୍ଷା ଜାରି ରହିଛି। ଦିନକରେ ସାରା ବର୍ଷର ବର୍ଷା ହୋଇଛି। ଏଥିଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଅନେକ ଲୋକ ବନ୍ୟା ଘେରରେ ଫସି ରହିଛନ୍ତି। ରାସ୍ତାଘାଟ ପାଣିରେ ବୁଡି ରହିଛି। ତେଣୁ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହୋଇଛି।

**ଉଦ୍ଧାରକାର୍ଯ୍ୟରେ ସ୍ଥଳସେନା, ନୌସେନା ସାମିଲ**

**ବନ୍ୟାରେ ୪୦ ଲକ୍ଷ ଲୋକ ପ୍ରଭାବିତ**





ଅନେକ ଗାଡ଼ି ରାସ୍ତାରେ ଅଟକି ରହିଛନ୍ତି। କେବଳ ଥୁଥୁକୁଡି ଜିଲ୍ଲାର କୟାଲପଟ୍ଟିନମରେ ୨୪ ଘଣ୍ଟା ମଧ୍ୟରେ ୯୩୨ ମିଲି ମିଟର ବର୍ଷା ହୋଇଛି। ଏଠାରେ ବର୍ଷକେ ପ୍ରାୟ ୭୦୦ ମିମି ବର୍ଷା ହୋଇଥାଏ। ତିରୁନେଲଭେଲି, ତେନକାସି ଏବଂ କନ୍ୟାକୁମାରୀରେ ମଧ୍ୟ ସମାନ ସ୍ଥିତି ରହିଛି। ଏହି ସବୁ ଜିଲ୍ଲାରେ ୬୭୦ରୁ ୯୩୨ ମିମି ପର୍ଯ୍ୟନ୍ତ ବର୍ଷା ହୋଇଛି। ଉଦ୍ଧାରକାର୍ଯ୍ୟରେ ସ୍ଥଳ, ବାୟୁ ସେନା, ନୌସେନା ସହିତ ଏନ୍‌ଡିଆରଏଫ୍ ଏବଂ ଏସ୍‌ଡିଆରଏଫ୍ ଟିମ ସାମିଲ ରହିଛି।

ମଙ୍ଗଳବାର ବର୍ଷା ୧୫୦ ବର୍ଷର ରେକର୍ଡ ଭାଙ୍ଗି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି। କିଛି ସ୍ଥାନରେ ୧୮୭୧ ପରେ ସର୍ବାଧିକ ବର୍ଷା ହୋଇଛି। ତିରୁନେଲଭାଲି ଏବଂ ଥୁଥୁକୁଡି ଜିଲ୍ଲାରେ ୪୦ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ମୁଖ୍ୟ ସଚିବ ଶିବ ଦାସ ମିନା କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୧୦,୦୮୨ ଲୋକଙ୍କୁ ଉଦ୍ଧାର କରାଗଲାଣି। ସୋମବାର ରାତିରେ ଥୁଥୁକୁଡିରୁ ୧୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରେ ୫୫ ମହିଳା ଏବଂ ୧୯ ଶିଶୁ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀ ବନ୍ୟାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କୁ ଚିଠି ଲେଖିଛନ୍ତି। ସେ ଉଦ୍ଧାରକାର୍ଯ୍ୟ ପାଇଁ ଅଧିକ ହେଲିକପ୍ଟର ମାଗିଛନ୍ତି। ଷ୍ଟାଲିନ କହିଛନ୍ତି ଯେ ବନ୍ୟଆ ଯୋଗୁଁ ରାସ୍ତା ଜଳମଗ୍ନ ହୋଇଯାଇଛି। ତେଣୁ ଲୋକଙ୍କ ପର୍ଯ୍ୟନ୍ତ ରିଲିଫ ପହଞ୍ଚି ପାରୁନାହିଁ। କେବଳ ହେଲିକପ୍ଟର ମାଧ୍ୟମରେ ଏମାନଙ୍କୁ ସହଯୋଗ ଦିଆଯାଇପାରିବ।

ଏବେ ବାୟୁସେନାର ୪ଟି, ନୌସେନା ଏବଂ ତଟରକ୍ଷୀ ବାହିନୀର ୨ଟି ଲେଖାଏଁ ହେଲିକପ୍ଟର ଉଦ୍ଧାରକାର୍ଯ୍ୟରେ ନିୟୋଜିତ ରହିଛି। ଏବେ ସମସ୍ୟା କମିବନି ବୋଲି କୁହାଯାଇଛି। କାରଣ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।




▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-175 ◆BHUBANESWAR ◆WEDNESDAY ◆20 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୫ ◆ଭୁବନେଶ୍ୱର ◆ବୁଧବାର ◆୨୦ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦


### ଐତିହ୍ୟ କ୍ୟାବିନେଟ୍‌ରେ ବଡ଼ ନିଷ୍ପତ୍ତି

# ଫେବ୍ରୁଆରୀରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



- ରାଜଧାନୀ ଭୁବନେଶ୍ୱରରେ ହେବ ୩ ଦିନିଆ କାର୍ଯ୍ୟକ୍ରମ
- ଯୋଗଦେବେ ଖ୍ୟାତନାମା ଭାଷାବିତ୍ ଓ ବିଶେଷଜ୍ଞ
- ରାଜ୍ୟ ବାହାରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ପ୍ରୟାସ
- ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆର ଆଦୃତି ପାଇଁ ସ୍ୱତନ୍ତ୍ର ଧ୍ୟାନ

■ **ଭୁବନେଶ୍ୱର, ୧୯ ।୧୨ (ସମିସ):** ବିଶ୍ୱବ୍ୟାପୀ ସମୃଦ୍ଧ ହେବ ଓଡ଼ିଆ ଭାଷା ସାହିତ୍ୟ। ଏଥିପାଇଁ ଆସନ୍ତା ଫେବ୍ରୁଆରୀରେ ରାଜଧାନୀ ଭୁବନେଶ୍ୱରରେ ୩ ଦିନିଆ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିବେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତରେ ମଙ୍ଗଳବାର ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଭାଷା ସମ୍ମିଳନୀ ମଧ୍ୟ ଆୟୋଜନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଭାଷାବିତ ଓ ଭାଷା ବିଶେଷଜ୍ଞଙ୍କୁ ସମ୍ମିଳନୀର ବିଷୟଭିତ୍ତିକ ଅଧିବେଶନରେ ବକ୍ତବ୍ୟ ରଖିବା ପାଇଁ ନିମନ୍ତ୍ରଣ କରାଯିବ। ସମଗ୍ର ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ବ୍ୟାପକ ଭାବେ ସାମିଲ କରାଯିବ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାର ଆଦୃତ ନିମନ୍ତେ ସେମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ସମ୍ମିଳନୀ ସମୟରେ ଶିକ୍ଷାନୁଷ୍ଠାନ/ ବିଶ୍ୱବିଦ୍ୟାଳୟମାନେ ନିଜ ନିଜର କାର୍ଯ୍ୟକ୍ରମ ▶ପୃଷ୍ଠା-୧୨

# ଏ ସରକାର ଲୋକଙ୍କ ସରକାର: ପାଣ୍ଡିଆନ

## ମ୍ୟାଜିକ୍ କରିବ ମୟୂରଭଞ୍ଜ





- ନବୀନ ପଟ୍ଟନାୟକ ହେଉଛନ୍ତି ଜଣେ ଅନନ୍ୟ ଉତ୍ତୁଙ୍ଗ ଜନନେତା
- ୭୭ ବର୍ଷରେ ବି ଅବିଶ୍ରାନ୍ତ ପରିଶ୍ରମ କରୁଥିବା ମୁଖ୍ୟମନ୍ତ୍ରୀ ଆମ ପାଇଁ ପ୍ରେରଣା
- ଆମର ବାପା ଓ ଗୁରୁଙ୍କ ପରି ଆମକୁ ଦେଇ ଆସୁଛନ୍ତି ଦିଗ୍‌ଦର୍ଶନ
- ତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପଦ ନୁହେଁ, ଲୋକଙ୍କ ଖୁସି ସବୁଠୁ ବଡ଼
- ଓଡ଼ିଶାବାସୀଙ୍କ ପାଇଁ କାମ କରିବାକୁ ସେ ନିଜର ସୌଭାଗ୍ୟ ମଣନ୍ତି
- ପିଲାମାନଙ୍କୁ ଓଡ଼ିଶାର ବିକାଶ ଦେଖାଯାଉଛି, ବିରୋଧୀଙ୍କୁ ଦେଖାଯାଉନି

■ **ବାରିପଦା, ୧୯ ।୧୨(ସମିସ):** ଏ ସରକାର ଆପଣମାନଙ୍କ ସରକାର; ଲୋକଙ୍କ ସରକାର। ଆପଣମାନଙ୍କ ଇଚ୍ଛା ପୂରଣ କରିବାକୁ ଏ ସରକାର ପ୍ରାଥମିକତା ଦେଇଛି। ଆପଣମାନେ ଯେତେବେଳେ ଯାହା ଚାହିଁଛନ୍ତି, ସରକାର ତାହା କରିଛନ୍ତି ଏବଂ ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ।

ସମଗ୍ର ଓଡ଼ିଶାବାସୀ ନବୀନଙ୍କ ପରିବାର, ବିଜୁଙ୍କ ପରିବାର। ଆଜି ସମଗ୍ର ବିଶ୍ୱ ଓଡ଼ିଶାର ଯେଉଁ ରୂପାନ୍ତରଣ ଦେଖୁଛି ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ପାଇଁ ସମ୍ଭବ ହୋଇଛି। ୭୭ ବର୍ଷ ବୟସରେ ମଧ୍ୟ ଚଳଚଞ୍ଚଳ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ଅହରହ ପରିଶ୍ରମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଆମ ବାପା ପରି, ଆମ ଗୁରୁ ପରି। ସେ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ପ୍ରେରଣା ବୋଲି ବାରିପଦା ଛଉ ପଡ଼ିଆଠାରେ ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି।

ନବୀନ ପଟ୍ଟନାୟକ ୫ ଥର ମୁଖ୍ୟମନ୍ତ୍ରୀ ହେଲେଣି । ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବା ନ ହେବା ତାଙ୍କ ପାଇଁ କିଛି ପାର୍ଥକ୍ୟ ଆଣିବ ନାହିଁ; ମାତ୍ର ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇବା ଓ ରାଜ୍ୟକୁ ସମୃଦ୍ଧିର ଶିଖରରେ ପହଞ୍ଚାଇବା ତାଙ୍କର ଏକମାତ୍ର ଲକ୍ଷ୍ୟ। ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ସେ ନିଜର ସୌଭାଗ୍ୟ ମଣନ୍ତି। ନୂଆ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରି ଚାଲିଛନ୍ତି । ତେଣୁ ସଶକ୍ତ, ସମୃଦ୍ଧ ଏବଂ ନୂଆ ଓଡ଼ିଶା ଗଠନ ପାଇଁ ତାଙ୍କୁ ସହଯୋଗ କରିବାକୁ ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି।

ଗତ ୩ ଦିନ ଧରି ଗଞ୍ଜାମ ଓ କେନ୍ଦ୍ରାପଡ଼ା ଗସ୍ତ ସମୟରେ ରାଜ୍ୟର ବିକାଶ ବିରୋଧୀଙ୍କୁ ନିଶାଣ କରିଥିବା ଶ୍ରୀ ପାଣ୍ଡିଆନ ଦୁଇ ଚାରିଟି ଶବ୍ଦରେ ମୟୂରଭଞ୍ଜବାସୀଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି। ରାଜନିତିରୁ ଊର୍ଦ୍ଧ୍ୱକୁ ଯାଇ ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରିବାକୁ ସାଧାରଣ ଲୋକଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ରୂପାନ୍ତରଣର ଉଦାହରଣକୁ ଗୋଟିଏ ଗୋଟିଏ କରି ଲୋକଙ୍କ ସାମ୍ନାରେ ରଖି ଏହା ଯଦି ରୂପାନ୍ତରଣ ନୁହେଁ, ଏହା ଯଦି ନୂଆ ଓଡିଶାର ଯାତ୍ରା ନୁହେଁ, ତାହା ହେଲେ ଆଉ କଣ ବୋଲି ପରୋକ୍ଷରେ ବିକାଶ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି । ପ୍ରତି ପଞ୍ଚାୟତରେ ଗମନାଗମନ ସୁବିଧା ନିମନ୍ତେ ଲକ୍ଷ୍ମୀ ଯୋଜନାଠୁ ଆରମ୍ଭ କରି ▶ପୃଷ୍ଠା-୧୨

## ୪ ମାସରେ ଜିଲ୍ଲାକୁ ମିଳିଛି ୭୦୦ କୋଟି

**ଫେବ୍ରୁଆରୀରୁ ଗଡ଼ିବ 'ଲକ୍ଷ୍ମୀ' ବସ୍**

**ମାର୍ଚ୍ଚ ସୁଦ୍ଧା 'ଆମ ବ୍ୟାଙ୍କ୍'**

■ **ବାରିପଦା, ୧୯ ।୧୨(ସମିସ):** ଆସନ୍ତା ଫେବ୍ରୁଆରୀ ମାସରୁ ମୟୂରଭଞ୍ଜ ଜିଲ୍ଲାରେ ଗଡ଼ିବ ଲକ୍ଷ୍ମୀ ବସ୍। ମାର୍ଚ୍ଚ ସୁଦ୍ଧା ପ୍ରତି ପଞ୍ଚାୟତରେ ସ୍ଥାପନ ହେବ 'ଆମ ବ୍ୟାଙ୍କ'। ବାରିପଦା ଛଉ ପଡ଼ିଆଠାରେ ଏହା ଘୋଷଣା କରିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି ଯେ ପ୍ରତି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ▶ପୃଷ୍ଠା-୧୨







## ଆଦିବାସୀ ବସ୍ତିରେ ଶୀତବସ୍ତ୍ର ବଣ୍ଟନ



**ବଡ଼ଚଣା, ୧୯।୧୨(ସମିସ):** ବିଶିଷ୍ଟ ସମାଜସେବୀ ତଥା ବଡ଼ଚଣା ମହୋତ୍ସବ କମିଟି ସଭାନେତ୍ରୀ ମନୋରମା ଆଚାର୍ଯ୍ୟ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତ ଅଧୀନସ୍ଥ ଖଣ୍ଡିଆବନ୍ଧୀ ଆଦିବାସୀ ବସ୍ତିରେ ଶତାଧିକ ମହିଳାଙ୍କୁ ଶୀତବସ୍ତ୍ର ଓ ପିଲାମାନଙ୍କୁ ପୋଷାକପତ୍ର ବଣ୍ଟନ କରିଛନ୍ତି। ବ୍ଲକର ବିଭିନ୍ନ ଆଦିବାସୀ ଅଞ୍ଚଳ ପରିଭ୍ରମଣ କରି ଅବହେଳିତ ଅନାଥ ଲୋକଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର, ପୋଷାକ, ପାଠ୍ୟ ଉପକରଣ ଓ ଶୀତବସ୍ତ୍ର ବଣ୍ଟନ କରିବା ସହିତ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପାଇଁ ଆର୍ôଥକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ନିଜେ ଆଦିବାସୀ ପିଲାଙ୍କୁ ଶିକ୍ଷାଦାନ କରିବା ପାଇଁ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ସେମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ସଚେତନତା କାର୍ଯ୍ୟକ୍ରମ କରିଆସୁଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**କୋରେଇ, ୧୯।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତର ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସ୍ମୃତିଚାରଣ ସହ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରୁଣା ସ୍ମୃତିକୁ ମନେ ପକାଇ ସାଥିମାନେ ଭାବବିହ୍ୱଳ ହେବା ସହ ନିଜ ନିଜ ମଧ୍ୟରେ ଖୁସି ବାଣ୍ଟିଥିଲେ। ଶୁଭଦ୍ରା ଆଏଚ, ସୁକାନ୍ତୀ ପାଢ଼ୀ, କୃଷ୍ଣ ପତି, ଜ୍ୟୋତ୍ସ୍ନାରାଣୀ ଦାସ, ଜ୍ୟୋତିପ୍ରଭା ବେହେରା, ସତ୍ୟବ୍ରତ ପତି, ସୁରେଶ କୁମାର ସ୍ୱାଇଁ, ମନୋଜ କୁମାର ମହାପାତ୍ର, ଚିତ୍ତ ପତି, ରାଧାକାନ୍ତ ଦାସ, ସାଗର ସାହୁ, ପ୍ରକାଶ ରାଉତ, ହେମନ୍ତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରମାକାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଯ୍ୟଭଟ୍ଟ ଗଣିତ ମେଧାବୃତ୍ତି ପରୀକ୍ଷା



**କୋରେଇ, ୧୯।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇସ୍ଥ ମର୍ଡନ ପବ୍ଲିକ ସ୍କୁଲରେ ଆର୍ଯ୍ୟଭଟ୍ଟ ମେଧାବୃତ୍ତି ପରିକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା କେନ୍ଦ୍ରରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ପରୀକ୍ଷା ଦେଇଥିଲେ। ଏହି କେନ୍ଦ୍ରରେ ମୁକୁନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲାଖାପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ, ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବରୁଣ୍ଡେଇ ସରକାରୀ ବିଦ୍ୟାଳୟ, ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକୁ ବିଦ୍ୟାଳୟର ଅଧ୍ୟକ୍ଷା ତୟାବା ଖାତୁନ ଓ ସହକାରୀ ଶିକ୍ଷକ ତପନ ପାଣିଗ୍ରାହୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସବିତାରଶ୍ମୀ ପାଢ଼ୀ, ପରୀକ୍ଷିତ ବିଶ୍ୱାଳ, ସୁଜାତା ପୃଷ୍ଟି, ବାଦଲ କୁମାର ପାଢ଼ୀ, ସ୍ୱାଗତିକା ଦାସ, ସ୍ମୃତିପ୍ରଜ୍ଞା କର ସହଯୋଗ କରିଥିଲେ।

## ଦଶରଥପୁରରେ କୁରାଳ ପଞ୍ଚମୀ

**ଦଶରଥପୁର, ୧୯ ।୧୨(ସମିସ):** ଦଶରଥପୁର ବ୍ଲକର ବିଭିନ୍ନ କୁମ୍ଭକାର ବସ୍ତିରେ କୁରାଳ ପଞ୍ଚମୀ ପର୍ବ ୧୭ରୁ ଆରମ୍ଭ ହୋଇଛି। ମାର୍ଗଶୀର ମାସ ଶୁକ୍ଳପକ୍ଷ ପଞ୍ଚମୀରୁ ଏହି ପର୍ବ ରୀତି ଅନୁସାରେ ୫ଦିନ ପାଳିତ ହୋଇ ୨୧ରେ ଉଦ୍ୟାପିତ ହେବ। ଦଶରଥପୁର ବ୍ଲକ ରଙ୍ଗପୁର, ବାଲିପଦା, ଅହିୟାସ, ଥାଲକୁଡ଼ି, କରାଣ୍ଡିପୁର, କୋଦଣ୍ଡପୁର, ଜାଲପୁର ଆଦି ଅଞ୍ଚଳରେ କୁମ୍ଭକାର ସମ୍ପ୍ରଦାୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଛନ୍ତି। ଏହି ପର୍ବରେ କୁମ୍ଭକାର ସେମାନଙ୍କ ଚକ, ହାଣ୍ଡିଗଢ଼ା ସରଞ୍ଜାମ, ପିଣ୍ଡ, ପିଟଣାକୁ ପୂଜାରେ ବସାଇ ଇଷ୍ଟଦେବ ରୁଦ୍ରପାଳ ଓ ରାଜେଶ୍ୱରୀଙ୍କୁ ପୂଜା କରିଥାଆନ୍ତି। ଦଶରଥପୁର ବ୍ଲକ ବାଲିପଦା ଗ୍ରାମର କୁମ୍ଭକାର ବସ୍ତିରେ ପୂଜା ମଣ୍ଡପରେ ପୂଜା କରାଯାଇଛି। ପ୍ରତ୍ୟହ ପୂଜା ମଣ୍ଡପରେ ହୋମ ଯଜ୍ଞ ଜାରି ରହିଛି। ପରମ୍ପରା ଅନୁସାରେ ଏହି ୫ଦିନିଆ ପର୍ବରେ ଠାକୁରଙ୍କ ନିକଟରେ ୫ ପ୍ରକାରର ସଙ୍ଖୁଡ଼ି ଭୋଗ ଲାଗି କରାଯାଇଥାଏ। ୫ଦିନ ଧରି ଅନୁଷ୍ଠିତ ଏହି ପର୍ବରେ ପଞ୍ଚମୀରେ ସାଧା ଅନ୍ନ, ଷଷ୍ଠୀରେ ପିଠା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି, ନବମୀରେ ଚକୁଳି ପିଠା ଭୋଗ କରାଯାଇ ରୁଦ୍ରପାଳ ଓ ରାଜେଶ୍ୱରୀଙ୍କୁ ବିସର୍ଜନ କରାଯିବାର ପ୍ରଥା ରହିଥିବା ବାଲିପଦା ପୂଜା କମିଟି ପ୍ରମୁଖ କର୍ମକର୍ତ୍ତା ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ସନ୍ଧ୍ୟାରେ ନିରାମୟ ମନା; ଔଷଧ ପାଇଁ ରୋଗୀ ହନ୍ତସନ୍ତ

ବ୍ୟାସନଗର, ୧୯।୧୨(ସମିସ)






**ଅଭିଯୋଗ ପରେ ବି ହେଉନି ସମାଧାନ**

ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ଧ୍ୟାରେ ରୋଗୀଙ୍କୁ ନିରାମୟ ମନା। ଏ ସମ୍ପର୍କରେ କର୍ତ୍ତୃପକ୍ଷ ବି ଅଜଣା। ଦିନକୁ ଦିନ ଜଟିଳ ହୋଇ ଚାଲିଛି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସମସ୍ୟା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ତଥା ଆମ ଜିଲ୍ଲା ଯାଜପୁର ଅଗ୍ରଣୀ ଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ର କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଥିବା ଦେଖିବାକୁ ମିଳିଛି। ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିରାମୟ କେନ୍ଦ୍ର ସନ୍ଧ୍ୟାରେ ବନ୍ଦ ହୋଇଯାଉଛି। ଫଳରେ ଔଷଧ ପାଇଁ ରୋଗୀ ନାନା ସମସ୍ୟା ଭୋଗ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ଶିଳ୍ପନଗରୀ କଳିଙ୍ଗନଗରର ମୁଖଶାଳାରେ ରହିଥିବା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ନିମନ୍ତେ ଅତ୍ୟାବଶ୍ୟକ ସେବା ପ୍ରଦାନରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳିଛି। ମୋଟାମୋଟି କହିବାକୁ ଗଲେ ଏସବୁ ସେବା ପ୍ରଦାନରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଅସମର୍ଥ ବୋଲି ଅନେକ ଘଟଣା ସୂଚାଉଛି। ସରକାରୀ ନିୟମକୁ ଦଳିମକଚି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଠାରେ ଦୀର୍ଘ ବର୍ଷ ଧରି ଅବସ୍ଥାପିତ ମେଡିକାଲ ଅଧିକାରୀ ଓ ସୁପରିଟେଣ୍ଡେଣ୍ଟଙ୍କ ଏକପ୍ରକାର ମନମାନୀ ଚାଲୁଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ଗତ ସୋମବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଜରିଆରେ ରୋଗୀଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଉକ୍ତ ଦିନ ବିନା କୌଣସି ବିଜ୍ଞପ୍ତିରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ନିରାମୟ କେନ୍ଦ୍ରଟି ବନ୍ଦ ରହିଥିଲା। ଏପରିକି କେତେକ ରୋଗୀ ଓ ତାଙ୍କର ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ କେବଳ ସୋମବାର ନୁହେଁ ସପ୍ତାହର ପ୍ରାୟ ପ୍ରତ୍ୟେକ ଦିନ ସଞ୍ଜ ଆସିଲେ ନିରାମୟ କେନ୍ଦ୍ର ବନ୍ଦ ହୋଇଯାଉଛି। ଫଳରେ ଶତାଧିକ ରୋଗୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଔଷଧ ନେବା ନିମନ୍ତେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ନେଇ କେତେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏ ପ୍ରକାର ଅବ୍ୟବସ୍ଥା ଫଳରେ ସାଧାରଣ ରୋଗୀ ଏଠାରୁ ସ୍ୱାସ୍ଥ୍ୟସେବା କମ୍ ବେଶି ପ୍ରତାରିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ସାଧାରଣ ରୋଗୀ ଦିନକୁ ଦିନ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୁହଁ ଫେରାଉଥିବା ମେଡିକାଲ ରୋଗୀ ପଂଜୀକରଣ ରେଜିଷ୍ଟ୍ରର ଏହି ତଥ୍ୟ କହୁଛି। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରୁ ନିରାମୟ ବନ୍ଦ ହେବା ନେଇ କୌଣସି ନିର୍ଦ୍ଦେଶ ନ ଥିବା ଓ ରାତି ୯ ଘଟିକା ଯାଏଁ ଖୋଲିବାକୁ ନିର୍ଦ୍ଦେଶ ଥିବା କହିବା ସହିତ କାହିଁକି ବନ୍ଦ ଅଛି ଜାଣି ନ ଥିବା କହିଛନ୍ତି। ଏପରି ସ୍ପର୍ଶକାତର ଘଟଣା ପ୍ରତି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗୁରୁତ୍ୱ ଦେଇ ଏହାର ସମାଧାନ କରାଇ ସରକାରଙ୍କ ଏହି ମାଗଣା ଔଷଧ ବିତରଣ ସେବା ସାଧାରଣ ରୋଗୀଙ୍କ ସେବାରେ ସମର୍ପିତ କରାଇବାକୁ ସାଧାରଣରେ ଦାବି ହେଉଛି।

### ଏନ୍‌ସି କଲେଜର 'ନୂଆ-ଓ' କାର୍ଯ୍ୟକ୍ରମ

## ବିଚିତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ଯାଜପୁର, ୧୯ ।୧୨(ସମିସ)



ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟରେ ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ହାୟର ସେକେଣ୍ଡାରୀ ବିଦ୍ୟାଳୟ ପକ୍ଷରୁ 'ନୂଆ -ଓ' କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶିବାଶିଷ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ଆଗ୍ରହ ସୃଷ୍ଟି କରାଯାଉଛି ବୋଲି ଶ୍ରୀ ମହାରଣା କହିଥିଲେ। ଏହି ଶିବିରରେ ପଞ୍ଚାୟତର ବହୁ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଡାକ୍ତର ରମେଶ ମଲ୍ଲିକ, ଡା ଗାୟତ୍ରୀ ମିଶ୍ର, ଡା ଶିବାନୀ ନାୟକ ପ୍ରମୁଖ ଯୋଗ ଦେଇ ରୋଗୀଙ୍କ ଚିକିତ୍ସା କରିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ କଲେଜ ଅଧ୍ୟକ୍ଷ ବିସି ଦାସ, ନୋଡାଲ ଅଧିକାରୀ ପ୍ରମୋଦ ମହାପାତ୍ର, ଆର୍ଯ୍ୟ ବିଭାସ କୁମାର, ଶ୍ରୀରାମ ମାହାର, ଡଃ ପ୍ରାଚୀପ୍ରଭା ମହାପାତ୍ର, ରେଡକ୍ରସ କନଭେନର ଦାଶରଥୀ ମହରଣା, ଏନଏସଏସ ପ୍ରେଗ୍ରାମ ଅଫିସର ଶତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରିୟଙ୍କା ଜେନା, ସରୋଜିନୀ ମହାନ୍ତି ଓ ଜଗବନ୍ଧୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଅଭିମନ୍ୟୁ ସାମନ୍ତସିଂହାର କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

**ବରୀ, ୧୯।୧୨(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର ରାଉତଙ୍କ ସଭାପତିତ୍ୱରେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଗେଡ଼ି ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଦସ୍ୟ ତଥା ବରୀ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅଶୋକ ସାମଲ ସରକାରଙ୍କ ଏହି ବହୁମୁଖି କାର୍ଯ୍ୟକ୍ରମ ବିଷୟରେ ବାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରବୀର ଜେନା, ଅଧ୍ୟାପକ ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ତଥା ନୋଡାଲ ଅଫିସର ପ୍ରଭାକର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯିବା ସହିତ ସ୍ୱାଗତ ନୃତ୍ୟ ଉପସ୍ଥାପନ କରାଯାଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବ୍ରହ୍ମବରଦା କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ବ୍ରହ୍ମବରଦା, ୧୯।୧୨(ସମିସ):** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦାସ୍ଥ ଡିଗ୍ରୀ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ 'ନୂଆ-ଓ' 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରୀ ବିଧାୟିକା ସୁନନ୍ଦା ଦାସ ଛାତ୍ରଛାତ୍ରୀଙ୍କ ସହ ବ୍ରହ୍ମବରଦା ହାଜରହିମିଆଁ ସ୍କୁଲଠାରୁ ଏକ ଗଣଦୌଡ଼ରେ ଯୋଗଦେଇ ମହାବିଦ୍ୟାଳୟକୁ ଯାଇଥିଲେ। ବିଧାୟିକା ଶ୍ରୀମତୀ ଦାସ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ଦାଶ, ପୂର୍ବତନ ସଭାପତି ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ଆଲ୍ଲାଉଦ୍ଦିନ ଖାଁ, ଯୁବ ସମାଜସେବୀ ପ୍ରଦୀପ କୁମାର ଦାସ, ଅମୂଲ୍ୟ ରାଉତ, ଶିଶୁ ସାହିତ୍ୟିକ ନିମାଇଁ ଚରଣ ଦାସ, ଅବ୍ଦୁଲଦୟାନ ଖାଁ, ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର ଜେନା, ନୃସିଂହଚରଣ ନାୟକ ଓ ବ୍ରହ୍ମବରଦା



ହାଇୟର ସେକେଣ୍ଡାରୀ ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟି ଯୋଗ ଦେଇଥିଲେ। ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ ସେକ୍ ରୁହୁଲ ଅମିନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସ୍କୃତ ବିଭାଗ ଅଧ୍ୟାପକ ଡଃ ରଶ୍ମୀରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଖେଳ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବପ୍ରସାଦ ସାହୁ, ସାମାଜିକ କାର୍ଯ୍ୟନିର୍ବାହୀ ଅଧିକାରୀ ବାବୁଲି ରଣା, ଅଧ୍ୟାପକ ଅମୂଲ୍ୟ କୁମାର ପତି, ସୂର୍ଯ୍ୟକାନ୍ତ ରାଉତ, ବିବେକାନନ୍ଦ ଜେନା, ଅଫିସ ସହାୟକ ଧର୍ମେନ୍ଦ୍ର ମହାନ୍ତି, ବିନୟ କୁମାର ରାଉତ ଓ ମହାବିଦ୍ୟାଳୟର ଅନ୍ୟ କର୍ମଚାରୀ ସହଯୋଗ କରିଥିବାବେଳେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ସୌଭାଗ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ



**ଯାଜପୁର, ୧୯।୧୨(ସମିସ):** ଯାଜପୁର ଜିଲ୍ଲାରେ ଗୋ ସୁରକ୍ଷା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହିତ ଗୋ ଚାଲାଣ ବନ୍ଦ କରିବା, ଗୋଚର ଜମି ବ୍ୟବହାର ବନ୍ଦ କରିବା, ଗୋଚର ଜମିକୁ ଗୋମାତାଙ୍କ ପାଇଁ ସଂରକ୍ଷିତ ରଖିବା, ପ୍ରତ୍ୟେକ ବ୍ଲକରେ ଗୋ ଶାଳା ନିର୍ମାଣ କରିବା, ଦେବୋତ୍ତର ଆଇନ ମୁତାବକ ମଠ ମନ୍ଦିରର ସୁରକ୍ଷା ଓ ସାଧୁସନ୍ଥଙ୍କୁ ସୁରକ୍ଷା ଯୋଗାଇ ଦେବା, ଜିଲ୍ଲାରେ ଧର୍ମାନ୍ତିକରଣ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ଆଦି ଦାବି କରି ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅଫିସରେ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଗଠନ ପକ୍ଷରୁ ସତ୍ୟରଞ୍ଜନ ନାୟକ, ହୃଷିକେଶ ପରିଡ଼ା, ସାଇକାନ୍ତ ସାହୁ, ଅଶ୍ୱନୀ ସାହୁ, ପ୍ରବୀର ପଣ୍ଡା, ହୃଷିକେଶ ପରିଡ଼ା, ପ୍ରଭାତ ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବଳଭଦ୍ରପୁରରେ କୁରାଳ ପଞ୍ଚମୀ ପୂଜା

**କବାଟବନ୍ଧ, ୧୯।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମରେ ୫ ଦିନ ବ୍ୟାପି କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହେଉଛି। ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ତଥା ରବିବାରଠାରୁ ଆରମ୍ଭ ହୋଇ କୁମ୍ଭକାର ସମାଜର କୁଳ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପୂଜା ଗୁରୁବାର ଦିନ ପୂର୍ଣ୍ଣାହୁତି ହେବ। ଗ୍ରାମବାସୀ ମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରି ଗ୍ରାମ ପୋଖରୀରୁ କଳସ ଯାତ୍ରା କରି ପୂଜା ମଣ୍ଡପ ନିକଟକୁ ଅଣାଯାଇଥିଲା। ଶୁଭାଧିବାସ ପରେ ଚକ୍ର ପୂଜା, ପାର୍ବଣ ଷଷ୍ଠୀ, ସୂର୍ଯ୍ୟପୂଜା, ଗୋପୂଜା, ବେଦପାଠ ଗାୟତ୍ରୀ ଯଜ୍ଞ ଆଦି କରାଯାଉଛି। କୁମ୍ଭକାର ସମାଜର ଏହା ଏକ ପାରମ୍ପରିକ ପୂଜା। କୁମ୍ଭକାର କୁରାଳ ଚକ୍ରକୁ ପୂଜା କରିବା ସହିତ ପିଠାପଣା କରି ନୂତନ ବସ୍ତ୍ର ପରିଧାନ କରି ବେଶ ଆନନ୍ଦ ଉଲ୍ଲାସର ସହିତ ଏହାକୁ ପାଳନ କରୁଛନ୍ତି। ସେହିପରି କବାଟବନ୍ଧ ଅଞ୍ଚଳର ଗୋବିନ୍ଦପୁର, କବାଟବନ୍ଧ, ପାଟପୁର, ଚଉଷଠିପଡ଼ା ସମେତ ଆଖପାଖ ଅଞ୍ଚଳରେ କୁରାଳ ପଞ୍ଚମୀ ପାଳନ କରାଯାଉଛି।

# ରସୁଲପୁର ମଣ୍ଡଳ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ

କୁଆଖିଆ, ୧୯ ।୧୨(ସମିସ)



ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତର କୋଳଥଳସ୍ଥ କ୍ଷେତ୍ରପାଳ ଉଚ୍ଚବିଦ୍ୟାଳୟ ପରିସରରେ ରସୁଲପୁର ମଣ୍ଡଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୮ତମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ରସୁଲପୁର ବ୍ଲକ ଅଧୀନସ୍ଥ ୧୦୫ଟି ବିଦ୍ୟାଳୟରୁ ୭୪୮ ଓ ଜିଲ୍ଲାର ୫ଟି ବ୍ଲକରୁ ୨୫ ଜଣଙ୍କୁ ମିଶାଇ ମୋଟ ୭୭୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଆ ହସ୍ତାକ୍ଷର, ଆବୃତ୍ତି, ଚିତ୍ରାଙ୍କନ, ଗଣିତ କୌତୁକ, ସଙ୍ଗୀତ, ତର୍କ, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ସାଧାରଣ ଜ୍ଞାନ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ୨ଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ପ୍ରଥମ ଅଧିବେଶନ ତଥା ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଆଲୋଷ୍ଟା ରସୁଲପୁର ଶାଖା ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ମୁଖ୍ୟବକ୍ତା ଭାବେ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କ୍ଷେତ୍ରପାଳ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତିଲତା ରାଉତ, ଅରୁଣ କୁମାର ସେଠୀ, ଶିକ୍ଷକ ନେତା ଚନ୍ଦ୍ରଶେଖର ସ୍ୱାଇଁ, ହୃଷିକେଷ ସାମଲ, ଦେବକୀ ପାତ୍ର ପ୍ରମୁଖ ଯୋଗଦେଇ ସଂଘର ପତାକା ଉତ୍ତୋଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଶିକ୍ଷକ ନେତା ବ୍ରହ୍ମାନନ୍ଦ ମହାରଣା, ବିଭୂତି ଭୂଷଣ ପାଳ, ବିକ୍ରମ କେଶରୀ ଦାସ, ଧନଞ୍ଜୟ କେଶରୀ ରାଉତରାଏ, ପ୍ରଭଞ୍ଜନ ପତି, ଗଗନ ବିହାରୀ ଜେନା, ସୁଦାମ ଚରଣ ରାଉତ, ନୀଳମଣି ଲେଙ୍କା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ବ୍ଲକ ଅଧୀନସ୍ଥ ୪୪ଟି ଉଚ୍ଚ ବିଦ୍ୟାଳୟରୁ ୫ଟି ପ୍ରମୁଖ ବିଦ୍ୟାଳୟକୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏଥିସହ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବରଧାରୀ ବିଦ୍ୟାର୍ଥୀ, ୫ ଜଣ ଏନଆରଟିଏସ ବୃତ୍ତିଧାରୀ, ୭ ଜଣ ୫ମ ଶ୍ରେଣୀ ବୃତ୍ତିଧାରୀ ଓ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମେରିଟ୍ ତାଲିକାରେ ଅନ୍ତର୍ଭୁକ୍ତ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବା ସହ ନଗଦ ଅର୍ଥରାଶି ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷକ ଅବିନାଶ ଆଏଚ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ସାମଲ ମଞ୍ଚ ପରିଚାଳନା କରିଥିଲେ।




• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-175 ♦BHUBANESWAR ♦WEDNESDAY ♦20 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୭୫ ♦ଭୁବନେଶ୍ୱର ♦ବୁଧବାର ♦୨୦ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦

### ମିଶନ୍ ମୋଡ୍‌ରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା

# ୪୧୬୬ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ବଣ୍ଟନ ଆଜି

**ଭୁବନେଶ୍ୱର, ୧୯ ।୧୨ (ସମିସ):** ରାଜ୍ୟରେ ଶିକ୍ଷାର ରୂପାନ୍ତରଣ ପ୍ରକ୍ରିୟାରେ ଶିକ୍ଷା ଭିତ୍ତିଭୂମିର ବିକାଶ ଓ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଶିକ୍ଷାର ମାନବୃଦ୍ଧି ପାଇଁ ତୃଣମୂଳସ୍ତରୁ ଯୋଗ୍ୟ ଶିକ୍ଷକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏହିକ୍ରମରେ ନୂତନ ଭାବେ ନିଯୁକ୍ତି ପାଇଥିବା ୩୭୧୪ ଟିଜିଟି (ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ) ଏବଂ ୪୫୨ ପିଇଟି (ଶାରୀରିକ ଶିକ୍ଷା ଶିକ୍ଷକ)ଙ୍କୁ ବୁଧବାର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ ଦେବା ସହ ନିଯୁକ୍ତିପତ୍ର ପ୍ରଦାନ କରିବେ।



**୩୭୧୪ ଟିଜିଟି ଏବଂ ୪୫୨ ପିଇଟି ଶିକ୍ଷକଙ୍କୁ ନିଯୁକ୍ତି**

**ଖୁବ୍‌ଶୀଘ୍ର ଆଉ ୨୦ ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି**

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ବ୍ୟବସ୍ଥାକୁ ସଶକ୍ତ କରିବା ଲକ୍ଷରେ ଚଳିତ ବର୍ଷ ଶିକ୍ଷକ ପଦ ପୂରଣ ପାଇଁ ୨୦ ହଜାର କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତିକ)ଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥି ନିମନ୍ତେ ଲିଖିତ ପରୀକ୍ଷା ନିକଟରେ ଶେଷ ହୋଇଛି। ଆବଶ୍ୟକୀୟ ସମସ୍ତ ପ୍ରକ୍ରିୟା ଶେଷକରି ସରକାର ଖୁବଶୀଘ୍ର ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏକସଙ୍ଗରେ ଏତେସଂଖ୍ୟକ ଶିକ୍ଷକ ନିଯୁକ୍ତି ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂଆ ଦିଗ ଦେବ ବୋଲି ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି। କେବଳ ପ୍ରାଥମିକ ଶିକ୍ଷା ନୁହେଁ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି ପାଇଁ ଆଉ ୩୩୭୪ ଶିକ୍ଷକ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସେହିପରି ଓପିଏସ୍‌ସି ମାଧ୍ୟମରେ ୩୬୭ ଓ ଏସ୍‌ଏସ୍‌ବି ଜରିଆରେ ୫୫୫ଟି ପିଜିଟି ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଶିକ୍ଷକ ଅଭାବ ସମସ୍ୟାର ସବୁଦିନିଆ ସମାଧାନ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ନିଯୁକ୍ତି ପାଇଁ ଖସଡ଼ା ପ୍ରସ୍ତୁତ କରିଛନ୍ତି। ୨୦୨୦ ମସିହା ପରଠାରୁ ଉଚ୍ଚ ବିଦ୍ୟାଳୟସ୍ତରରେ ୧୩ ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ମିଳିସାରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ୧୨୦୦ରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇ ସାରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ମଧ୍ୟ ରାଜ୍ୟ ସରକାର ୧୦୦୦ରୁ ଅଧିକ ଶିକ୍ଷକ ନିଯୁକ୍ତି ପ୍ରଦାନ କରିଛନ୍ତି। ଯାହାଫଳରେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କର ବିଶ୍ୱାସ ଏବଂ ଭରଷା ଆଶାତୀତ ବୃଦ୍ଧି ପାଇଛି। ବିଦ୍ୟାଳୟରେ ନାମଲେଖା ପରିସଂଖ୍ୟାନରେ ସ୍ପଷ୍ଟ ଭାବେ ଏହା ପ୍ରତିଫଳିତ ହେଉଛି। ବିଗତ ୨ ବର୍ଷରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ପୂର୍ବ ବର୍ଷମାନଙ୍କ ତୁଳନାରେ ବହୁସଂଖ୍ୟାରେ ବୃଦ୍ଧିପାଇଛି।

ଭବିଷ୍ୟତରେ ଛାତ୍ରଛାତ୍ରୀମାନେ କ୍ରୀଡ଼ାକୁ ବୃତ୍ତି ଭାବେ ଗ୍ରହଣ କରିବା ପାଇଁ ନିଜକୁ ଗଢ଼ିତୋଳିବାର ସୁଯୋଗ ବିଦ୍ୟାଳୟସ୍ତରରୁ ପ୍ରଦାନ କରିବାକୁ ସରକାର ▶ପୃଷ୍ଠା-୧୨

# ଛଥିକୁ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ରାଜ୍ୟର ଦଶ ସହର

**ଭୁବନେଶ୍ୱର, ୧୯ ।୧୨ (ସମିସ):** ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଗତ ୨୪ ଘଣ୍ଟାରେ ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବାବେଳେ ୬.୫ ଡିଗ୍ରୀ ପାରଦ ସହ କନ୍ଧମାଳର ଜି. ଉଦୟଗିରି ସବୁଠୁ ଥଣ୍ଡା ସହରରେ ପରିଣତ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା କିରେଇରେ ୭ ଡିଗ୍ରୀ, ଫୁଲବାଣୀରେ ୮.୫ ଡିଗ୍ରୀ, କୋରାପୁଟ ୮.୭ଡିଗ୍ରୀ, କେନ୍ଦୁଝର ୮.୮ ଡିଗ୍ରୀ, ସୁନ୍ଦରଗଡ଼ ୯ ଡିଗ୍ରୀ, ଝାରସୁଗୁଡ଼ା ୯.୨ଡିଗ୍ରୀ, ଦାରିଙ୍ଗବାଡ଼ି ୯.୫ ଡିଗ୍ରୀ, ଭଦ୍ରକର ରାଣୀତାଲ ୧୦ ଡିଗ୍ରୀ, ଅନୁଗୁଳ ଓ ରାଉରକେଲା ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ରାତିର ତାପମାତ୍ରା ୧୩.୫ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱରରେ ୧୩.୮ ଡିଗ୍ରୀ ରେକର୍ଡ କରାଯାଇଛି।

**କଟକରେ ୧୩.୫, ଭୁବନେଶ୍ୱରରେ ୧୩.୮ ଡିଗ୍ରୀ**

### 'ଇଣ୍ଡିଆ' ମେଣ୍ଟର ଚତୁର୍ଥ ବୈଠକ

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଖଡ଼୍‌ଗେଙ୍କ ନାମ ପ୍ରସ୍ତାବ




**କେଜ୍ରିୱାଲଙ୍କ ସମର୍ଥନ; ଅଖିଳେଶ ନିରବ**

**ନିର୍ବାଚନ ପରେ ହେବ ଚର୍ଚ୍ଚା: ଖଡଗେ**

**୩୦୦ ଆସନରେ ଲଢ଼ିବାକୁ ଚାହୁଁଛି କଂଗ୍ରେସ**

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ବିଜେପିକୁ କ୍ଷମତାରୁ ହଟାଇବା ଲକ୍ଷ୍ୟରେ ରଣନୀତି ପ୍ରସ୍ତୁତି ସହ ନେତୃତ୍ୱ ନେଇ ସହମତି ପରିପ୍ରେକ୍ଷିରେ ମଙ୍ଗଳବାର ଦିଲ୍ଲୀର ଅଶୋକା ହୋଟେଲରେ 'ଇଣ୍ଡିଆ' ମେଣ୍ଟର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ରଣନୀତିଠାରୁ ନେଇ ସାଂସଦଙ୍କ ନିଲମ୍ବନ ପ୍ରସଙ୍ଗ ଉପରେ ଚର୍ଚ୍ଚା ହୋଇଛି। ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଏହାକୁ ସମର୍ଥନ ଦେଇଥିଲେ। ତେବେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଏ ବିଷୟରେ ▶ପୃଷ୍ଠା-୧୨

### ଏସ୍‌ଟିଏଫ୍ ଓ ଆଇବିର ମାରାଥନ୍ ଜେରା

# ଖୋଲିବ ବୁଖାରୀର କଳା ଚିଠା

**ଭୁବନେଶ୍ୱର/ଧର୍ମଶାଳା, ୧୯ ।୧୨(ସମିସ):** ଯାଜପୁର ନେଉଳପୁରରୁ ଗିରଫ କାଶ୍ମୀର ସନ୍ଦିଗ୍ଧ ଯୁବକ ସୟଦ ଇଶାନ ବୁଖାରୀକୁ ଆଜି ୫ ଦିନିଆ ରିମାଣ୍ଡରେ ଆଣିଛି ଏସ୍‌ଟିଏଫ୍। ଗତକାଲି ସନ୍ଧ୍ୟାରେ କୋର୍ଟ ଅନୁମତି ଦେବା ପରେ ଆଜି ସକାଳୁ ଏସ୍‌ଟିଏଫ୍‌ର ଏକ ଟିମ୍ ଯାଜପୁର ରଗଡ଼ି ଜେଲ୍‌ରୁ ବୁଖାରୀକୁ ଭୁବନେଶ୍ୱରସ୍ଥିତ ଏସ୍‌ଟିଏଫ୍ କାର୍ଯ୍ୟାଳୟକୁ ଆଣି ଜେରା କରୁଛି। ଏସ୍‌ଟିଏଫ୍ ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ର ଅଧିକାରୀମାନେ ତାକୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରୁଥିବା ଜଣାଯାଇଛି। କ୍ରାଇମ୍‌ବ୍ରାଞ୍ଚ ଆଇଜି ଜୟନାରାୟଣ ପଙ୍କଜ ଏବଂ ଏସ୍‌ଟିଏଫ୍ ଏସ୍‌ପି କେ.କେ ପାଣିଗ୍ରାହୀ ଏବଂ ଆଇବିର ବରିଷ୍ଠ ▶ପୃଷ୍ଠା-୧୨

**ମିଛ କହି ସାଇନାଜଙ୍କୁ ବିବାହ କରିଥିଲା**

**ନର୍ସଙ୍କୁ ଚାକିରି ଦେବାକୁ ଛତିଶଗଡ଼ରେ ଠକେଇ**

# ୨ ଦିନରେ ୧୪୧ ସାଂସଦ ନିଲମ୍ବିତ

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ଭାରତର ସଂସଦ ଇତିହାସରେ ପ୍ରଥମ ଥର ପାଇଁ ୨ ଦିନରେ ୧୪୧ ସାଂସଦଙ୍କୁ ନିଲମ୍ବନ କରାଯାଇଛି। ସଂସଦ ସୁରକ୍ଷା ତ୍ରୁଟି ମାମଲାକୁ ନେଇ ଗୃହରେ ହୋହଲ୍ଲା କରୁଥିବା ୯୨ ଜଣ ସାଂସଦଙ୍କୁ ସୋମବାର ନିଲମ୍ବନ କରିଦିଆଯାଇଥିଲା। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହି ନିଲମ୍ବନକୁ ବିରୋଧ କରି ବିରୋଧୀ ସାଂସଦମାନେ ହଙ୍ଗାମା କରିଥିଲେ। ନିଲମ୍ବିତ ସାଂସଦ ସଦନ ବାହାରେ ଏବଂ ଅନ୍ୟମାନେ ପରିସର ଭିତରେ ପ୍ଲାକାର୍ଡ ଧରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିଯୋଗୁଁ ଲୋକସଭା ଏବଂ ରାଜ୍ୟସଭାକୁ ୩ ଥର ସ୍ଥଗିତ କରାଯାଇଥିଲା। ମାତ୍ର ସ୍ଥିତିରେ ପରିବର୍ତ୍ତନ ନ ଆସିବାରୁ ଲୋକସଭାରୁ ଆଉ ୪୯ ବିରୋଧୀ ସାଂସଦଙ୍କୁ ନିଲମ୍ବନ କରି ଦିଆଯାଇଥିଲା। ନିଲମ୍ବିତ ସାଂସଦ ପଚାରିଥିବା ୨୭ ପ୍ରଶ୍ନକୁ ମଧ୍ୟ ଲୋକସଭା ତାଲିକାରୁ ହଟାଇ ▶ପୃଷ୍ଠା-୧୨

**ପ୍ରଥମ ଦିନ ୯୨, ଦ୍ୱିତୀୟ ଦିନ ୪୯ ସାଂସଦ ନିଲମ୍ବିତ**

**ନିଲମ୍ବିତ ସାଂସଦ ପଚାରିଥିବା ୨୭ ପ୍ରଶ୍ନ ହଟାଗଲା**

**ରାଜ୍ୟସଭାରେ ଦିଲ୍ଲୀ ସଂଶୋଧନ ବିଲ୍ ପାରିତ**

**ଲୋକସଭାରେ ଆପରାଧିକ ବିଲ୍ ଉପରେ ଚର୍ଚ୍ଚା**



**ଦେବଗଡ଼ରୁ ଅପହୃତା ନାବାଳିକା ବଡ଼ଗାଁରୁ ଉଦ୍ଧାର**

# ଟଙ୍କା ପାଇଁ ଅପହରଣ

**ସୁନ୍ଦରଗଡ଼/ଦେବଗଡ଼,୧୯ ।୧୨(ସମିସ):** ଦେବଗଡ଼ ଡେଲି ମାର୍କେଟ୍ ଛକରୁ ସୋମବାର ସନ୍ଧ୍ୟାରେ ଅପହୃତ ପିହୁ ଅଗ୍ରୱାଲ(୬) ଆଜି ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ଉଦ୍ଧାର ହୋଇଛି । ଶିଶୁକନ୍ୟାଟି ଆଜି ଭୋର୍‌ରେ ଭୋଇପାଲି ଓଭରବ୍ରିଜ୍ ନିକଟରେ କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକ ତାକୁ ଉଦ୍ଧାର କରି ବଡ଼ଗାଁ ପୁଲିସକୁ ହସ୍ତାନ୍ତର କରିଥିଲେ । ଶିଶୁକନ୍ୟାଟିର ସୂଚନା ଆଧାରରେ ପୁଲିସ ଦେବଗଡ଼ ଥାନା ସହ ଯୋଗାଯୋଗ କରିବା ପରେ ପିହୁକୁ ଚିହ୍ନଟ କରାଯାଇଥିଲା । ଦେବଗଡ଼ ଥାନା ପୁଲିସ ସହ ପିହୁର ବାପା ଆଲୋକ ଅଗ୍ରୱାଲ ଏବଂ ପରିବାର ସଦସ୍ୟ ବଡ଼ଗାଁ ଥାନାକୁ ଆସି ପିହୁକୁ ନେଇ ଯାଇଥିବା ଜଣାଯାଇଛି । ଏନେଇ ଦେବଗଡ଼ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର୍ କରିଛି । ଏ ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର କହିଛନ୍ତି ଯେ ଅପହର୍ତ୍ତାମାନଙ୍କ ସମ୍ପର୍କରେ ସୁରାକ୍ ମିଳିଛି ଏବଂ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ।

ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ରଙ୍କ ସୂଚନାନୁଯାୟୀ, ଅପହର୍ତ୍ତା ପ୍ରଥମେ ବାଇକ୍‌ରେ ଶିଶୁଟିକୁ ଅପହରଣ କରିଥିଲେ । ପରେ ତାକୁ ଏକ କାର୍‌ରେ ବସାଇ ସୁନ୍ଦରଗଡ଼ ଅଭିମୁଖେ ନେଇଯାଇଥିଲେ । ସୁନ୍ଦରଗଡ଼ରେ ପହଞ୍ଚିବା ପରେ ସେମାନେ ସେଠାକାର ଏକ ଘରୋଇ ହୋଟେଲରେ ରହିବା ପାଇଁ ଚାହିଁଥିଲେ । ତେବେ ସେମାନଙ୍କ ସହ ୬ବର୍ଷର ଏକ ଶିଶୁକନ୍ୟା ଥିବାରୁ ହୋଟେଲ ମ୍ୟାନେଜରଙ୍କ ସନ୍ଦେହ ହୋଇଥିଲା ।



ତେଣୁ ସେ ରୁମ୍ ଦେବାକୁ ମନା କରି ଦେଇଥିଲେ । ସେଠାରେ ଅପହର୍ତ୍ତାମାନେ ଚାଲିଯିବା ପରେ ହୋଟେଲ କର୍ତ୍ତୃପକ୍ଷ ଏ ସଂପର୍କରେ ପୁଲିସକୁ ସୂଚନା ଦେଇଥିଲେ । ହୋଟେଲ୍‌ରେ ଲାଗିଥିବା ସିସିଟିଭିରୁ ସନ୍ଦିଗ୍ଧ ୨ ଯୁବକଙ୍କ ସିସିଟିଭି ଫୁଟେଜ୍ ଜବତ ହୋଇଛି । ତାହା ଆଧାରରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଛାନଭିନ୍ ଚାଲିଛି ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅପରପକ୍ଷେ ନାବାଳିକାର ବାପା ଆଲୋକ କିମ୍ବା ତାଙ୍କ ପରିବାରଲୋକଙ୍କ ସହ କାହାର ବ୍ୟକ୍ତିଗତ କିମ୍ବା ବ୍ୟବସାୟିକ ଶତ୍ରୁତା ନାହିଁ । ତେଣୁ ମୋଟାଅଙ୍କର ଅର୍ଥ ଲୋଭ ହିଁ ଏହି ଅପହରଣର ମୁଖ୍ୟ କାରଣ

- ହୋଟେଲ ସିସିଟିଭିରେ ୨ ସନ୍ଦିଗ୍ଧଙ୍କ ଫୁଟେଜ୍
- ପୁଲିସ୍‌ର ତନାଘନା ଜାରି

ହୋଇଥାଇପାରେ ବୋଲି ସେ କହିଛନ୍ତି ।

ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୪ଟାରେ ଭୋଇପାଲି ଓଭରବ୍ରିଜ୍ ନିକଟରେ ଶିଶୁକନ୍ୟାଟି ଜୋର୍‌ରେ କାନ୍ଦୁଥିଲା । କାନ୍ଦ ଶୁଣି ପାଖରେ ରହୁଥିବା ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଅନ୍ୟ କେତେଜଣ ବ୍ୟକ୍ତି ତାକୁ ସାନ୍ତ୍ୱନା ଦେଇ ଘରେ ରଖିଥିଲେ । ଟ୍ୟୁସନ୍‌ରୁ ତା' ଆଈଙ୍କ ସହ ଘରକୁ ଘରକୁ ଫେରିବା ବେଳେ ଦୁଇଜଣ ବ୍ୟକ୍ତି ତାକୁ ବାଇକ୍‌ରେ ଉଠାଇ ଆଣିଥିବା ପିହୁ କହିଥିଲା । ତେଣୁ ଏହା ପଛରେ ଆପରାଧିକ ଷଡ଼ଯନ୍ତ୍ର ଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ବଡ଼ଗାଁ ଥାନା ପୁଲିସକୁ ଖବର ଦେଇଥିଲେ ।

# ଭାଲୁ ଆକ୍ରମଣରେ ୪ ଗୁରୁତର

**ନୂଆପଡ଼ାରେ ତିନି ମହିଳା ଘାଇଲା, ବଲାଙ୍ଗିରରେ ଜଣେ ବୃଦ୍ଧ**

**ନୂଆପଡ଼ା/ତୁରେକେଲା/କଣ୍ଟାବାଞ୍ଜି,୧୯।୧୨(ସମିସ):** ନୂଆପଡ଼ାରେ ଆଜି ଭାଲୁ ଉପଦ୍ରବ ଦେଖାଦେଇଛି । ଭାଲୁ ଆକ୍ରମଣରେ ୩ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗୁରୁତର ମହିଳାଙ୍କ ମଧ୍ୟରେ ଦୁଇଜଣ ସଫେଇ କର୍ମଚାରୀ ଥିବା ଜଣାଯାଇଛି ।



ସୂଚନାନୁଯାୟୀ, ଏସ୍‌ପି ଅଫିସ ସମ୍ମୁଖ ସିଂ କଲୋନୀର ମହିଳା ମୁଖୀ ମହାରଥ ଆଜି ଭୋର୍‌ରେ ଫୁଲ ତୋଳିବାକୁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ । ଭାଲୁଟି ତାଙ୍କୁ କାମୁଡ଼ି ଦେଇଥିଲା । ତେବେ ସ୍ଥାନୀୟ ଲୋକ ତାକୁ ଘଉଡ଼ାଇ ଦେବାରୁ ମୁଖୀ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ । ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଉକ୍ତ ଭାଲୁଟି ୩୫୩ ନମ୍ବର ରାଜପଥରେ ସଫେଇ କରୁଥିବା ଗୀତା ନେତାମ, ହିନା ସୁନାନୀଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା । ଦୁଇ ମହିଳା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି ।

ଠିକ୍ ମାସକ ତଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ କିଛି ବରିଷ୍ଠ ନାଗରିକ ପ୍ରାତଃଭ୍ରମଣ କରୁଥିବା ବେଳେ ଏଭଳି ଏକ ଭାଲୁ ଆକ୍ରମଣ କରିଥିଲା । ଭାଲୁଟି କୁଆଡ଼େ ସହର ଭିତରେ ଏକ ବୁଦାମୂଳେ ଛୁଆ ଜନ୍ମ ଦେଇଥିବାରୁ ସେ ସହର ଛାଡ଼ି ଯାଉନି ଏବଂ ବେଳ ପାଇଲେ ଲୋକଙ୍କ ଉପରେ ଆକ୍ରମଣ କରୁଥିବା କୁହାଯାଉଛି ।

ସେହିପରି ଅନ୍ୟ ଏକ ଘଟଣାକ୍ରମେ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଲର୍କି ଗାଁର ଜଣେ ବୃଦ୍ଧ ଆଜି ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ତାଙ୍କ ନାମ ଦଶରଥ ପରାଭୁଏ । ଦଶରଥ ଆଜି ସକାଳେ ଶୌଚ ହେବାକୁ ଯାଉଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ । ଦଶରଥଙ୍କ ଚିତ୍କାର ଶୁଣି ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଧାନମଳା ମେସିନ୍‌ରେ ପଡ଼ି ଶ୍ରମିକ ମୃତ

**ଜଗନ୍ନାଥପ୍ରସାଦ,୧୯ ।୧୨(ସମିସ):** ଜଗନ୍ନାଥପ୍ରସାଦ ଥାନା ଜିରାବାଡ଼ି ଗୋଲାସାହି ନିକଟରେ ମଙ୍ଗଳବାର ଧାନମଳା ମେସିନ୍‌ରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ସେହି ଗାଁର ଟୁଲୁ ପାତ୍ର (୩୫) । ପୁଲିସ ଶବ ଜବତ କରି



ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାନୁଯାୟୀ, ଜିରାବାଡ଼ି ଗ୍ରାମର ଟୁଲୁ ଟ୍ରାକ୍ଟର୍ ମାଲିକ ହୃଦୟ ରଞ୍ଜନ ନାୟକଙ୍କ ନିକଟରେ ଦୀର୍ଘ ଦିନ ହେବ ଶ୍ରମିକ ଭାବେ କାମ କରୁଥିଲେ । ମଙ୍ଗଳବାର ଧାନ ମଳା ମେସିନ୍ ନେଇ ଯାଇଥିଲେ । ସେଠାରେ ଧାନ ମଳା ଆରମ୍ଭ ହେବା ପୂର୍ବରୁ ଅସାବଧାନତାବଶତଃ ଟୁଲୁଙ୍କ ଗୋଡ଼ ମେସିନ୍‌ରେ ପଶି ଯାଇଥିଲା । ଫଳରେ ସେ ମେସିନ୍ ଭିତରେ ପଡ଼ିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ଟୁଲୁଙ୍କ ୧୨ବର୍ଷର ପୁଅ ଓ ୩ମାସର ଝିଅ ରହିଥିବା ତାଙ୍କ ଭାଇ ଗୌରା ପାତ୍ର କହିଛନ୍ତି ।

**■ ଭିନ୍ନକ୍ଷମ ମହିଳାଙ୍କୁ ଦୁଷ୍କର୍ମ ମାମଲା**

## ଅଭିଯୁକ୍ତକୁ ୧୨ ବର୍ଷ ଜେଲ୍

**ଆସିକା,୧୯ ।୧୨(ସମିସ):** ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଆସିକା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମଙ୍ଗଳବାର ଅଭିଯୁକ୍ତ ସୁଶାନ୍ତ ନାୟକ(୨୮)କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୨ ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ୧୨ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନାନୁଯାୟୀ, ଆସିକା ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ଦିବ୍ୟାଙ୍ଗ ମହିଳାଙ୍କୁ ସୁଶାନ୍ତ ଗତ ୨୦୨୨ ମସିହାରେ ଦୁଷ୍କର୍ମ କରିଥିଲା । ତତ୍କାଳୀନ ଆସିକା ଥାନା ଅଧିକାରୀ ତଥା ବର୍ତ୍ତମାନର ପୁରୀ ଏସ୍‌ଡିପିଓ ପ୍ରଶାନ୍ତ କୁମାର ସାହୁ ତଦନ୍ତକାରୀ ଅଧିକାରୀ ଭାବେ ଚାର୍ଜସିଟ୍ ଦାଖଲ କରିଥିଲେ । ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ କାଳୀ ପ୍ରସାଦ ରାଓ ମକଦ୍ଦମା ପରିଚାଳନା କରୁଥିଲେ ।



**ଓଟିଇଟି-୨୦୨୩ ପାଇଁ ଆରମ୍ଭ ହେଉନି ପ୍ରକ୍ରିୟା**

# ପରୀକ୍ଷା ଅପେକ୍ଷାରେ ୯୭ ହଜାର ଆଶାୟୀ

**ଭୁବନେଶ୍ୱର,୧୯।୧୨(ସମିସ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୩ ପାଇଁ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଗୋଟିଏ ବର୍ଷରେ ଥରେ ପରୀକ୍ଷା କରିବାକୁ ନ୍ୟାସନାଲ କାଉନସିଲ୍ ଫର୍ ଟିଚର୍ ଏଜୁକେସନ୍ (ଏନସିଟିଇ)ର ନିୟମ ଥିଲେ ହେଁ ବର୍ଷ ପୂରିବାକୁ ଆଉ ଦୁଇ ସପ୍ତାହରୁ କମ୍ ସମୟ ଥିବା ବେଳେ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତେଣୁ ପରୀକ୍ଷା ଦେବାକୁ ଥିବା ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି । ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ପରୀକ୍ଷା ଦେଇଥିବା କିଛି ଆଶାୟୀ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ନହେଲେ ସେମାନଙ୍କୁ ଡକ୍ୟୁମେଣ୍ଟ ଭେରିଫିକେସନ୍ ପ୍ରକ୍ରିୟାରୁ ବାଦ୍ ଦିଆଯିବାର ଆଶଙ୍କା ଉପୁଜିଛି ।

ପୂର୍ବରୁ ପ୍ରତିବର୍ଷ ବୋର୍ଡ ପକ୍ଷରୁ କରାଯାଉଥିବା ଓଟିଇଟି ପରୀକ୍ଷା ଗତ ୩ବର୍ଷ ଧରି ସଠିକ୍ ଭାବେ କରାଯାଉନାହିଁ । ୨୦୨୦ରେ କରୋନା ପାଇଁ ପରୀକ୍ଷା ବନ୍ଦ ଥିଲା । ପରେ ୨୦୨୧ରେ ହେବାକୁ ଥିବା ପରୀକ୍ଷା ୨୦୨୨ରେ ଏବଂ ୨୦୨୨ରେ ହେବାକୁ ଥିବା ପରୀକ୍ଷା ୨୦୨୩ରେ ୨ଥର (ସ୍ପେଶାଲ ଓ ଦ୍ୱିତୀୟ) କରାଯାଇଥିଲା । କିନ୍ତୁ ଡିସେମ୍ବର ଅଧା ହୋଇସାରିଥିଲେ ମଧ୍ୟ ଏବର୍ଷର ଅର୍ଥାତ୍ ଓଟିଇଟି-୨୦୨୩ ପାଇଁ ଆଜି ପର୍ଯ୍ୟନ୍ତ ପ୍ରକ୍ରିୟା ଆରମ୍ଭ ହୋଇନାହିଁ ।

ଗତ ସେପ୍ଟେମ୍ବରରେ ଓଡ଼ିଶା ମାଧ୍ୟମିକ ଶିକ୍ଷା

- ■ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ଚୁପ୍ ବସିଛି ବୋର୍ଡ
- ■ କନିଷ୍ଠ ଶିକ୍ଷକ ନିଯୁକ୍ତିରୁ ବାଦ୍ ପଡ଼ିବା ଆଶଙ୍କା

ପରିଷଦ(ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ଓଟିଇଟି ଆଶାୟୀମାନେ ଧାରଣା ଦେଇଥିଲେ । ଖୁବ୍‌ଶୀଘ୍ର ପରୀକ୍ଷା କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ପରୀକ୍ଷା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଆଶାୟୀଙ୍କ ଦାବି ସମ୍ପର୍କରେ ବୋର୍ଡ କର୍ତ୍ତୃପକ୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି କରି କାମ ସାରି ଦେଇଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ଗତ ନଭେମ୍ବରରେ ୨୦ ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦ ପାଇଁ ପରୀକ୍ଷା ହୋଇଛି । ଏହି ନିଯୁକ୍ତି ପରୀକ୍ଷାରେ ଭାଗ ନେବା ପାଇଁ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନଥିବା ବହୁ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସେମାନେ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ଭଲ କରିଥିଲେ ମଧ୍ୟ ଓଟିଇଟି ପାସ୍ ପ୍ରମାଣପତ୍ର ନଥିବାରୁ ଡକ୍ୟୁମେଣ୍ଟ ଭେରିଫିକେସନ୍ ସମୟରେ ବାଦ୍ ପଡ଼ିବାର ଆଶଙ୍କା ଏବେ ସେମାନଙ୍କୁ ଘାରୁଛି । ରାଜ୍ୟର ପ୍ରାୟ ୯୭ହଜାର ଆଶାୟୀଙ୍କ ନିକଟରେ 'ଓଟିଇଟି' ଯୋଗ୍ୟତା ନଥିବାରୁ ସେମାନେ ଏହି ପରୀକ୍ଷା ତୁରନ୍ତ କରିବାକୁ ଦାବି କରିଛନ୍ତି । ଏ ସଂପର୍କରେ ବୋର୍ଡ ଉପସଭାପତି ନୀହାର ମହାନ୍ତି କହିଛନ୍ତି ଯେ ପରୀକ୍ଷା କରିବାକୁ ଆଲୋଚନା ଚାଲିଛି । ଖୁବ୍‌ଶୀଘ୍ର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ।

**■ ହାଇକୋର୍ଟରେ ଭିତ୍ତିହୀନ ଜନସ୍ୱାର୍ଥ ମାମଲା**

## ୧ ଲକ୍ଷ ଟଙ୍କା ତଣ୍ଡ ଗଣିବେ ଆବେଦନକାରୀ

**କଟକ, ୧୯।୧୨(ସମିସ):** ଏକ ଭିତ୍ତିହୀନ ଜନସ୍ୱାର୍ଥ ମାମଲା ଦାୟର ହେତୁ ଆବେଦନକାରୀ ୧ ଲକ୍ଷ ଟଙ୍କା ତଣ୍ଡ ଗଣିବେ । ବିଭୂତି ଭୂଷଣ ମହାପାତ୍ରଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଆଧାର ନଥାଇ ଦାୟର ଏହି ଜନସ୍ୱାର୍ଥ ଆବେଦନକୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରି ଦେଇଛନ୍ତି । ତେବେ ଏହି ଅର୍ଥରାଶି ଆସନ୍ତା ୭ଦିନ ମଧ୍ୟରେ ହାଇକୋର୍ଟ ବାର୍ ଆସୋସିଏସନ୍ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଜମା କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ଜରିମାନା ପଇଠ ନ ହେଲେ ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି ଆକ୍ଟ-୧୯୬୨ ଅନୁସାରେ ଆବେଦନକାରୀଙ୍କଠାରୁ ଏହି ଅର୍ଥ ଅସୁଲ କରାଯିବା ସହ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ ଯେ (ରିପ୍ରେଜେଣ୍ଟେସନ ଅଫ୍ ପିପୁଲ୍ସ ଆକ୍ଟ) ଲୋକଙ୍କ ପ୍ରତିନିଧିତ୍ୱ ନିୟମାବଳୀ-୧୯୫୧ର ଧାରା-୬୯ (୨)କୁ ଅସାମ୍ବିଧାନିକ ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ଆବେଦନକାରୀ । ତେବେ କେଉଁ ଆଧାରରେ ଏହାକୁ ଅସାମ୍ବିଧାନିକ କୁହାଯିବ ବୋଲି ଅଦାଲତ ଆବେଦନକାରୀଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ । ଆବେଦନକାରୀ ଉପଯୁକ୍ତ ଯୁକ୍ତି ଦର୍ଶାଇ ପାରିନଥିଲେ ।

**■ ଆଜି ମହାପ୍ରଭୁଙ୍କ ବନକଲାଗି**

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ,୧୯।୧୨(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଅପରାହ୍ନ ୪ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି । ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ । ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି ।

# ମହାପ୍ରଭୁଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସମର୍ପଣ

**ପୁରୀ,୧୯।୧୨(ସମିସ):** ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ । କିନ୍ତୁ ଏହି ସୁଯୋଗ ସମସ୍ତଙ୍କୁ ମିଳି ନ ଥାଏ । ହେଲେ ଏମିତି କିଛି ଭକ୍ତ ଅଛନ୍ତି ଯେଉଁମାନେ ବିଶ୍ୱନିୟନ୍ତାଙ୍କ ପାଇଁ ଯଦି ସାମାନ୍ୟତମ ସହଯୋଗ ପ୍ରଦାନ

**୧କିଗ୍ରା ୬୦ ଗ୍ରାମର ଦୁଇଟି ତିଳକ ଦେଇଛନ୍ତି ଗୁଜରାଟର ଭକ୍ତ**



କରନ୍ତି ସେଥିରେ ସେ କୃତାର୍ଥ ହୋଇଥାନ୍ତି । ଏଭଳି ମାନସିକତା ଯୋଗୁ ଶ୍ରୀମନ୍ଦିରକୁ ବିଭିନ୍ନ ସମୟରେ ସୁନା, ରୁପା, ଟଙ୍କା ଇତ୍ୟାଦି ଦାନ ଆକାରରେ ଆସିଥାଏ । ମହାପ୍ରଭୁଙ୍କ ପ୍ରତି ଏମିତି ଗଭୀର ଭକ୍ତି ଓ ବିଶ୍ୱାସ ରଖିଥିବା ଗୁଜରାଟର ଜଣେ ଭକ୍ତ ମଙ୍ଗଳବାର ଠାକୁରଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ସମର୍ପଣ କରିଛନ୍ତି । ଦୈନନ୍ଦିନ ବେଶରେ ଲାଗୁଥିବା ଦୁଇଟି ସ୍ୱର୍ଣ୍ଣ ତିଳକ ପ୍ରଦାନ କରିଛନ୍ତି । ଏହାର ଓଜନ ପ୍ରାୟ ୧କିଗ୍ରା ୬୦ଗ୍ରାମ ରହିଛି । ଏଥିସହିତ ଶ୍ରୀମନ୍ଦିର ଭିତରେ ନାରାୟଣ, ସାକ୍ଷୀଗୋପାଳଙ୍କ ପାଇଁ ୩ଟି ରୂପା ମୁକୁଟ ଦେଇଛନ୍ତି ଗୁଜରାଟ ଅହମ୍ମଦାବାଦର ଭକ୍ତ ଚିରାଗ ଚିନୁଭାଇ ପଟେଲ । ମଙ୍ଗଳବାର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଓ ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସଙ୍କୁ ହସ୍ତାନ୍ତର କରିଛନ୍ତି । ଗୁଜରାଟର ସ୍ୱତନ୍ତ୍ର ବଣିଆଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନର ମାପ ଅନୁଯାୟୀ ଏହି ଦୁଇଟି ତିଳକ ତିଆରି କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଶ୍ରୀ ଦାସ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଦାତାଙ୍କୁ ସମ୍ମାନିତ କରିଛନ୍ତି ।

**■ ଚନ୍ଦାହାଣ୍ଡି-ଝରିଗାଁ ଘାଟିରେ ଦୁର୍ଘଟଣା**

## ଯୁବକଙ୍କ ଅଧାଶରୀର ମିଳୁନି

**ଚନ୍ଦାହାଣ୍ଡି, ୧୯।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ -ଚନ୍ଦାହାଣ୍ଡି ଘାଟିରେ ସୋମବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ରାସ୍ତାକଡ଼ରେ ମୃତ ଯୁବକର ଅଧା ଶରୀର ପଡ଼ି ରହିଥିବା ବେଳେ ବାକି ଅଂଶର ପତ୍ତା ମିଳିପାରିନାହିଁ । ମୃତକ ହେଲେ, ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ଚକାମାଲ ଗ୍ରାମର ତୁଳସୀ ପୋଡ଼(୩୫) । ସୂଚନାନୁଯାୟୀ, ସୋମବାର ରାତିରେ ତୁଳସୀ ଝରିଗାଁ ଥାନା ଅଧୀନ କର୍ଲାପଡ଼ା ଗାଁରୁ ଫେରୁଥିବା ବେଳେ ଝରିଗାଁ-ଚନ୍ଦାହାଣ୍ଡି ଘାଟି ବନଦୁର୍ଗା ମନ୍ଦିର ନିକଟ ବୁଲାଣି ପାଖରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସନ୍ଦେହ କରାଯାଉଛି । ତୁଳସୀଙ୍କ ବାପା ବ୍ରଜନାଥ ପୋଡ଼ ଏ ସଂକ୍ରାନ୍ତରେ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଭିଜିଲାନ୍ସରେ ସାମିଲ୍ ସାଇବର୍ ଏକ୍ସପର୍ଟ ଟିମ୍

**ଭୁବନେଶ୍ୱର,୧୯ ।୧୨(ସମିସ):** ଭିଜିଲାନ୍ସ ଟିମ୍‌ରେ ସାମିଲ୍ ହେବେ ସାଇବର୍ ଏକ୍ସପର୍ଟ । ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ହେଉ ଅବା କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଟଙ୍କା ଲୁଚାଇ ରଖନ୍ତୁ; ଏସବୁ ଯାଞ୍ଚ କରି ସାଇବର ଏକ୍ସପର୍ଟ ଟିମ୍ ଦୋଷୀଙ୍କୁ

- କ୍ରିପ୍ଟୋ କରେନ୍ସି ମାମଲାର କରିବେ ତଦନ୍ତ
- ଦିଆଯିବ ୬ ମାସର ସ୍ପେଶାଲ ଟ୍ରେନିଂ
- ଲାଞ୍ଚୁଆ ଅଧିକାରୀଙ୍କୁ ଦଣ୍ଡ ଦେବା ପାଇଁ ଡିଜିଟାଲ ପ୍ରମାଣ ଖୋଜିବେ

ଧରାଇଦେବ । ବର୍ତ୍ତମାନ ସ୍ମାର୍ଟଯୁଗରେ ଲାଞ୍ଚୁଆ ଅଧିକାରୀମାନେ ସେମାନଙ୍କ କଳାଧନକୁ ବିଭିନ୍ନ ମାଧ୍ୟମରେ ଲୁଚାଇ ରଖୁଛନ୍ତି । କଳାଧନକୁ ସେମାନେ ପୁଞ୍ଜି ବଜାର, ଅନ୍‌ଲାଇନ୍ ଟ୍ରେଡିଂ, ବିଟ୍-କଏନ୍ ଭଳି କ୍ରିପ୍ଟୋ-କରେନ୍ସି କିମ୍ବା ଚଳଚ୍ଚିତ୍ର ଜଗତରେ ନିବେଶ କରୁଛନ୍ତି । ତେଣୁ ଏସବୁକୁ ଧରିବା ପାଇଁ ଭିଜିଲାନ୍ସରେ ସାଇବର୍ ଏକ୍ସପର୍ଟମାନଙ୍କର ଅଭାବ ଥିଲା । ଫଳରେ ବିଭିନ୍ନ ସମୟରେ ଭିଜିଲାନ୍ସ ତଦନ୍ତରେ ଝୁଣ୍ଟୁଥିଲା । ବାଧ ହୋଇ ଏକ୍ସପର୍ଟଙ୍କୁ ବାହାରୁ ଅଣାଯାଉଥିଲା । କିନ୍ତୁ ଏବେ ଏହି ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହେବାକୁ ଯାଉଛି । ସାମିଲ୍ ହେବାକୁ ଥିବା ସାଇବର ଏକ୍ସପର୍ଟ ଟିମ୍‌କୁ ୬ ମାସର ଟ୍ରେନିଂ ଦିଆଯିବ । କିଭଳି ଡିଜିଟାଲ ଉପାୟରେ ଟଙ୍କା ଅର୍ଜନ କରୁଥିବା ଲାଞ୍ଚୁଆ ଅଧିକାରୀଙ୍କୁ ଧରାଯିବ, ସେ ସଂପର୍କରେ ଅଧିକ ତାଲିମ୍ ଦିଆଯିବ । ଗତବର୍ଷ ଅକ୍ଟୋବର ୨୯ରେ ଗିରଫ ହୋଇଥିବା ଭୁବନେଶ୍ୱର ଆରଡବ୍ଲ୍ୟୁଏସ୍ଏସ୍ ମୁଖ୍ୟଯନ୍ତ୍ରୀ ନୀହାର ରଞ୍ଜନ ଦାସ ଏହି ଉପାୟରେ ୧.୭୫ କୋଟି ଟଙ୍କା କ୍ରିପ୍ଟୋ-କରେନ୍ସି ମାଧ୍ୟମରେ ଟଙ୍କା ରଖିଥିଲେ । ଭିଜିଲାନ୍ସ ଚଢ଼ଉ ସମୟରେ ତାଙ୍କ ଘରୁ କ୍ରିପ୍ଟୋ ସମ୍ବନ୍ଧୀୟ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିଲା । ଏନେଇ ଯାଞ୍ଚ କରିବା ପାଇଁ ଦିଲ୍ଲୀରୁ କ୍ରିପ୍ଟୋ ଏକ୍ସପର୍ଟଙ୍କୁ ଅଣାଯାଇଥିଲା । ସେମାନେ ଜବତ ଡକ୍ୟୁମେଣ୍ଟ ଆଧାରରେ ଯାଞ୍ଚ କରି ଶ୍ରୀ ଦାସଙ୍କ ୧.୭୫ କୋଟି ଟଙ୍କା ଠାବ କରିଥିଲେ । କିନ୍ତୁ ଏବେ ଭିଜିଲାନ୍ସରେ ସାଇବର୍ ଟିମ୍ ସାମିଲ ହେବା ପରେ ଭିଜିଲାନ୍ସ ସୁଦୃଢ଼ ହୋଇଛି । ଆଉ ଏକ ବଡ଼ କଥା ହେଲା, ଗିରଫ ହେଉଥିବା ଲାଞ୍ଚୁଆ ଅଧିକାରୀଙ୍କୁ ଦଣ୍ଡ ଦେବା ପାଇଁ କୋର୍ଟରେ ଭିଜିଲାନ୍ସ ଡିଜିଟାଲ ସମ୍ବନ୍ଧୀୟ ଉପଯୁକ୍ତ ପ୍ରମାଣ ଉପସ୍ଥାପନ କରିବା ନିହାତି ଆବଶ୍ୟକ । ସେ କ୍ଷେତ୍ରରେ ମଧ୍ୟ ଏହି ସାଇବର୍ ଏକ୍ସପର୍ଟ ଟିମ୍ ସହାୟ ହେବ । ଏହି ଟିମ୍ ଡିଜିଟାଲ ପ୍ରମାଣ ଖୋଜି ତାହା କୋର୍ଟରେ ଉପସ୍ଥାପନ କରିବ । ଏହାଦ୍ୱାରା ଦୁର୍ନୀତିଖୋରଙ୍କ ପାଇଁ ଆଉ ବିଶେଷ କୌଣସି ଗଳାବାଟ ରହିବ ନାହିଁ ।

**ରାଉରକେଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

# ପରୀକ୍ଷା ରିପୋର୍ଟରେ ହଇଜା ଭୂତାଣୁ

**ରାଉରକେଲା,୧୯ ।୧୨(ସମିସ):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ରୋଗୀଙ୍କ ମଳ ନମୁନା ପରୀକ୍ଷା ରିପୋର୍ଟରେ ହଇଜା ଭୂତାଣୁ ଚିହ୍ନଟ ହୋଇଛି । ଭିବ୍ରିଓ କଲେରି ଅଥବା କୋମା ବାସିଲସ୍ ଭୂତାଣୁ ରହିଥିବା ସୂଚନା ମିଳିଛି । ତେବେ ଏଥିରେ କୌଣସି ଭୟ କରିବାର ନାହିଁ । ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ରାଉରକେଲା ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର କହିଛନ୍ତି ।

ସେ କହିଛନ୍ତି, ସହରରେ ଝାଡ଼ାବାନ୍ତି କିପରି ଆଉ ନ ବ୍ୟାପିବ, ସେଥିପାଇଁ ଜିଲ୍ଲା ପ୍ରଶାସନ ପୂରା ପ୍ରସ୍ତୁତ ରହିଛି । ଏ ଦିଗରେ ତତ୍ପରତା ପ୍ରକାଶ କରି ଯୁଦ୍ଧକାଳୀନ ଭିତ୍ତିରେ ଫାଟିଥିବା ପାଣି ପାଇପ୍‌ର ମରାମତି କାର୍ଯ୍ୟ ଜାରି ରହିଛି । ସହରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଣି ପାଇପ୍‌ରେ ମୋଟ ୫୧ ସ୍ଥାନରେ ଲିକେଜ୍ ଚିହ୍ନଟ କରାଯାଇଛି । ଏହି ଲିକେଜ୍‌କୁ ବନ୍ଦ କରି ମରାମତି କରିବା ପାଇଁ ୱାଟ୍‌କୋ ବିଭାଗ ପକ୍ଷରୁ ୨୦ ଟିମ୍ ନିୟୋଜିତ କରାଯାଇଛି । ଏବେ ସୁଦ୍ଧା ୩୬ଟି ସ୍ଥାନରେ ମରାମତି ସରିଛି । ଆଉ ୧୪ ସ୍ଥାନ ବାକି ରହିଛି । ଖୁବ୍‌ଶୀଘ୍ର ସେଗୁଡ଼ିକର ମରାମତି ସରିବ ବୋଲି ଡ. ମହାପାତ୍ର କହିଛନ୍ତି । ତେବେ ସରକାରୀ ଡାକ୍ତରଖାନାରେ ଝାଡ଼ାବାନ୍ତି ରୋଗୀ ମୃତ୍ୟୁ ସଂଖ୍ୟା ୫ ରହିଥିବା ସେ ପ୍ରକାଶ କରିଛନ୍ତି । ଅନ୍ୟ ହସ୍ପିଟାଲରେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି, ସେମାନେ ଝାଡ଼ାବାନ୍ତି ସହ ଅନ୍ୟ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି । ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ଏ ଦିଗକୁ ନେଇ ତଦନ୍ତ କରାଯାଉଛି । ୩ ଜଣ ବରିଷ୍ଠ ବିଶେଷଜ୍ଞ ଏହାର ଯାଞ୍ଚ କରୁଛନ୍ତି । ସେମାନେ ରିପୋର୍ଟ ଦେବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଡ. ମହାପାତ୍ର କହିଛନ୍ତି ।



ମଙ୍ଗଳବାର ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଡ. ମହାପାତ୍ର କହିଲେ, ୧୯ ତାରିଖ ସୁଦ୍ଧା ୫୮୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଥିମଧ୍ୟରେ ସହରାଞ୍ଚଳର ୪୨୯ ଏବଂ ବିଭିନ୍ନ ବ୍ଲକରୁ ୧୧୩ ରୋଗୀ ରହିଥିବା ଜଣାପଡ଼ିଛି । ମଙ୍ଗଳବାର ରାଉରକେଲା ସହରର ବିଭିନ୍ନ ଘରୋଇ ଡାକ୍ତରଖାନା ସମେତ ସରକାରୀ ଡାକ୍ତରଖାନାରେ ମୋଟ ୨୮୭ଜଣ ଏବେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରେ କେବଳ ସରକାରୀ ଡାକ୍ତରଖାନାରେ ୧୫୫ ରୋଗୀ ରହିଛନ୍ତି । ଏପର୍ଯ୍ୟନ୍ତ ୨୪୪ଜଣ ଡିସ୍‌ଚାର୍ଜ ହୋଇଛନ୍ତି । ଏବେ ସହରରେ ମୋଟ ୯ଟି ରାପିଡ୍ ରେସପନ୍ସ ଟିମ୍ (ଆରଆଇଟି) କାମ କରୁଛି । ୧୦୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ, ଏଏନ୍‌ଏମ୍ ଘରକୁ ଘର ବୁଲି ରୋଗ ନ ବ୍ୟାପିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସଚେତନ କରୁଛନ୍ତି । ଦୈନିକ ସେମାନେ ୨୫୦୦ରୁ ୩୦୦୦ ଘର ବୁଲି ସଚେତନ କରୁଛନ୍ତି । ଏତଦବ୍ୟତୀତ ଏକ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ନିୟୋଜିତ ହୋଇଛି । ଏହି ମୋବାଇଲ୍ ଟେଷ୍ଟିଂ ୟୁନିଟ୍ ଦୈନିକ ୨୦୦ ନମୁନା ସଂଗ୍ରହ କରୁଛି ।

- ସ୍ଥିତି ନିୟନ୍ତ୍ରଣାଧୀନ: କମିଶନର
- ମୁକାବିଲା ପାଇଁ ପ୍ରଶାସନ ତତ୍ପର
- ଯୁଦ୍ଧକାଳୀନ ଭିତ୍ତିରେ ଫାଟିଥିବା ପାଇପ୍ ମରାମତି
- ୫୧ ଲିକେଜ୍ ଚିହ୍ନଟ: ୨୦ ମରାମତି ଟିମ୍ ନିୟୋଜିତ

ସେଥିମଧ୍ୟରୁ ୪୦ଟି ନମୁନାକୁ କ୍ରମୋଜୋନିକ୍, କଲିଫର୍ମ ପରୀକ୍ଷା ନିମିତ୍ତ ଜାତୀୟ ପରୀକ୍ଷାଗାରକୁ ସ୍ପେକ୍ଟ୍ରୋଟୋପିକ୍ ପରୀକ୍ଷା ପାଇଁ ପଠାଯିବ ବୋଲି ଡ. ମହାପାତ୍ର ସୂଚନା ଦେଇଛନ୍ତି । ୱାଟ୍‌କୋ ପକ୍ଷରୁ ୩୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ସେମାନେ ସହରର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ନଳକୂପ, ଅସ୍ୱାସ୍ଥ୍ୟକର ସ୍ଥାନରେ ବ୍ଲିଚିଂ ପାଉଡର ତଥା ରାସାୟନିକ ପଦାର୍ଥ ସିଞ୍ଚନ କରୁଛନ୍ତି ।

# 'କଅଁଳ ଖରାର ଛାଇ' ଉନ୍ମୋଚିତ



**ଭଦ୍ରକ, ୧୯।୧୨(ସମିସ):** ନାଟ୍ୟକାର ନିର୍ମଳ ରାଉତଙ୍କ ଦ୍ୱାରା ରଚିତ ଗୀତି କବିତା ପୁସ୍ତକ 'କଅଁଳ ଖରାର ଛାଇ' ଓଡ଼ିଶା ଗୀତିକବି ସମାଜ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନରେ ଉନ୍ମୋଚିତ ହୋଇଯାଇଛି। ଲବ୍ଧ ପ୍ରତିଷ୍ଠ ଗୀତିକାର ଗୌର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ତଥା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲିପ ରାଉତରାୟ, ମୁଖ୍ୟବକ୍ତା ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର, ବରେଣ୍ୟ ଅତିଥି ଭାବେ ଆକାଶବାଣୀର ପୂର୍ବତନ ଉପମହାନିର୍ଦ୍ଦେଶକ ଡ.ହୃଷିକେଶ ପାଣି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଲିଙ୍ଗରାଜ ରଥ, ସମ୍ପାଦକ ପ୍ରେମ ଚାନ୍ଦ ମହାନ୍ତି, ପୂର୍ବତନ ସମ୍ପାଦକ ମନୋଜ ପଟ୍ଟନାୟକ, ମନୋଜ ମହାନ୍ତି, ଉପସଭାପତି ପୀତାମ୍ବର ମିଶ୍ର ଏବଂ ୨ଶହରୁ ଅଧିକ କବି କବୟିତ୍ରୀ ଯୋଗ ଦେଇଥିଲେ।

# ବାରିକପୁର ଉଚ୍ଚବିଦ୍ୟାଳୟ ବାର୍ଷିକୋତ୍ସବ

**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ଉତ୍ସବ ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ଶିକ୍ଷାବିତ ଗୟାଧର ସାମଲ, ରବୀନ୍ଦ୍ର କୁମାର ନନ୍ଦ, ନିତ୍ୟାନନ୍ଦ ଦାସ, ପ୍ରଫୁଲ୍ଲ ସାହୁ, ଡା. ନିରଞ୍ଜନ ଓଝା, ପୁରୁଷୋତମ ଧଳ, କମିଟି ସଭାପତି ପ୍ରତାପ ଚନ୍ଦ୍ର ଘଡେଇ, ସମାଜସେବୀ ଉତ୍କଳ କେଶରୀ ବରାଳ, ଜୟସ୍ମିତା ଗୋଛାୟତ, ସୁବାସ ପାତ୍ର, ଅଧ୍ୟାପକ ଅନାଦି ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକୋତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ଛାତ୍ରଛାତ୍ରୀଙ୍କ ସହ ଏ-୧ ଗ୍ରେଡଧାରୀ ବିଦ୍ୟାଳୟର ଛାତ୍ର ପ୍ରିୟବ୍ରତ ଦାସ ଓ ଚାମ୍ପିଅନ ସତ୍ୟପ୍ରକାଶ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରୁ ମ୍ୟାଟ୍ରିକ ପାସକରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତୃଭାଷା ଓଡ଼ିଆରେ ସର୍ବୋଚ୍ଚ ନମ୍ବରଧାରୀଙ୍କୁ ପୁରସ୍କୃତ କରିବାକୁ ପୁରୁଷୋତ୍ତମ ଧଳ ଘୋଷଣା କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ



ମଞ୍ଜୁରୀରୋଡ, ୧୯ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ହର ପାର୍ବତୀ ପଡ଼ିଆ ଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଆଜି ତୃତୀୟ ଦିବସରେ ପହଞ୍ଚିଛି ଯୁବ ନେତା ସୌମ୍ୟରଞ୍ଜନ ଜେନାଙ୍କ ସଂଯୋଜନାରେ ବ୍ଲକ ପ୍ରଶାସନ ପକ୍ଷରୁ ଏହି କ୍ରୀଡା ଉତ୍ସବ ଆୟୋଜନ ହୋଇଛି ଆଜି ତୃତୀୟ ଦିବସରେ ପ୍ରଶାସନ ପକ୍ଷରୁ ବିଡ଼ିଓ ଦେବଦତ୍ତ ଦାଶ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ, ସିପି ପଦ୍ମନାଭ ରାଉତ, ବ୍ଲକ ମଙ୍ଗଳ ଅଧିକାରୀ ସଜୟ ଚାନ୍ଦ, ପିଇଓ ନରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ସେହିଭଳି ବିଧାୟକ ପ୍ରଫୁଲ୍ଲ ସାମଲ ଉତ୍ସବକୁ ଉଦଘାଟନ କରିଥିବା ବେଳେ ୨ୟ ଦିବସରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଏଥିରେ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା କ୍ରୀଡାବିତ ମାନଙ୍କୁ ସ୍ୱାଗତ ଜଣାଇଥିଲେ।

# ୨୬ରେ ଦତ୍ତାତ୍ରେୟ ଜୟନ୍ତୀ

**ଭଦ୍ରକ, ୧୯ ।୧୨(ସମିସ):** ଭଦ୍ରକ ଇଚ୍ଛାପୁର ବାରିକଛକ ତରାଗଣ ଦତ୍ତାତ୍ରେୟ ଶାନ୍ତି ତପୋବନରେ ୨୬ ତାରିଖ ମଙ୍ଗଳବାର ପଣ୍ଡୁ ପୂର୍ଣ୍ଣମୀରେ ଚଳିତ ବର୍ଷ ଦତ୍ତାତ୍ରେୟ ଜୟନ୍ତୀ ଉତ୍ସବ ପାଳିତ ହେବ। ଉକ୍ତ ଉତ୍ସବରେ ମାର୍ଗଦର୍ଶକ ପଣ୍ଡିତ ଗଗନ ଗୁରୁଜୀ ମାର୍ଗଦର୍ଶନ କରିବା ସହ ପ୍ରାଚୀର ମୁନୀ ଋଷି ମାନଙ୍କ ଗ୍ରନ୍ଥରୁ ବିଷୟବସ୍ତୁ ଆଲୋଚନା କରିବେ। ମଣିଷ ଠିକ ଭାବେ ଜୀବନ ଜୀଇଁବା ଏବଂ ସଂସାରିକ ବାଧାବିଘ୍ନରୁ କିପରି ନିଜର ସଂସାରକୁ ସୁରକ୍ଷିତ ରଖିବେ ଓ ବିଭିନ୍ନ ଅଜଣା ରୋଗବ୍ୟାଧିରୁ ବଞ୍ଚିବାର ଉପାୟମାନ ବତାଇବେ। ସଂସାରର ମଙ୍ଗଳ ନିମନ୍ତେ ବିଭିନ୍ନ ଗଛର ଉପକାରିତା ବିଷୟରେ ଆଲୋକପାତ କରିବା ସହିତ ବିଶ୍ୱରୂପ ଶାଳଗ୍ରାମ ଦର୍ଶନ କରାଇବେ ଏବଂ ଉକ୍ତ ଉତ୍ସବରେ ବାପା, ମା, ପୁଅ, ଝିଅ ଏକାଠି ବସି ତାଙ୍କର ଉପାୟମାନ ଥରୁଟିଏ ଶୁଣିବା ଓ ଦେଖିବା ପାଇଁ ଓ ବହୁପ୍ରକାର ଜଡ଼ିବଟିରେ ତିଆରି ଯାହାକି ଡାଇବେଟିସ୍, ଆଣ୍ଠୁଗଣ୍ଠି, କିଡ୍‌ନୀ ଓ ବିଭିନ୍ନ ପେଟରୋଗକୁ ଉପଶମ କରିବା ନିମନ୍ତ ବ୍ୟବସ୍ଥାମାନ କରାଯାଇଛି।

## ଦଶମ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା

# 'ଶ୍ରୀଜଗନ୍ନାଥ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର'

ଭଦ୍ରକ, ୧୯।୧୨(ସମିସ)



ଉତ୍କଳର ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁ ପୁରାଣ, ସାହିତ୍ୟ, ସଙ୍ଗୀତ, ଭଜନ, ଦେବଦାସୀ ନୃତ୍ୟ, ମାହାରୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ, ପଟ୍ଟଚିତ୍ର, ନାଟକ ଆଦି ସାଂସ୍କୃତିକ ଓ ସାରସ୍ୱତ ବିଭବ ସୃଷ୍ଟ ହୋଇଛି। ଶ୍ରୀଜଗନ୍ନାଥ ଓଡ଼ିଆ ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ନାଟକ ଆଦିର ଆଦ୍ୟ ଓ ପ୍ରାଣ କେନ୍ଦ୍ର ବୋଲି ଭଦ୍ରକ ସହର ମଠସାହୀ ସ୍ଥିତ ଗୋପାଳ ଜୀଉ ମଠ ପଡ଼ିଆରେ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଟ୍ରଷ୍ଟ ଦ୍ୱାରା ଆୟୋଜିତ ତଥା ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ଦ୍ୱାରା ପ୍ରୋୟଜିତ ଦଶମ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଚୁର୍ଥ ସଂଧ୍ୟାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ବିପ୍ଳବୀ ଚକ୍ରଧର ବେହେରା ସ୍ମୃତିରେ ଅନୁଷ୍ଠିତ ଚତୁର୍ଥ ସାରସ୍ୱତ ସନ୍ଧ୍ୟାରେ ସାହିତ୍ୟିକ ଓ ସଂଗଠକ ବାବୁଲାଲ ଦାସ ଅଧ୍ୟକ୍ଷତା କରିଥିଲେ ଏବଂ ମହୋତ୍ସବରେ ସଭାପତି ଇଂ. ଅଭୟ ସୁତାର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ରଞ୍ଜନ ରାୟ ଯୋଗ ଦେଇଥିବାବେଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ଭାଗୀରଥୀ ନନ୍ଦଶର୍ମା, ଶିକ୍ଷାବିତ୍ କାର୍ତୀକ ଚନ୍ଦ୍ର ସ୍ୱାଇଁ ବ୍ରହ୍ମକୁମାରୀ ସୁଶ୍ରୀ ପ୍ରଭାତୀ ଭଉଣୀ, ଶିକ୍ଷା ସଂଗଠକ ପ୍ରଭାକର ପରିଡ଼ା, ଶଶିକଳା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ରବିନରାୟଣ ଖିଲାର ସ୍ୱାଗତ ଭାଷଣ, ଆବାହକ ନିହାର ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ କବି ନରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପରିଚାଳନାରେ ମନରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଏବଂ ଶିଶୁ କିଶୋର ଶିଳ୍ପୀ ନୃତ୍ୟ ସଂଗୀତ ପରିବେଶଣ କରିଥିଲେ। ସହ ସମ୍ପାଦିକା କଳ୍ପନା ଜେନା, ଶାନ୍ତନୁ କୁମାର ନାୟକ, ତ୍ରିଲୋକ ବିହାରୀ ରାୟ, ଶଶିକାନ୍ତ ପରିଡ଼ା ଓ ମହେଶ୍ୱର ପଲାଇ ଉକ୍ତ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଭଦ୍ରକ, ୧୯।୧୨(ସମିସ):** ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସାମାଜିକ କାର୍ଯ୍ୟକ୍ରମର ଅଙ୍ଗ ସ୍ୱରୂପ ଆୟୋଜିତ ହୋଇଯାଇଛି। ଏଥିରେ ଭଦ୍ରକ ବ୍ଲକ ବ୍ୟାଙ୍କର ଡାକ୍ତର ମାନସ କୁମାର ବିଶ୍ୱାଳ ଓ କାଉନସେଲର ରତିକାନ୍ତ ବଳଙ୍କ ନେତୃତ୍ୱରେ ଏକ ଟିମ୍ ଡିଗ୍ରୀ କଲେଜରେ ପହଞ୍ଚି ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଉତ୍ସାହିତ ହୋଇ ଏହି ଶିବିରରେ ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୩୦ନମ୍ବର ୱାର୍ଡ ପାରିଷଦ ଉର୍ମିଳା ମାଝୀ, ପ୍ରାକ୍ତନ ପାରିଷଦ ପ୍ରଭାତ ମାଝୀ, ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଗୋବିନ୍ଦ ନାୟକ ଏହି ଶିବିରରେ ଯୋଗଦେଇ ରକ୍ତଦାନର ମହତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କଲେଜ ନୋଡାଲ ଅଫିସର ଅଚ୍ୟୁତାନନ୍ଦ ନାୟକ ଓ ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ସେଖ ସଇମୁର ରହେମାନ ଖାଁ ଏହି ଶିବିରକୁ ସୂଚାରୁ ଭାବେ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସର୍ବଶେଷରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନେ ଏହି ଶିବିରରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟପକ୍ଷରେ ଆଜି ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ପୁରୁଣାବଜାର ଡାକ୍ତରଖାନାର ଡାକ୍ତର ଦୀପକ କୁମାର ଜେନା, ଫାର୍ମାସିଷ୍ଟ ଦିଲିପ କୁମାର ପଣ୍ଡା, ସ୍ୱାସ୍ଥ୍ୟ କର୍ମଚାରୀ କନକ ପଲେଇ, ଦେବସ୍ମିତା, ମଧୁସ୍ମିତା ଭୂୟାଁ, ବର୍ଷାରାଣୀ ନାୟକ ପ୍ରମୁଖ ଯୋଗଦେଇ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମାଗଣା ଔଷଧ ବଣ୍ଟନ ସହ ଆଗାମୀ ଦିନରେ କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଓ ସତର୍କତା ଅବଲମ୍ବନ ପାଇଁ ବାର୍ତା ଦେଇଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଅଧ୍ୟକ୍ଷା ରାଜଶ୍ରୀ ନାୟକଙ୍କ ସମେତ ନୋଡାଲ ଅଫିସର ଅଚ୍ୟୁତାନନ୍ଦ ନାୟକ, ଅଧ୍ୟାପିକା ଲିପିପୁଷ୍ପା ନାୟକ, ଜ୍ୟୋତିଶ୍ରୀ ଖୁଂଟିଆ, ଶତ୍ରୁଘ୍ନ ପତି, ଦେବେନ୍ଦ୍ର ସାହୁ, ଶିକ୍ଷା କର୍ମଚାରୀ ସ୍ମୃତିରଞ୍ଜନ ସ୍ୱାଇଁ, କବିର ପରିଡ଼ା ଓ ବିଶ୍ୱନାଥ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ

**ବାସୁଦେବପୁର, ୧୯ ।୧୨(ସମିସ):** ବାସୁଦେବପୁର ଶାଖା ଓଡ଼ିଶା ମାମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୪୦ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକର ନରସିଂହପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଭିତରେ ଭରି ରହିଥିବା ପ୍ରତିଭା ଅନ୍ୱେଷଣର ମୁଳଲକ୍ଷ ରହିଥିଲେ। ବ୍ଲକର ୩୧ଟି ବିଦ୍ୟାଳୟରୁ ଷଷ୍ଠରୁ ଦଶମ ଶ୍ରେଣୀର ପିଲା ବକ୍ତୃତା, ଏକକ ନୃତ୍ୟ, ସଙ୍ଗୀତ, ନୃତ୍ୟ, କବିତା ଲିଖନ, ପ୍ରବନ୍ଧ ଲିଖନ ଆଦି ୧୦ଟି ବିଭାଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

## ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା



**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ଏହି ବ୍ଲକର ସରସଦା ଦୁର୍ଗାମଣ୍ଡପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୧୨ ଦିନିଆ ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାକୁ ଶିଳ୍ପ ବିକାଶ ଅଧିକାରୀ ଶଶିଶେଖର ବେହେରା ପରିଚାଳନା କରିଥିଲେ। ଆକାଂକ୍ଷୀ ଉଦ୍ୟୋଗ ଯୋଜନାରେ ମନୋନୀତ ହୋଇଥିବା ବ୍ଲକ ଅଞ୍ଚଳର ୩୦ ଜଣ ଯୁବକଙ୍କୁ କଟକସ୍ଥିତ ଓପିଏମ୍‌ଡିସି ନିର୍ଦ୍ଦେଶକ ରବିନାରାୟଣ ସାହୁ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଇଂ. ସୂର୍ଯ୍ୟକାନ୍ତ ବେହେରା ମୁଖ୍ୟଅତିଥି, ପୂର୍ବତନ ସାଧାରଣ ପରିଚାଳକ ପିତାମ୍ବର ପରିଡ଼ା, ବନ୍ଧୁ ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ରମେଶ ଚନ୍ଦ୍ର ନାୟକ, ସରସଦା ଷ୍ଟେଟବ୍ୟାଙ୍କ ଓ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ରହିଥିବା ସୁବିଧା ସୁଯୋଗ ଓ ଏହାର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହ ତାଲିମ ପ୍ରାପ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କେତେକ ତାଲିମପ୍ରାପ୍ତ ଯୁବକଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଉଦ୍ୟୋଗ ଯୋଜନା ଓ ପ୍ରଧାନମନ୍ତ୍ରୀ ଏପ.ଏମ.ଜି. ଯୋଜନାରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଋଣ ଯୋଗାଇବାକୁ ସମ୍ମତି ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଳ୍ପକେନ୍ଦ୍ର ପର୍ଯ୍ୟବେକ୍ଷକ ସୂର୍ଯ୍ୟକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

■ ପାଳିଆବିନ୍ଧା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

# ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଥମେ ରକ୍ତଦାନ କଲେ ଅଧ୍ୟକ୍ଷ



**ତିହିଡ଼ି, ୧୯।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟ, ପାଳିଆବିନ୍ଧାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନି ସୋସିଆଲ ଏକ୍ଟିଭିଟିଜ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ସାମ୍ବାଦିକ ରାମନାରାୟଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟ କୁମାର ପରିଡ଼ା, ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ଦାସ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହିଥିଲେ। କ୍ଲବର ସଂଯୋଜକ ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ସରୋଜ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ପ୍ରଥମେ ଅଧ୍ୟକ୍ଷ ପ୍ରଫେସର ପରିଡ଼ା ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଦସ୍ୟ ବିଜୟ, ଜ୍ୟୋତିପ୍ରକାଶ, ମୃତ୍ୟୁଞ୍ଜୟ, ମଧୁସ୍ମିତା, ସୁଧାଂଶୁ, ଭାରତୀ, ପ୍ରଜ୍ଞାପାରମିତା, ଲିପ୍ସା, ଶୁଭଲଗ୍ନା, ମାନବ୍ରତ, ବର୍ଷା, ସିଦ୍ଧିରୂପା, ବିନିତା, ତିତିକ୍ଷା, ଶର୍ମିଷ୍ଠା ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ମୋଟ ୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭଦ୍ରକ ବ୍ଲଡ ବ୍ୟାଙ୍କ ତରଫରୁ ଡାକ୍ତର ବିମଳା ମିଶ୍ର, ରକ୍ତ ସଂଗ୍ରହ ସଂଯୋଜକ ଗାୟତ୍ରୀ ଓଝା, ସେକ ବୁଦ୍ଧିଆ ଓ ସେମାନଙ୍କର ଟିମ୍ ରକ୍ତ ସଂଗ୍ରହ କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ମେଳା

ମଞ୍ଜୁରୀରୋଡ, ୧୯ ।୧୨(ସମିସ): ଭଣ୍ଡାରିପୋଖରୀ କହରାପୋଖରୀ ସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠ ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ଶିଶୁ ଜାତୀୟ ବିଜ୍ଞାନ କଂଗ୍ରେସ ତଥା ବ୍ଲକସ୍ତରୀୟ ବିଜ୍ଞାନ ମେଳା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ବିଇଓ ଅଧିର କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ଏବିଓ ଉମେଶ ଚନ୍ଦ୍ର ଜେନା, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଅଜୟ ନନ୍ଦ, ଯୁବନେତା ସ୍ୱୟଂବ୍ରତ ଦାସ, ପରିଚାଳନା କମିଟି ସଭାନେତ୍ରୀ ପ୍ରତିମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି ସ୍ୱାଗତ ଭାଷଣ, ଶିକ୍ଷକ ମାୟାଧର ଦାସ ଅତିଥି ପରିଚୟ ପ୍ରଦାନ ଓ ବ୍ଲକ ବିଜ୍ଞାନ ସଂଯୋଜକ ରବୀନ୍ଦ୍ର ମହାରଣା ବିଜ୍ଞାନ ମେଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଚାରକ ଭାବେ ପଦ୍ମନାଭ ପାଣି, ଖଗେଶ୍ୱର ମହାପାତ୍ର, ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ବିଶ୍ୱରଞ୍ଜନ ଷେଣ୍ଟ ଯୋଗ ଦେଇଥିଲେ। ଏହି ଅବସରରେ ୫ଗୋଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ମଧୁସୂଦନ ବେହେରା ଧନ୍ୟବାଦ ଦେଇଥିବା ବେଳେ କେଶବ ଚନ୍ଦ୍ର ସାହୁ ପ୍ରଦୀପ୍ତ ମହାନ୍ତି, ଅର୍ଚ୍ଚନା ଦାସ, ମଧୁସ୍ମିତା ରାଉତ, ଚନ୍ଦ୍ରଶେଖର ପାଠିର, ସୁଧାଂଶୁ ମିଶ୍ର, ଜଗବନ୍ଧୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ମାଣକୁ ଆଉ ବର୍ଷେ ପୂରିବ

# ସରୁନି ସାଳନ୍ଦୀ ସେତୁ ନିର୍ମାଣ କାର୍ଯ୍ୟ

ଆଗରପଡ଼ା, ୧୯ ।୧୨(ସମିସ)

ଆଉ ଦିନ କେଇଟା ପରେ ସରିବ ବର୍ଷ ୨୦୨୩। ତା' ସହିତ ସାଳନ୍ଦୀ ସେତୁ ନିର୍ମାଣକୁ ପୂରିବ ଆଉ ଗୋଟେ ବର୍ଷ। ଉକ୍ତ ସେତୁ ନିର୍ମାଣରେ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇ ସାରିଥିଲେ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁକୁ ୮ ବର୍ଷ ପୁରିବାକୁ ବସିଛି। ଆପ୍ରୋଚ ରୋଡ଼ ଏଥି ପାଇଁ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ଏପ୍ରିଲ ମାସରେ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏବଂ ଗୋଟିଏ ପାର୍ଶ୍ୱର ନିର୍ମାଣ ସରିବା ପରେ ଅପର ପାର୍ଶ୍ୱ (ଆପ୍ରୋଚ ରୋଡ଼)ର ସମସ୍ୟା ଯୋଗୁଁ ଇତି ମଧ୍ୟରେ ୧୯ ମାସ ବିତିଯାଇଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସମସ୍ୟାର ସମାଧାନ ହୋଇଥିବା ନେଇ ବିଭାଗୀୟ ଅଧିକାରୀଙ୍କ ସୂଚନାକୁ ଇତି ମଧ୍ୟରେ ଏକ ମାସ ପୂରିଯାଇଥିଲେ ସୁଦ୍ଧା ଆଉ ଏକ ପାର୍ଶ୍ୱ ଆପ୍ରୋଚ ରୋଡର ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ବିଭାରୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ଟିକିରା-ଶ୍ରୀରାମପୁର ଅଞ୍ଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଆଗରପଡ଼ା; କିନ୍ତୁ ସାଳନ୍ଦୀ ନଦୀ ଏଥିପାଇଁ ବାଧକ ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ତତ୍କାଳିନ ସାଂସଦ ଅର୍ଜୁନ ଚରଣ ସେଠୀ ଓ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହଯୋଗରେ ବିଜୁ ସେତୁ ନିର୍ମାଣ ପାଇଁ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୦୧୬ ଫେବୃୟାରୀ ୪ ତାରିଖରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ରେ କାର୍ଯ୍ୟ ଶେଷ ହେବାର ଥିଲା। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ଅବଧି ସରିବାର ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମାପ୍ତି ହୋଇଥିଲେ ସୁଦ୍ଧା ରାସ୍ତା ସଂଯୋଗୀକରଣ (ଆପ୍ରୋଚ ରୋଡ଼) ନିର୍ମାଣ ଆଉ ଏକ ସମସ୍ୟା ରୂପେ ଠିଆ ହୋଇଆସୁଥିଲା। ପରେ ସେତୁର ଗୋଟିଏ ପାର୍ଶ୍ୱ ଆପ୍ରୋଚ ରୋଡ ସମସ୍ୟାର ସମାଧାନ ହୋଇ ଗତ ବର୍ଷ ଏପ୍ରିଲ ମାସରୁ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଅନ୍ୟ ଏକ ପାର୍ଶ୍ୱ ଆପ୍ରୋଚ ରୋଡ ସମସ୍ୟାର ସମାଧାନ ହୋଇ ସାରିଥିଲେ ସୁଦ୍ଧା ଏହାର ନିର୍ମାଣ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ।



# ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ





ଆଗରପଡ଼ା, ୧୯ ।୧୨(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବକୁ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସ୍କୁଲ ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରକାଶ ବିଶ୍ୱାଳ, ଏସଏମସି ଅଧ୍ୟକ୍ଷ ବର୍ଷାରାଣୀ ମଲ୍ଲିକ, ସାହିତ୍ୟିକ ଜୈନୁଲ ଆବେଦିନ, ସିଆର୍‌ସିସି ନିରଞ୍ଜନ ଖିଲାର ପ୍ରମୁଖ ଉପସ୍ଥିତ ଥଲେ। ପ୍ରଧାନଶିକ୍ଷକ ବିପିନ ବିହାରୀ ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ବନଜିନୀ ନାୟକ, ରଞ୍ଜିତା ସିଅଳ, ସାବିତ୍ରୀ ଦାଶ, ଭାଗ୍ୟଶ୍ରୀ ପଣ୍ଡା, ଷ୍ଟାଲିନ ପାଣିଗ୍ରାହୀ ଏବଂ ବଳରାମ ସେଠୀ ପ୍ରମୁଖ ବିଭିନ୍ନ କ୍ରୀଡ଼ାକୁ ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାତଗୋଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଆମର ଚିରଈପ୍ସିତ ଭବିଷ୍ୟତ ପାଇଁ ନିରନ୍ତର ବିକାଶ ହିଁ ଏକମାତ୍ର ମାର୍ଗ। ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ନ୍ୟାୟ, ପରିବେଶ ସୁରକ୍ଷା ଓ ଦୃଢ଼ ପ୍ରଶାସନିକ ଢାଞ୍ଚା ନିର୍ମାଣ କରେ।
-ବାନ୍ କି ମୁନ୍

ସକାଳ
THE SAKALA

## ଓଡ଼ିଶାରେ ବିକାଶ ଓ ଜନସେବାର ମଙ୍ଗଳ ଶଙ୍ଖ

# ନବୀନ ରୂପାନ୍ତରଣର ନନ୍ଦିଘୋଷ

ବିକାଶ ଏକ ନିରନ୍ତର ପ୍ରକ୍ରିୟା। ଏହା ଲକ୍ଷ୍ୟଭିତ୍ତିକ ଓ ଏକ ନିର୍ଦ୍ଦିଷ୍ଟ ସମୟରୁ ଧାର୍ଯ୍ୟ ହୋଇଥିବା ପରବର୍ତ୍ତୀ ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ କାଳଖଣ୍ଡ ହିସାବରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହୋଇଥାଏ। ବିକାଶ ପ୍ରକ୍ରିୟାରେ ଅନେକକିଛି ସ୍ପଷ୍ଟ ପ୍ରତୀୟମାନ ହୁଏ, ରୂପାନ୍ତରଣର ପ୍ରଭେଦ ବାରି ହୁଏ ଓ ଆଉକିଛି ଦୃଶ୍ୟମାନ ନ ହେଲେ ମଧ୍ୟ ସ୍ପଷ୍ଟ ଅନୁଭବ କରିହୁଏ। ଜନଜୀବନରେ ବିକାଶ ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟ ଓ ସ୍ଥିତିକୁ ଆକଳନ କରିହୁଏ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ମୌଳିକ ଦାୟିତ୍ୱ ହେଲା ଲୋକକଲ୍ୟାଣକୁ ଅଗ୍ରାଧିକାର ଦେବା ସହିତ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା। ଏଥିରେ ତ୍ରୁଟି ଘଟିଲେ ବା ଲୋକେ ସନ୍ତୁଷ୍ଟ ନ ହେଲେ ସରକାରଙ୍କୁ ନିର୍ବାଚନ ସମୟରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼େ। କିନ୍ତୁ ଗୋଟିଏ ସରକାର କ୍ରମାଗତ ଭାବେ ପାଞ୍ଚଥର ନିର୍ବାଚିତ ହେବା ପଛରେ ତାହାର ଶାସନ ଓ ବିକାଶ କାର୍ଯ୍ୟଧାରକୁ ସଂଖ୍ୟାଧିକ ଜନତା ଯେ ସମର୍ଥନ କରୁଛନ୍ତି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଦେଖିଲେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥା ଯେ ଯଥାର୍ଥରେ ବିକାଶକୈନ୍ଦ୍ରିକ ଏଥିରେ ଆଦୌ ସନ୍ଦେହ ନାହିଁ।

୨୦୦୦ ପୂର୍ବର ଓଡ଼ିଶା ଓ ଆଜିର ଓଡ଼ିଶା ମଧ୍ୟରେ ଯେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି, ଏକଥା ସର୍ବଜନବିଦିତ। ଏକଦା ଦାରିଦ୍ର୍ୟ, ଅନାହାର, କୁପୋଷଣ, ଶିଶୁ ଓ ମାତୃ ମୃତ୍ୟୁ, ବେକାରୀ, ଯୋଗାଯୋଗ, କୃଷି, ଶିଳ୍ପ, ଶିକ୍ଷା ଓ ସାମାଜିକ ଦୁଃସ୍ଥିତି ଆଦି ସବୁକ୍ଷେତ୍ରରେ ଅନଗ୍ରସର ରହି ଜାତୀୟ ତାଲିକାରେ ସବାଶେଷରେ ରହିଥିବା ଓଡ଼ିଶା ଏବେ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ସର୍ବଭାରତୀୟ ସ୍ତରରେ ଆଗଧାଡ଼ିର ରାଜ୍ୟଙ୍କ ସହ ସମକକ୍ଷ ହୋଇପାରିଛି। ଓଡ଼ିଶା ବିକାଶର ପ୍ରୟୋଗଶାଳା ପାଲଟିବା ସହିତ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ମଧ୍ୟ ହୋଇଛି। ସବୁଠୁ ଅଧିକ କିଛି ଘଟୁଥିବା (ମୋଷ୍ଟ ହାପେନିଂ) ରାଜ୍ୟ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆମ ରାଜ୍ୟରେ କିଛି ନା କିଛି ପ୍ରଗତିମୂଳକ କାର୍ଯ୍ୟ ଚାଲିଛି।

ଓଡ଼ିଶାର ଏହି ପ୍ରଗତି ପାଇଁ ରାଜ୍ୟ ସରକାର ଓ ଏହାର ରାଜନୈତିକ ନେତୃତ୍ୱକୁ ଭୋଟର କେବଳ ନିରନ୍ତର ବିପୁଳ ସମର୍ଥନ ଯୋଗାଉ ନାହାନ୍ତି, ବରଂ ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ୟୁନିସେଫ୍, ବିଶ୍ୱ ଖାଦ୍ୟ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନିତି ଆୟୋଗ ଏବଂ ଭାରତ ସରକାର ଓ ତାଙ୍କର ବିଭିନ୍ନ ସଂସ୍ଥା ମଝିରେ ମଝିରେ ପ୍ରଶଂସା କରିବା ସହିତ ବିକାଶର ପ୍ରୟୋଗ, ପରୀକ୍ଷା ନିରୀକ୍ଷା ଓ ସଫଳତାକୁ ଅନ୍ୟତ୍ର ମଡେଲ ଭାବେ ଗ୍ରହଣ କରିବାକୁ ଖୋଲାଖୋଲି ମତ ରଖୁଛନ୍ତି। ଏତେସବୁ ସଫଳତା ସତ୍ତ୍ୱେ ରାଜ୍ୟର କେତେକ ଗୋଷ୍ଠୀଙ୍କୁ ଓଡ଼ିଶାର ବିକାଶ ଦେଖା ନ ଯିବା ବା ଅନୁଭୂତ ନ ହେବା କେବଳ ବିଡ଼ମ୍ବନା ନୁହେଁ, ଦୁର୍ଭାଗ୍ୟଜନକ ମଧ୍ୟ। ବିକାଶ ତ ଜଳଜଳ ଦିଶୁଛି, ତେବେ କେତେକଙ୍କୁ ନ ଦେଖାଯିବା ପ୍ରସଙ୍ଗଟା ଦିବ୍ୟ ବିକାଶ ଦୃଷ୍ଟିର ଅଭାବ ବୋଲି ସମୀକ୍ଷକମାନେ ମତ ଦିଅନ୍ତି।

ଓଡ଼ିଶାର ରୂପାନ୍ତରଣ ଏକ ପ୍ରମାଣିକ ସତ୍ୟ। ଆମ ରାଜ୍ୟ ବଦଳିଛି ଓ ବଦଳୁଛି। ପରିବର୍ତ୍ତନର ସୁଦୀର୍ଘ ପ୍ରକ୍ରିୟା ରହିଛି। ଏଥିରେ ଗ୍ଲାସ୍ କେତେ ପୂରଣ ହୋଇଛି ଓ କେତେ ଖାଲି ରହିଛି, ତାହା ଦିବାଲୋକ ପରି ସ୍ପଷ୍ଟ ଦେଖାଯାଉଛି। ଯିଏ ବୁଝିବା ବାଲା ସେ ଗ୍ଲାସର ପୂରଣ ହୋଇଥିବା ଅଂଶ ଦେଖିବ ଏବଂ ତାହାକୁ ମାପିବ; ନିନ୍ଦକଙ୍କୁ ତ ଖାଲି ଅଂଶଟା ହିଁ ଦେଖାଯିବ। ସବୁ ବୁଝି ଯିଏ ଅବୁଝା ହେବ ତାକୁ ଯେତେ ବୁଝାଇଲେ ମଧ୍ୟ ସେ ବଦଳିବ ନାହିଁ। ଏହା ସଂକୀର୍ଣ୍ଣ ମାନସିକତାର ପରିଚୟ। ନକାରାତ୍ମକ ବିଚାରର ଲୋକଙ୍କୁ ବିକାଶ ଓ ସଫଳତା ଦିଶେ ନାହିଁ। ସେଥିପାଇଁ ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଛନ୍ତି ଯେ ବିରୋଧୀଙ୍କୁ ଓଡ଼ିଶାର ବିକାଶ ଓ ପରିବର୍ତ୍ତନ ଦେଖାଯାଉନାହିଁ କିପରି? ସେମାନେ ସରକାରଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା ପ୍ରଚାର ଚଳାଇଛନ୍ତି। ଏହି ଅପପ୍ରଚାର ବିଷୟରେ ରାଜ୍ୟବାସୀ କିନ୍ତୁ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି।

'୫-ଟି' ଓ 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଶ୍ରୀପାଣ୍ଡିଆନ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ସବୁଗୋଷ୍ଠୀ ଓଡ଼ିଶାର ବିକାଶକୁ ଭଲ ଭାବେ ଦେଖି ବୁଝି ହୃଦୟଙ୍ଗମ କରିବା ଆବଶ୍ୟକ। କେତେକ ଗୋଷ୍ଠୀ ପ୍ରଗତିକୁ ନ ଦେଖିଲା ପରି ରହି ସରକାରଙ୍କୁ ସମାଲୋଚନା କରିବା କେବଳ ଶସ୍ତା ରାଜନୈତିକ ବିରୋଧ। ସୁସ୍ଥ ଗଣତନ୍ତ୍ରରେ ଗଠନମୂଳକ ସମାଲୋଚନା ପାଇଁ ସିନା ସ୍ଥାନ ଅଛି! କେବଳ ଦାୟିତ୍ୱବାନ ଓ ସଚ୍ଚା ଜନନେତାମାନେ ଦଳମତ ନିର୍ବିଶେଷରେ ବିକାଶକୁ ଦେଖିପାରନ୍ତି ଏବଂ ଏକ କାମିକା ସରକାରକୁ ପ୍ରଶଂସା କରିଥା'ନ୍ତି। ଆମ ମତରେ ଓଡ଼ିଶାର ସତୁରି ଲକ୍ଷ ମହିଳା 'ମିଶନ୍ ଶକ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାବଲମ୍ବୀ ହୋଇ ସ୍ୱୟଂ ସହାୟିକା ଗୋଷ୍ଠୀରୁ କ୍ଷୁଦ୍ର ଉଦ୍ୟୋଗୀ ଆଡ଼କୁ ଗତିଶୀଳ ହେବାଟା କ'ଣ ମିଥ୍ୟା? ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ କୋଟି ୨୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି, ତାହା କ'ଣ ଅସତ୍ୟ? ରାଜ୍ୟର ୬ ହଜାରରୁ ଅଧିକ ସଂଖ୍ୟକ ସରକାରୀ ସ୍କୁଲ୍ ରୂପାନ୍ତରଣ ପ୍ରକ୍ରିୟାରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପହଞ୍ଚାଉଛନ୍ତି ତାହା ତ ଆମେ ସମସ୍ତେ ଦେଖୁଛେ! ସରକାରୀ ସ୍କୁଲ୍‌ରେ ମୋଟ ଛାତ୍ର ସଂଖ୍ୟା ବେସରକାରୀ ସ୍କୁଲ୍‌ର ଛାତ୍ରସଂଖ୍ୟାଠାରୁ ଯେ ଅଧିକ ହେଲାଣି ତାହା କ'ଣ ପ୍ରଗତିର ପ୍ରମାଣ ନୁହେଁ? କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକ ଆଦିଙ୍କୁ 'କାଳିଆ' ଯୋଜନା ଯେ ଲାଭ ପହଞ୍ଚାଇଛି ଏହା ତ ଜଳ ଜଳ ଦିଶୁଛି। ରାଜ୍ୟ ସାରା ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନ ହୋଇ ଉନ୍ନତ ମାନବ ସମ୍ବଳ ସୃଷ୍ଟି ଓ ନିଯୁକ୍ତିର ନୂଆ ସମ୍ଭାବନା ନିର୍ମାଣ ହୋଇଚାଲିଛି - ଏହା ସ୍ୱୀକାର କରିବାରେ ଅସୁବିଧା କ'ଣ? ଓଡ଼ିଶାର ଦ୍ରୁତ ଶିଳ୍ପାୟନ ନିମନ୍ତେ ସରକାରଙ୍କ ନିରନ୍ତର ବିଶେଷ ଅଭିଯାନ ଫଳସ୍ୱରୂପ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବାଧିକ ପୁଞ୍ଜି ନିବେଶ ହୋଇ ରାଜ୍ୟ ବିକାଶର ଆହୁରି ଉଜ୍ଜ୍ୱଳ ଭବିଷ୍ୟତ ସୂଚାଉ ନାହିଁ କି? ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଉତ୍ତମ ସଫଳତା ଲାଭ କରି ଏବଂ ରାଜ୍ୟ ଅର୍ଥନୀତିରେ ଋଣ ଭାରରେ ଉଲ୍ଲେଖନୀୟ ହ୍ରାସ ଘଟିବା କଥା ଦେଶବିଦେଶରେ ପ୍ରଶଂସା କରାଯାଉଥିବା ବେଳେ ରାଜ୍ୟରେ କେତେକ ଗୋଷ୍ଠୀ ଏହାକୁ କିପରି ଅଣଦେଖା କରୁଛନ୍ତି? ସର୍ବୋପରି ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ର ସମେତ ରାଜ୍ୟସାରା ବହୁ ଧାର୍ମିକ ପୀଠର ପୁନରୁଦ୍ଧାର, ପରିବର୍ଦ୍ଧନ ତଥା ସୌନ୍ଦର୍ଯ୍ୟକରଣ ଯେ ରାଜ୍ୟବାସୀଙ୍କ ହୃଦୟକୁ ଛୁଇଁପାରିଛି ଏହା କିଏ ବା ଅନୁଭବ ନ କରୁଛି? '୫-ଟି' ଓ 'ନବୀନ ଓଡ଼ିଶା', 'ମୋ ସରକାର', 'ମୋ ସ୍କୁଲ୍', 'ମୋ କଲେଜ୍', 'ଜାଗା ମିଶନ୍', ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ, ବିଜୁ ଏକ୍ସପ୍ରେସ୍ ୱେ ଓ ସୁଦୀର୍ଘ ଅର୍ଥନୈତିକ କରିଡର ସ୍ଥାପନ ଆଦି ତଥା ରାଜ୍ୟସାରା କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ଯାହା ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ ଭାବେ ମାନ୍ୟତା ଦେଇଛି, ଏ ସବୁ ଯେ ବିକାଶ ଓ ଜନସେବାର ବାଇଶି ପାହାଚ ସଦୃଶ ପବିତ୍ର ଏ କଥା ସ୍ୱୀକାର କରିବା ପାଇଁ କେତେକ କୁଣ୍ଠିତ କାହିଁକି?

# ଆମେରିକାର ଛଳନା-କୂଟନୀତି



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତସିଂହପୁର, ମୋ: ୯୮୫୩୩୫୫୨୦୭

ଆମେରିକାର କେନ୍ଦ୍ରୀୟ ରାଷ୍ଟ୍ରନୀତି କେଉଁ ଆଦର୍ଶ, କେଉଁ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ବୋଲି କେହି ଯଦି ପଚାରେ, ତେବେ ଜଣେ ତଥାକଥିତ ସଚେତନ ଆମେରିକୀୟ ନିଶ୍ଚୟ ସେହି ସୁବିଶାଳ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ପାଦଦେଶରେ ଉତ୍କୀର୍ଣ୍ଣ ହୋଇଥିବା କବୟିତ୍ରୀ ଏମା ଲାଜାରସଙ୍କ 'ଦି ନିଉ କଲୋସସ୍' କବିତାର ଏଇ କେତୋଟି ପଂକ୍ତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେବ, ଯା'ର ମର୍ମାନୁବାଦ ଏହିପରି -

'ହେ ପୃଥିବୀର ପ୍ରାଚୀନ ଭୂଖଣ୍ଡ ସକଳ! ନିଜ ପାଖରେ ରଖି ଦିଅ ତମର କିମ୍ବଦନ୍ତୀୟ ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ; ରଖିଦିଅ ତମର ମହାର୍ଘ ଐତିହ୍ୟର ଗୌରବୋଜ୍ଜ୍ୱଳ ଗାଥା। ମୋତେ କିନ୍ତୁ ଦେଇଦିଅ ତମର ସେହି ଅଗଣିତ ଦରିଦ୍ର, ବଞ୍ଚିତ, କାକୁସ୍ଥ ଜନସାଧାରଣଙ୍କୁ, ଯେଉଁମାନେ ନିଃଶ୍ୱାସ ନେବାକୁ ବ୍ୟାକୁଳ ହୋଇ ଖୋଜି ଚାଲିଛନ୍ତି ମୁକ୍ତ ପବନ, ମୁକ୍ତ ପରିବେଶ। ଦେଇଦିଅ ମୋତେ ତମର ଅସହାୟ ବୁଭୁକ୍ଷୁମାନଙ୍କୁ। ପଠାଇ ଦିଅ ମୋର ଏହି ସ୍ୱର୍ଣ୍ଣିମ ଭୂମିକୁ ତମର ସକଳ ବାସହୀନ, ଝଡ଼ ବିଧ୍ୱସ୍ତ ନରନାରୀଙ୍କୁ। ଏଇ ଦେଖ, ମୁଁ ଦଣ୍ଡାୟମାନ ମୋ ଭୂଖଣ୍ଡର ସ୍ୱର୍ଣ୍ଣମୟ ଦ୍ୱାରଦେଶରେ। ଏଇ ଦେଖ! ତମର ସେଇ ଦୀନହୀନ, ଅକିଞ୍ଚନ ଅବାଞ୍ଛିତମାନଙ୍କୁ ପଥ ନିର୍ଦ୍ଦେଶ କରିବା ପାଇଁ ମୁଁ ଉତ୍ତୋଳିତ କରୁଛି ମୋ ହାତର ଏଇ ଉଜ୍ଜ୍ୱଳ ପ୍ରଦୀପ।'

ଊନବିଂଶ ଶତାବ୍ଦୀର ଶେଷ ପାଦରେ ନିଉୟର୍କର ପୋତାଶ୍ରୟ ପାଖରେ ନିର୍ମାଣ କରାଯାଇଥିବା ବିପୁଳଦର୍ଶନା ନାରୀର ଉତ୍ତୋଳିତ ହାତରେ ଥିବା ଆଲୋକବର୍ତ୍ତିକାଟି ଥିଲା ସ୍ୱାଧୀନତା, ବିଶ୍ୱୈକ୍ୟଭାବନା ଓ ମାନବିକ ମୂଲ୍ୟବୋଧର ରୂପକ। ସେଇ ପ୍ରତିମୂର୍ତ୍ତିର ପାଦଦେଶରେ ଲିପିବଦ୍ଧ ହୋଇଥିବା ଉପରୋକ୍ତ କବିତା ପଂକ୍ତି ଯେଉଁ ଆଦର୍ଶ, ଯେଉଁ ଭାବବିଚାରର ଉଦ୍‌ଘୋଷଣା କରିଥାଏ, ତାହା ଆମେରିକା ରାଷ୍ଟ୍ରର ପଥପ୍ରଦର୍ଶକ ବାଣୀ ଓ ତାହା ଆମେରିକୀୟମାନଙ୍କ ଜୀବନଦୃଷ୍ଟି ତଥା ବିଶ୍ୱଦୃଷ୍ଟି ବୋଲି ଗ୍ରହଣ କରିବାକୁ ଆମମାନଙ୍କୁ କେତେ କେତେ ବ୍ୟାଖ୍ୟାନ ମାଧ୍ୟମରେ ପ୍ରଭାବିତ କରାଯାଇଥାଏ। କିନ୍ତୁ ବାସ୍ତବତା ହେଉଛି ବିମର୍ଷକର ଓ ବିବ୍ରତକର। ଆଜି ଆମେ ଯେଉଁ ଆମେରିକାକୁ ଦେଖୁଛେ, ଯା'ର ଛଳନାପୂର୍ଣ୍ଣ ନୀତି ଓ ରଣନୀତି ଆମକୁ ସର୍ବଦା ଆନ୍ଦୋଳିତ କରି ଚାଲିଛି, ସେହି ଆମେରିକା 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' ପ୍ରତୀକିତ କରୁଥିବା ଉଜ୍ଜ୍ୱଳ ଆଦର୍ଶର ପାଳନ କେବଳ ଉଲ୍ଲଂଘନ ମାଧ୍ୟମରେ ହିଁ କରୁଛି ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ।

ଦିନ ଥିଲା, ଯେତେବେଳେ ଅନ୍ୟ ଦେଶର, ବିଶେଷକରି ଅନୁନ୍ନତ ଆଫ୍ରିକୀୟ ଓ ଏସୀୟ ଦେଶର ବଞ୍ଚିତ ଅଥଚ ସ୍ୱପ୍ନଭୁକ୍ ମଣିଷମାନେ 'ଆମେରିକାନ୍ ଡ୍ରିମ୍' ବା 'ଆମେରିକୀୟ ସ୍ୱପ୍ନ'ର ଆକର୍ଷଣରେ ଛୁଟି ଆସୁଥିଲେ କଲମ୍ବସଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଏଇ ବିସ୍ତୀର୍ଣ୍ଣ, ବହୁ ସମ୍ଭାବନାମୟ ଭୂଖଣ୍ଡକୁ। ଦିନଥିଲା, ଯେତେବେଳେ ଜର୍ଜ ୱାଶିଂଟନ, ଜେଫରସନ୍, ଲିଙ୍କନ୍‌ଙ୍କ ଏଇ ଦେଶ ସମଗ୍ର ମାନବଜାତିକୁ ନବ ଚିନ୍ତନର ଆଲୋକରେ ଉଦ୍‌ଭାସିତ କରୁଥିଲା। ଇମରସନ୍, ଥରୋ, ହ୍ୱିଟମ୍ୟାନଙ୍କ ପରି କବି ଦାର୍ଶନିକମାନଙ୍କ ଏଇ ଭୂଖଣ୍ଡ ଥିଲା ଅନେକଙ୍କ ପାଇଁ ଜ୍ଞାନାନ୍ୱେଷଣର ଦୀପଦଣ୍ଡୀ। କିନ୍ତୁ ବିଡ଼ମ୍ବନାର ବିଷୟ, ଏଇ ମହାନ୍ ମାନବୀୟ ସଂସ୍କୃତି ଓ ଐତିହ୍ୟସମ୍ପନ୍ନ ଆମେରିକା ଏବେ ବହୁକ୍ଷେତ୍ରରେ ଘୋର ବିବାଦାସ୍ପଦ ପଦକ୍ଷେପମାନ ନେଇ ଚାଲିଛି। ଆଜି ଏହା ଆଉ କେବଳ ଦରିଦ୍ର ବଞ୍ଚିତମାନଙ୍କ ପାଇଁ ଓ ଏହାର ମୁକ୍ତବଜାରଭିତ୍ତିକ ତଥା ପ୍ରତିଦ୍ୱନ୍ଦ୍ୱିତାମୂଳକ ଅର୍ଥନୈତିକ ପରିବେଶରେ ଆପଣାର ବ୍ୟବସାୟିକ ମହତ୍ତ୍ୱାକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ ବିଶ୍ୱର କୋଣଅନୁକୋଣରୁ ଏଠାକୁ ଛୁଟି ଆସୁଥିବା ଉଦ୍ୟୋଗୀମାନଙ୍କ ପାଇଁ ତା'ର ଦ୍ୱାର ଉନ୍ମୁକ୍ତ ରଖିନାହିଁ, ବରଂ ଦ୍ୱାର ଉନ୍ମୁକ୍ତ କରି ଦେଇଛି ଯାବତୀୟ ଧରଣର ଅସାମାଜିକ ତତ୍ତ୍ୱମାନଙ୍କ ପାଇଁ, ଯାବତୀୟ କୁଟିଳ ଆଦର୍ଶର ପ୍ରତିପାଳକ ଓ ପୃଷ୍ଠପୋଷକତା କରୁଥିବା ତତ୍ତ୍ୱମାନଙ୍କ ପାଇଁ। ଏଇ ଯେପରି - ଆମ ଦେଶ ଭାରତର ସାର୍ବଭୌମତା ପ୍ରତି ଘୋର ବିପଦ ସୃଷ୍ଟି କରୁଥିବା ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ପନ୍ନୁନ ପାଇଁ ଏହା ଏବେ ଏକ ନିରାପଦ ଆଶ୍ରୟସ୍ଥଳ ପାଲଟି ଯାଇଛି।

ବିଶ୍ୱର ପ୍ରତ୍ୟେକ ଦେଶର ଅଖଣ୍ଡ ସର୍ବଭୌମତାର ସତର୍କ ପ୍ରହରୀ ବୋଲି ଦାବି କରୁଥିବା ଆମେରିକାର କାର୍ଯ୍ୟକଳାପ, ବିଶେଷକରି ତା'ର ବିଦେଶ ନୀତି ଅନେକ ଦେଶର ସାର୍ବଭୌମତା ପ୍ରତି ବିପଦ ହିଁ ସୃଷ୍ଟି କରିଛି। ମାନବବାଦୀ ମୂଲ୍ୟବୋଧ, ବ୍ୟକ୍ତି ସ୍ୱାଧୀନତା ଓ ମୁକ୍ତ ବିଚାରର ଆଳରେ ଆମେରିକା ପନ୍ନୁନ୍ ଭଳି ଜଣେ ଉଗ୍ର ଖଲିସ୍ତାନୀ ସମର୍ଥକକୁ ନିର୍ଭୟରେ ତା'ର ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲୁ ରଖିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇ ଚାଲିଛି। ବିଡ଼ମ୍ବନାଟି ହେଉଛି- ଭାରତ ସହିତ ଥିବା ବନ୍ଧୁତାପୂର୍ଣ୍ଣ ସମ୍ପର୍କକୁ ଦୃଢ଼ରୁ ଦୃଢ଼ତର କରୁଥିବାର ଏକ ଛଳନାପୂର୍ଣ୍ଣ ପ୍ରତ୍ୟୟ ସୃଷ୍ଟି କରିବା ସହ ଭାରତର ବିଭାଜନ ପାଇଁ କୂଟ ମସୁଧା କରୁଥିବା ଜଣେ ଆତଙ୍କବାଦୀକୁ ଏହା ପରୋକ୍ଷରେ ପ୍ରୋତ୍ସାହନ ଦେଇ ଚାଲିଛି।

ଆମେରିକାର ଏଇ ବିରୋଧାଭାସପୂର୍ଣ୍ଣ ନୀତି ଅତୀତରେ କେତୋଟି ଦେଶର ନାଗରିକମାନଙ୍କ ପାଇଁ ଦାରୁଣ ଯନ୍ତ୍ରଣା ଓ ଶୋଷଣର କାରଣ ହେବାର ବହୁ ଦୃଷ୍ଟାନ୍ତ ରହିଛି। କମ୍ୟୁନିଜମ୍(ବାମପନ୍ଥୀ ଚିନ୍ତାଧାରା)ର ପ୍ରସାର, ପ୍ରଚାରକୁ ପ୍ରତିହତ କରିବାର ଦାହି ଦେଇ ଏହା ଭିଏତନାମକୁ ଆକ୍ରମଣ କରିଥିଲା। ବର୍ଷ ବର୍ଷ ଧରି ଭିଏତ୍‌ନାମର ଜନସାଧାରଣଙ୍କୁ ଭୟଙ୍କର ଦୁଃସ୍ଥିତିକୁ ଠେଲି ଦେଇଥିଲା। ୨୦୦୧ ମସିହା ସେପ୍ଟେମ୍ବର ୯ ତାରିଖରେ ଉଗ୍ରବାଦୀମାନଙ୍କ ଦ୍ୱାରା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଧ୍ୱଂସ ହେବା ପରେ ପରେ ଉଗ୍ରବାଦର ବିଲୋପ କରିବା ଆଳରେ ଏହା ଆଫଗାନିସ୍ତାନର ଶାସନ, ପ୍ରଶାସନରେ ହସ୍ତକ୍ଷେପ କଲା, ତାଲିବାନମାନଙ୍କ ବିରୋଧରେ ଆଫଗାନିସ୍ତାନ ଭୂମିରେ ନାନା ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରି ନାଗରିକମାନଙ୍କ ପାଇଁ ଅକଥନୀୟ ଦୁର୍ଦ୍ଦଶା ସୃଷ୍ଟି କଲା। ମାତ୍ର ଯେତେବେଳେ ଉଗ୍ରବାଦର ବିଲୋପନ ପରିବର୍ତ୍ତେ ଏହା ଆହୁରି ପ୍ରଜ୍ୱଳିତ ହେବାକୁ ଲାଗିଲା ଓ ଆଫଗାନିସ୍ତାନରେ ଆମେରିକାର ଉପସ୍ଥିତି ବିରୋଧରେ ଜନଆକ୍ରୋଶ ତୀବ୍ରରୁ ତୀବ୍ରତର ହେଲା, ଚରମ ଅଦୂରଦର୍ଶୀ ପଦକ୍ଷେପ ନେଇ ଏହା ସେଇ ଉଗ୍ରବାଦୀମାନଙ୍କ ହାତରେ ସେ ଦେଶର ଅସହାୟ ନାଗରିକମାନଙ୍କୁ ଛାଡ଼ି ଦେଇ ଆସିଲା। ଇରାକର ରାଷ୍ଟ୍ରପତି ସଦ୍ଦାମ ହୁସେନ୍ ଗୁପ୍ତରେ ରାସାୟନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବାର ଆପାତତଃ ପ୍ରମାଣବିହୀନ ଦାବିକୁ ବିଶ୍ୱବାସୀଙ୍କ ପାଖରେ ଦୋହରାଇ ବିଶ୍ୱର ଏହି ସର୍ବଶକ୍ତିମାନ ଦେଶ ଇରାକ ଉପରେ ଆକ୍ରମଣ କଲା ଓ ଲକ୍ଷାଧିକ ନିରୀହ ନାଗରିକଙ୍କୁ ମରଣମୁହଁକୁ ଠେଲି ଦେଲା। ଏଇ ତିନୋଟି ଦେଶର ଦୁର୍ଦ୍ଦଶା ବ୍ୟତୀତ ଆହୁରି ଅନେକ ଛୋଟ ବଡ଼ ଦେଶ ଆମେରିକାର ସ୍ୱାର୍ଥପର କୂଟନୀତି ଓ ବିଦେଶ ନୀତିର ଶରବ୍ୟ ହୋଇଛନ୍ତି, ଯାହା ବିଶଦ୍ ଭାବରେ ଏଠାରେ ଉଲ୍ଲେଖ କରାଗଲେ ଏ ଆଲେଖ୍ୟଟି ଖୁବ୍ ଦୀର୍ଘ ହୋଇଯିବ। ଏହା ହେଉଛି ବର୍ତ୍ତମାନର ଆମେରିକା, ଏହା ହେଉଛି 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକା, ଉଚ୍ଚ ମାନବିକ ଆଦର୍ଶ ଓ ଗଣତାନ୍ତ୍ରିକ ବିଚାରଧାରାର ଡିଣ୍ଡିମ ପିଟି ଚାଲିଥିବା ଆମେରିକା।

କାନାଡ଼ାରେ ଅବସ୍ଥାନ କରୁଥିବା ଖଲିସ୍ତାନୀ ଆତଙ୍କବାଦୀ ନିଜ୍ଜାରର ମୃତ୍ୟୁ ପଛରେ ଭାରତର ହାତ ଅଛି ବୋଲି ଯେତେବେଳେ ସେ ଦେଶର ପ୍ରଧାନମନ୍ତ୍ରୀ ଅସ୍ଥିରମନା, ଅପରିପକ୍ୱ ଟ୍ରୁଡୁ ଦାବି କଲେ, ଆମେରିକାର ବାଇଡେନଙ୍କ ସରକାର ତୁରନ୍ତ ଏହି ଦାବିକୁ ସମର୍ଥନ କରୁଥିବାର ପରୋକ୍ଷ ସୂଚନା ଦେଇ ଚାଲିଲା ଓ ଭାରତ କାନାଡ଼ାର ଏଇ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁ ବୋଲି ଚାପ ପ୍ରୟୋଗ ଆରମ୍ଭ କରି ଦେଲା। ଆମେରିକା ବହୁପୂର୍ବରୁ ଜାଣିଥିଲା ଯେ କାନାଡ଼ାରେ ଆଶ୍ରୟ ନେଇଥିବା ନିଜ୍ଜାରକୁ ଭାରତ ଜଣେ ଅପରାଧୀ ଭାବରେ ଘୋଷଣା କରିଛି ଓ କାନାଡ଼ାରେ ତା'ର ଭାରତ ବିରୋଧୀ କାର୍ଯ୍ୟକଳାପ ତଥା ବିଚ୍ଛିନ୍ନତାବାଦୀ ଭାଷଣବାଜି ସମ୍ପର୍କରେ ବାରମ୍ବାର ଉଦ୍‌ବେଗ ପ୍ରକାଶ କରି ଆସିଛି। ଭାରତ ଅନେକଥର ଆମେରିକାକୁ କାନାଡ଼ା କିପରି ଖଲିସ୍ତାନୀ ସମର୍ଥକମାନଙ୍କ କ୍ରୀଡ଼ାଭୂମି ପାଲଟି ଯାଇଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରମାଣ ଦେଇଥିଲେ ମଧ୍ୟ ସେ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ଆମେରିକା ନେଇ ନାହିଁ। ତେଣୁ ଏବେ ଯେତେବେଳେ ଆମେରିକା ପନ୍ନୁନର ସମର୍ଥନରେ ବାହାରିଛି ଓ ତା'ର ଜୀବନପ୍ରତି ଭାରତ ଆଡୁ ବିପଦ ସୃଷ୍ଟି ହେବାର ଆଶଙ୍କା ଅଛି ବୋଲି କ୍ଷୋଭ ପ୍ରକାଶ କରୁଛି, ସେତେବେଳେ ଆମେ ବିସ୍ମୟ ପ୍ରକାଶ କରିବାର କୌଣସି କାରଣ ନାହିଁ। କାରଣ ଆମେ ଜାଣିଛେ ଯେ ଏଇ ପ୍ରକାରର ଛଳ ନୀତି, ଆଦର୍ଶ, ଆଚରଣ, ଉଚ୍ଚାରଣରେ ଆମେରିକା ଖୁବ୍ ପୋଖତ। ଯେଉଁ ଆମେରିକା ବିନ୍ ଲାଡେନକୁ ହତ୍ୟା କରିବା ପାଇଁ ପାକିସ୍ତାନର ଆବୋଟ୍ଟାବାଦରେ ରାତି ଅଧରେ ପ୍ରବେଶ କରିଥିଲା ଏବଂ ଏଭଳି କାର୍ଯ୍ୟାନୁଷ୍ଠାନ କୌଣସି ଅନ୍ତର୍ଜାତୀୟ ନୀତି ନିୟମର ବିରୋଧାଚରଣ କରୁନାହିଁ ବୋଲି ସ୍ଥିର ନିଶ୍ଚିତ ଥିଲା, ସେଇ ଆମେରିକା ଆଜି ଭାରତକୁ ହିତୋପଦେଶ ଦେବା ଆରମ୍ଭ କରି ଦେଇଛି।

ଅବଶ୍ୟ ଏହା ସତ୍ୟ ଯେ ଅନ୍ୟ ଏକ ଦେଶର ଜଣେ ନାଗରିକର ଜୀବନ ପ୍ରତି ଭାରତ ଯଦି ବିପଦ ସୃଷ୍ଟି କରୁଥାଏ, ଏହା ଦୋଷାବହ। ବିନାନୁମତିରେ ଅନ୍ୟ ଏକ ଦେଶରେ ପ୍ରବେଶ କରି ଏହାର କୌଣସି ନାଗରିକକୁ ହତ୍ୟା କରିବାର ମସୁଧା ଯଦି ପ୍ରକୃତରେ ଭାରତ କରିଥାଏ, ତାହା ନିଶ୍ଚିତ ଭାବରେ ନୀତିବିରୁଦ୍ଧ। ପନ୍ନୁନ୍‌କୁ ହତ୍ୟା କରିବା ପାଇଁ ଭାରତ ଜଣେ ଆତତାୟୀକୁ ନିୟୋଜିତ କରିଛି ବୋଲି ଆମେରିକା ଯେଉଁ ଅଭିଯୋଗ କରିଛି, ତାହା ସତ୍ୟ ପ୍ରମାଣିତ ହେଲେ ଅନ୍ତର୍ଜାତୀୟ ସ୍ତରରେ ଭାରତର ଭାବମୂର୍ତ୍ତି ନିଶ୍ଚୟ କ୍ଷୁଣ୍ଣ ହେବ। ତେବେ ଭାରତ ବିରୁଦ୍ଧରେ ଏଭଳି ଗୁରୁତର ଅଭିଯୋଗ ଆଣିବା ପୂର୍ବରୁ ଆମେରିକା ଚିନ୍ତା କରିବା କଥା ଯେ ପନ୍ନୁନ୍‌ଠାରୁ କାହିଁ କେତେଗୁଣ ବଡ଼ ଅପରାଧୀ ଦାଉଦ୍ ଇବ୍ରାହିମ୍ ବିରୋଧରେ ଭାରତ ସମସ୍ତ ଦକ୍ଷତା ଥାଇ ସୁଦ୍ଧା ଏ ଯାବତ୍ ଏଭଳି କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଆମେରିକା ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ପନ୍ନୁନ୍ ଭଳି ଜଣେ ଚରମ ଭାରତ-ବିଦ୍ୱେଷୀ ବ୍ୟକ୍ତିକୁ ଆଶ୍ରୟ ଦେଇ ଭାରତ ପ୍ରତି ଘୋର ଅନ୍ୟାୟ କରିଛି। ଭାରତୀୟମାନଙ୍କ ବିଶ୍ୱାସ ଓ ସଦିଚ୍ଛା ପ୍ରତି କୁଠାରାଘାତ କରିଛି। ଏ କ୍ଷେତ୍ରରେ ଭାରତ ଯଦି ଉଦ୍‌ବେଗ ପ୍ରକାଶ କରୁଥାଏ କିମ୍ବା ପ୍ରତିକ୍ରିୟା ସ୍ୱରୂପ ଆମେରିକାରେ ବସବାସ କରୁଥିବା କେହି ଦେଶପ୍ରେମୀ ଭାରତୀୟ ପନ୍ନୁନ ଭଳି ଜଣେ ଆତଙ୍କବାଦୀ ବିରୋଧରେ ଭିନ୍ନ କେଉଁ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଉଦ୍ୟମ କରୁଥିବେ, ତାହା ଯେତେ ଗର୍ହିତ ହୋଇଥିଲେ ମଧ୍ୟ ଅନେକଙ୍କ ଦୃଷ୍ଟିରେ ଅକ୍ଷମଣୀୟ ବିବେଚିତ ହୋଇ ନ ପାରେ।

# ପ୍ରଜ୍ଞାପ୍ରତିଭୂ ସୁଦର୍ଶନ ଆଚାର୍ଯ୍ୟ



ଡ. ବାସନ୍ତୀ ମହାନ୍ତି
ଭୁବନେଶ୍ୱର, ମୋ: ୯୪୩୭୦୩୩୦୭୪

ଡ. ସୁଦର୍ଶନ ଆଚାର୍ଯ୍ୟ ଜନ୍ମ ହୋଇଥିଲେ ଏକ ସଂସ୍କୃତିସମ୍ପନ୍ନ ସମ୍ଭ୍ରାନ୍ତ ପଣ୍ଡିତ ପରିବାରରେ। ଯେଉଁ ପରିବାର ଦୀର୍ଘ ଛଅ ପିଢ଼ି ଧରି ଜ୍ଞାନଗରିମାର ଦୀପଶିଖାରେ ଓଡ଼ିଶାର ସାରସ୍ୱତ ଜଗତକୁ ଆଲୋକିତ କରି ରଖିଥିଲେ। ଶ୍ରୀଯୁକ୍ତ ସୁଦର୍ଶନ ଆଚାର୍ଯ୍ୟ ସେହି ପାଣ୍ଡିତ୍ୟ ପରମ୍ପରାର ଶେଷ ଉତ୍ତରଦାୟାଦ। ସୁଦର୍ଶନଙ୍କ ପୈତୃକ ବାସଭୂମି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଜରଡ଼ାର ସୁବର୍ଣ୍ଣପୁର ଜିଲ୍ଲା। ୧୯୩୯ ମସିହା ଜାନୁୟାରୀ ୨୮ ତାରିଖ ତାଙ୍କର ଜନ୍ମ। ପିତା ପଣ୍ଡିତ ଯତିରାଜ ଆଚାର୍ଯ୍ୟ ନିଜ କର୍ମକ୍ଷେତ୍ର ଆନ୍ଧ୍ରପ୍ରଦେଶର ମଞ୍ଜୁଷାରେ ଅବସ୍ଥାନ କାଳରେ ସେ ସେହିଠାରେ ଭୂମିଷ୍ଠ ହୋଇଥିଲେ। ମାତାଙ୍କ ନାମ ରୁକ୍ମିଣୀ ଦେବୀ। କେବଳ ସାହିତ୍ୟ ନୁହେଁ, ଜ୍ୟୋତିଷ ଶାସ୍ତ୍ର, କର୍ମକାଣ୍ଡ, ଆୟୁର୍ବେଦ, ବ୍ୟାକରଣ ପରି ଶାସ୍ତ୍ର ସଂହିତାମାନ ରଚନା କରି ବଂଶାନୁକ୍ରମେ ଗୋଟିଏ ପାଣ୍ଡିତ୍ୟଧାରା ଅବ୍ୟାହତ ରଖିଥିଲେ ଶ୍ରୀଆଚାର୍ଯ୍ୟଙ୍କ ପୂର୍ବଜ। ତାଙ୍କର ବୃଦ୍ଧ ପ୍ରପିତାମହ ପଣ୍ଡିତ ଆଚାର୍ଯ୍ୟ 'ସାତ୍ୱତ ବ୍ରହ୍ମ ସଂହିତା', 'ସୁଭାଷିତ ରତ୍ନ ଭଣ୍ଡାରାଗାର', 'କବୀନ୍ଦ୍ର ବଚନ ସମୁଚ୍ଚୟ' ଆଦି ଗ୍ରନ୍ଥମାନଙ୍କର ରଚୟିତା ଓ ସଂକଳକ ଥିଲେ। ତାଙ୍କର ପ୍ରପିତାମହ ପଣ୍ଡିତ ନାରାୟଣ ଆଚାର୍ଯ୍ୟ 'ଲଘୁଚନ୍ଦ୍ରିକା ସାର ସଂଗ୍ରହ', 'ପାର୍ଥ ସାରଥି ସ୍ତବ' ଆଦି ରଚନା କରିଥିଲେ। ପିତାମହ ପଣ୍ଡିତ ମୋହନ ଆଚାର୍ଯ୍ୟ 'ଲଘୁ ଚନ୍ଦ୍ରିକା'ର ସୁବୋଧିନୀ ଟିକାକାର। ଏହି ପରମ୍ପରା ତାଙ୍କ ପିତାଙ୍କ ବେଳକୁ ଆହୁରି ସମୃଦ୍ଧ ହୋଇଥିଲା। ପିତା ଯତିରାଜ ଆଚାର୍ଯ୍ୟ 'ଶ୍ରୀକୃଷ୍ଣ ଚରିତ', 'କଳାକର ବିଳାସ', 'ସ୍ୟମନ୍ତକାଭ୍ୟୁଦୟ', 'ବିଦଗ୍ଧ ବଲ୍ଲଭ', 'ହଂସଦୂତ', 'ଲଘୁସିଦ୍ଧାନ୍ତ ଚନ୍ଦ୍ରିକା', 'ମନ୍ତ୍ରରତ୍ନ ପ୍ରବୀଣା', 'ସୁଦର୍ଶନ ଯଜ୍ଞ ପଦ୍ଧତି' ଆଦି ଆହୁରି ଅନେକ ଗ୍ରନ୍ଥର ରଚୟିତା ଥିଲେ। ମାତା ରୁକ୍ମିଣୀ ଦେବୀ ଅଷ୍ଟାଦଶ ପୁରାଣରେ ଅଭିଜ୍ଞା ଥିଲେ।

ଏହିଭଳି ଏକ ଐତିହ୍ୟ ସମ୍ପନ୍ନ ପ୍ରବାହକୁ ଧାରଣ କରି ଶୀର୍ଷ ସ୍ଥାନରେ ଉପନୀତ କରିପାରିଥିଲେ ସୁଦର୍ଶନ ଆଚାର୍ଯ୍ୟ। ପାରିବାରିକ ଗୁଣସୂତ୍ର ଅନୁସାରେ ପୋଥି ସଂରଚନା ଓ ସଂରକ୍ଷଣ ତାଙ୍କର ଅସ୍ଥିମଜ୍ଜାଗତ ହୋଇସାରିଥିଲା। ପ୍ରଫେସର ଆଚାର୍ଯ୍ୟଙ୍କର ପାଣ୍ଡିତ୍ୟ ପ୍ରତିଭା ସୃଜନଶୀଳତା, ସଂସ୍କୃତ ପୋଥି ସମୂହର ଅଧ୍ୟୟନ ଓ ସମ୍ପାଦନା ଆଦି ସୃଷ୍ଟିଧର୍ମୀ କର୍ମ କେବଳ ସଂସ୍କୃତ ଭାଷା ଭିତରେ ଆବଦ୍ଧ ନଥିଲା। ହିନ୍ଦୀ, ପ୍ରାକୃତ, ତେଲୁଗୁ, ବଙ୍ଗାଳୀ, ଇଂରେଜୀ ଆଦି ଭାଷାରେ ସେ ବ୍ୟୁତ୍ପତ୍ତି ଲାଭ କରିଥିଲେ ଓ ସେହି ଭାଷାମାନଙ୍କରୁ କିଛି ପୁସ୍ତକ ଓଡ଼ିଆ ଭାଷାକୁ ଅନୂଦିତ କରିଛନ୍ତି। ନିଜର ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ସହ ଆହୁରି ପ୍ରତିଭାବନ୍ତମାନେ ତାଙ୍କୁ ଶ୍ରଦ୍ଧା ଓ ସହଯୋଗର ହାତ ବଢ଼େଇ ଦେଇଛନ୍ତି। ତାଙ୍କର ସୌମ୍ୟକାନ୍ତ ରୂପ ସହ ଶାନ୍ତ, ଧୀର, ନମ୍ର ଓ ବିନୟୀ ବ୍ୟବହାର ତାଙ୍କୁ ଅନ୍ୟମାନଙ୍କ ମଧ୍ୟରେ ସମ୍ଭ୍ରାନ୍ତ ଓ ବ୍ୟତିକ୍ରମୀ କରି ଠିଆ କରୁଥିଲା। ତାଙ୍କ ପ୍ରଜ୍ଞାଦୀପ୍ତ ଠାଣି ନିକଟରେ ସମ୍ମୁଖସ୍ଥ ମଣିଷର ମସ୍ତକ ଆପେ ଅବନତ ହୋଇ ପଡୁଥିଲା।

ଗାଁ ମାଟିରୁ ମେଟ୍ରିକ୍ୟୁଲେସନ୍ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ପରେ ସେ ଖଲିକୋଟ କଲେଜରେ ସ୍ନାତକ ଓ ରେଭେନ୍ସା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କଲେ। ଗୁରୁ ରୂପେ ପାଇଥିଲେ ପ୍ରଖ୍ୟାତ ଯଶସ୍ୱୀ ସାରସ୍ୱତ ସାଧକ ନଟବର ସାମନ୍ତରାୟ, ଅଧ୍ୟାପକ ଚିନ୍ତାମଣି ବେହେରା, ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଓ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କୁ। ଏହି ଜ୍ଞାନ ତପସ୍ୱୀମାନଙ୍କର ଶ୍ରଦ୍ଧାଭାଜନ ହୋଇ ଯୁବକ ସୁଦର୍ଶନ ନିଜ ଯାତ୍ରାକୁ ଆହୁରି ତପଃସିଦ୍ଧ କରିପାରିଥିଲେ। ନଟବର ସାମନ୍ତରାୟଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ମଧ୍ୟଯୁଗୀୟ ସାହିତ୍ୟ ଉପରେ ଗବେଷଣା କରି ସୁଦର୍ଶନ 'କାବ୍ୟକୌଶଳ' ଶୀର୍ଷକରେ ଏକ ଅଦ୍ୱିତୀୟ ଗ୍ରନ୍ଥ ରଚନା କରିଛନ୍ତି। ରେଭେନ୍ସାରେ ସ୍ନାତକୋତ୍ତର ଶିକ୍ଷା ସମ୍ପନ୍ନ କରି ସେ ଆନ୍ଧ୍ରପ୍ରଦେଶର ଶ୍ରୀକାକୋଲମ୍ ଜିଲ୍ଲା ସରକାରୀ କଲେଜରେ ଅଧ୍ୟାପନା ଆରମ୍ଭ କରିଥିଲେ। ଦୁଇବର୍ଷ ପରେ ଇସ୍ତଫା ଦେଇ ସେ ଅଧ୍ୟୟନ କରିଥିବା ଖଲିକୋଟ କଲେଜରେ ୧୯୬୮ ମସିହା ପର୍ଯ୍ୟନ୍ତ ଅଧ୍ୟାପନା କରିଥିଲେ। ତାଙ୍କର ବ୍ୟକ୍ତିତ୍ୱ ବିକାଶ ପାଇଁ ପ୍ରକୃଷ୍ଟ ଅବସର ମିଳିଲା, ଯେତେବେଳେ ସେ ଖଲିକୋଟ କଲେଜ ଛାଡ଼ି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗ ଦେଲେ। ଅଧ୍ୟାପକରୁ ପ୍ରାଧ୍ୟାପକ ବିଭାଗୀୟ ମୁଖ୍ୟ ଓ ପ୍ରଫେସର ରୂପେ ସେ ୧୯୬୯ରୁ ୧୯୯୯ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥିଲେ।

ଗଞ୍ଜାମ ଜିଲ୍ଲା ପ୍ରାଚୀନ ସାହିତ୍ୟ କଳା ସଂସ୍କୃତିର ଗନ୍ତାଘର। ସେସବୁ କ୍ରମେ ବିସ୍ମୃତିର ଅଥଳ ଗର୍ଭରେ ଲୀନ ହୋଇଯିବା ବେଳକୁ ତ୍ରାଣକର୍ତ୍ତା ରୂପେ ଉଭା ହୋଇଥିଲେ ସୁଦର୍ଶନ ଆଚାର୍ଯ୍ୟ। ଅନେକ ଅନାଲୋଚିତ ପ୍ରତିଭା ଲୋକଲୋଚନକୁ ଆସିଲେ। ବହୁଶ୍ରମ ସାଧ କରି ସେହି ପୋଥିମାନଙ୍କୁ ସମ୍ପାଦନା କଲେ। ସାରା ଓଡ଼ିଶା ଓ ଭାରତବର୍ଷରେ ଯେଉଁଠି କିଛି ନୂତନ ପୋଥିର ସନ୍ଧାନ ପାଆନ୍ତି ସେ ସେଠାକୁ ଧାଇଁ ଯାଆନ୍ତି। ମୂଳ ପାଠ ନପଢ଼ିଲେ ସେ କୌଣସି ପୋଥି ସମ୍ପାଦନା କରନ୍ତି ନାହିଁ। ଫକିର ମୋହନ ଅନୂଦିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଜୀବନ ପୁସ୍ତକର ମୂଳ ପାଣ୍ଡୁଲିପି ସେ ଯେଉଁପରି କଲିକତାର ଏକ କଲେଜ ପାଠାଗାରର ରଦ୍ଦି ଘରୁ ଉଦ୍ଧାର କରିଥିଲେ, ତାହା ଅତ୍ୟନ୍ତ ଲୋମହର୍ଷକ। ଏହା ତାଙ୍କ ଗବେଷଣାର ସତ୍ୟନିଷ୍ଠା ଓ ବିଶ୍ୱସ୍ତପଣର ଉଦାହରଣ। ଦୁଷ୍ପ୍ରାପ୍ୟ ପତ୍ରିକା 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ୧୫ଟି ଖଣ୍ଡ ଉଦ୍ଧାର କରି ଛଦ୍ମନାମରେ ଲେଖିଥିବା ୧୫ ଜଣ ଲେଖକଙ୍କୁ ଚିହ୍ନଟ କରି ଗବେଷକମାନଙ୍କର ମାର୍ଗ ସହଜ କରିଥିଲେ। 'ଚେୟାର୍ ଫର୍ ରିଜିଓନାଲ୍ ଷ୍ଟଡିଜ୍ ୱିଥ୍ ସ୍ପେଶାଲ୍ ରେଫରେନ୍ସ ଟୁ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶକ ରୂପେ ଉପେନ୍ଦ୍ର ଭଞ୍ଜ ଓ ମଧ୍ୟଯୁଗୀୟ କାବ୍ୟ କବିତା ଉପରେ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ସୁଦର୍ଶନ ଆଚାର୍ଯ୍ୟ ଅସାଧାରଣ ଜ୍ଞାନ ସମ୍ପନ୍ନ ଥିଲେ। ଓଡ଼ିଆ ସାହିତ୍ୟର ଯେକୌଣସି ବିଷୟରେ ସେ ଅଧ୍ୟାପନା କରିପାରନ୍ତି, ଓଡ଼ିଆ ସାହିତ୍ୟ ଅପେକ୍ଷା ବଂଶାନୁକ୍ରମେ ପାଣ୍ଡିତ୍ୟ ଲାଭ କରିଥିବା ସଂସ୍କୃତ ସାହିତ୍ୟରେ ଆହୁରି ବ୍ୟୁତ୍ପତ୍ତି ଲାଭ କରିଥିବା ହୃଦ୍‌ବୋଧ ହୁଏ। ସେ ଖୁବ୍ ଛାତ୍ର ବତ୍ସଳ ଥିଲେ। ଛାତ୍ରମାନଙ୍କୁ ମୌଳିକ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ କରିବାରେ ସେ ଖୁବ୍ ଆତ୍ମ ସନ୍ତୋଷ ଲାଭ କରୁଥିଲେ। ଭଞ୍ଜ ଚେୟାରରେ ନିର୍ଦ୍ଦେଶକ ହେବା ପରେ ସେ ଅଭିନବ 'ଭଞ୍ଜଭାରତୀ' ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ, ଯେଉଁଥିରେ ଗଞ୍ଜାମ ଜିଲ୍ଲାର ବିସ୍ମୃତ କାବ୍ୟକାରମାନଙ୍କୁ ଖୋଜିଲୋଡ଼ି ସେମାନଙ୍କ ନାମରେ ବିଶେଷାଙ୍କମାନ ପ୍ରକାଶ କରୁଥିଲେ। ଲକ୍ଷ୍ମୀ ପୁରାଣର ଶୁଦ୍ଧପାଠ ନିର୍ଣ୍ଣୟ ପରେ ସାରଳା ମହାଭାରତର ଶୁଦ୍ଧପାଠ ନିର୍ଣ୍ଣୟ ଥିଲା ତାଙ୍କ ପରିକଳ୍ପନା।

୧୫୦୦ ମସିହା ଠାରୁ ୧୮୫୦ ମସିହା ଭିତରେ ରଚିତ ୧୬୯ଟି ମଧ୍ୟଯୁଗୀୟ କାବ୍ୟକୁ ଅଧ୍ୟୟନ କରି ତା'ର ସୃଷ୍ଟିର ସମୟ, ଗଠନଗତ ଚାତୁର୍ଯ୍ୟ, ଆଙ୍ଗିକ ଓ ଆତ୍ମିକ କାବ୍ୟ ପରମ୍ପରା ଓ ରଚନା କୌଶଳ ସମ୍ପର୍କରେ ଗବେଷଣା କରି ସେ ଯେଉଁ ଓଡ଼ିଆ 'କାବ୍ୟକୌଶଳ' ସନ୍ଦର୍ଭ ରଚନା କରିଛନ୍ତି, ତାହା ଓଡ଼ିଆ ସାହିତ୍ୟରେ ଅନନ୍ୟ। ତାଙ୍କର ଏହି ଗବେଷଣା ନିବନ୍ଧ ମଧ୍ୟଯୁଗର ବହୁ ଅନାଲୋଚିତ ଓ ଅଳ୍ପ ଆଲୋଚିତ କାବ୍ୟକାରମାନଙ୍କୁ ଯଥାର୍ଥ ମର୍ଯ୍ୟାଦା ପ୍ରଦାନ କରିଛି। ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ଊନବିଂଶ ଶତାବ୍ଦୀରେ ଆଲୋଚକମାନେ ଯେତେ ସବୁ ରଚନା କରିଛନ୍ତି ସେସବୁକୁ ସଂଗ୍ରହ କରି ଓଡ଼ିଆ ଅସ୍ମିତା ଓ ଉପେନ୍ଦ୍ର ଭଞ୍ଜ କାବ୍ୟାଲୋଚନା ଶୀର୍ଷକରେ ପୁସ୍ତକଟିଏ ରଚନା କରି ଓଡ଼ିଆ ସାହିତ୍ୟ ପାଇଁ ଅନନ୍ୟ ଉଦାହରଣ ହୋଇ ରହିଯାଇଛନ୍ତି।

ଅସାଧାରଣ ପ୍ରତିଭା ସମ୍ପନ୍ନ ଡ. ଆଚାର୍ଯ୍ୟ ନିଜ କୃତି ଅପେକ୍ଷା ଅବଲୁପ୍ତ ହୋଇଯାଉଥିବା ଅନ୍ୟାନ୍ୟ ସାରସ୍ୱତ ସାଧକଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସାରାଜୀବନ ସମର୍ପିତ ଥିଲେ। ସେ ଯଥାର୍ଥରେ ଥିଲେ ଆଚାର୍ଯ୍ୟ। ତାଙ୍କ ଆଚାର୍ଯ୍ୟତ୍ୱରେ ଥରେ ଯିଏ ଦୀକ୍ଷିତ ହୋଇଛି ତା'ର ଦୃଷ୍ଟିଭଙ୍ଗୀ ଓ ଚିନ୍ତାଶକ୍ତି ପରିବର୍ତ୍ତିତ ହୋଇ ଯାଇଛି।

ଡ. ଆଚାର୍ଯ୍ୟଙ୍କର ଅନ୍ୟାନ୍ୟ ସାରସ୍ୱତ କର୍ମ ଭିତରେ ରହିଛି ଡ. ଡି. ସୀତାପତିଙ୍କର 'ହିଷ୍ଟ୍ରି ଅଫ୍ ତେଲୁଗୁ ଲିଟରେଚର୍' ଓ ସୁନୀତି ଚାଟାର୍ଜୀଙ୍କର 'ଜୟଦେବ' ନାମକ ଦୁଇଟି ଇଂରେଜୀ ପୁସ୍ତକର ଓଡ଼ିଆ ଅନୁବାଦ, ହରିହର ସୁରୀଙ୍କର 'ଧୂର୍ତ୍ତାଖ୍ୟାନ'କୁ ପ୍ରାକୃତରୁ ଓଡ଼ିଆ ଅନୁବାଦ ଓ ସୋମଦେବଙ୍କ 'କଥାସରିତ ସାଗର' (୫ ଖଣ୍ଡ)କୁ ଓଡ଼ିଆରେ ଅନୁବାଦ। ଏହାଛଡ଼ା ମୂଳ କନ୍ନଡ଼ ଭାଷାର ଲେଖକ ମିର୍ଜା ଆନ୍ନାରାଓଙ୍କ ପୁସ୍ତକ 'ନିଃସର୍ଗ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ।

ଏସବୁ ବ୍ୟତୀତ ବିଶ୍ୱବିଦ୍ୟାଳୟ ତରଫରୁ ରାମଚନ୍ଦ୍ର ମିଶ୍ରଙ୍କର ୪ ଖଣ୍ଡ ଗ୍ରନ୍ଥାବଳୀ ଓ ଜଗନ୍ନାଥ ଦେବଙ୍କ ରଚନାବଳୀ, ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଗ୍ରନ୍ଥାବଳୀ ଉପେନ୍ଦ୍ର ଭଞ୍ଜଙ୍କ ଚିତ୍ରଲେଖା ସମେତ ୨୫ ଖଣ୍ଡ ପୁସ୍ତକର ସମ୍ପାଦନାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। 'ପ୍ରବନ୍ଧ ପ୍ରଦୀପ' ଓ 'ଦଶ ଦଶନ୍ଧିର କବିତା' ନାମରେ ଦୁଇଖଣ୍ଡ ପାଠ୍ୟ ପୁସ୍ତକ ସଂକଳନ କରିଛନ୍ତି। 'ଅନ୍ତଃପୁର ଅଭିଲେଖ' ନାମରେ ତିନିଜଣ ନାରୀ କବିଙ୍କର ଲେଖା ସେ ସଂକଳନ କରିଛନ୍ତି। ଅଜସ୍ର ଗ୍ରନ୍ଥର ରଚୟିତା ଡ. ଆଚାର୍ଯ୍ୟଙ୍କ କୃତି ଓ କୃତୀତ୍ୱକୁ ସ୍ୱୀକାର କରି ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଅତିବଡ଼ି ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି ପୁରସ୍କାର, କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ଆଦି ୫୦ଟି ଅନୁଷ୍ଠାନ ତାଙ୍କୁ ସମ୍ମାନ ସମ୍ବର୍ଦ୍ଧନା ଓ ପୁରସ୍କାରରେ ଭୂଷିତ କରିଛି। ସୁଦର୍ଶନ ଆଚାର୍ଯ୍ୟଙ୍କ ବିରାଟ ବ୍ୟକ୍ତିତ୍ୱକୁ ଆକଳନ କରିବା ସୀମିତ ପରିସରରେ ସମ୍ଭବ ନୁହେଁ। ଏହି ମହାତ୍ମା ୧୯୯୧ ମସିହା ଡିସେମ୍ବର ମାସ ୧ ତାରିଖରେ ମହାପ୍ରୟାଣ ଘଟିଥିଲା।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୧.୮୫ ଲକ୍ଷ ଟଙ୍କା ଦଣ୍ଡ ଗଣିବ ବୀମା କମ୍ପାନୀ

### ନିଉଇଣ୍ଡିଆ ଆସ୍ୟୁରାନ୍ସ ବୀମା କମ୍ପାନୀ ଦଣ୍ଡିତ

**ଭଦ୍ରକ,୧୯ ।୧୨(ସମିସ)**

ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଆଜି ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ନିଉ ଇଣ୍ଡିଆ ଆସ୍ୟୁରାନ୍ସ ବୀମା କମ୍ପାନୀକୁ ୧ଲକ୍ଷ ୮୫ହଜାର ୬୮୦ଟଙ୍କା ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ।

ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଚରମ୍ପା ଅଞ୍ଚଳର ମେହେମୁଦ ଖାଁଙ୍କ ପୁଅ ମନସୁର ଅଲ୍ଲି ଖାଁଙ୍କ ଏକ ଯାତ୍ରୀବାହୀ ବସ୍ (ଓଡି୦୪ଏ-୦୫୮୯) ଚାଲିଛି। ଏହି ବସ୍‌ଟିର ଇନ୍ସୁରାନ୍ସ ବା ବୀମା ନିଉଇଣ୍ଡିଆ ଆସୁରାନ୍ସ କୋ. ଲିମିଟେଡ୍‌ରେ ୫୭ହଜାର ୬୧୯ଟଙ୍କା ଦେୟ କରାଇଥିଲେ। ଏହି ବୀମାର ଅବଧି ୧୭-୭-୧୯ରୁ ୧୬-୭-୨୦ତାରିଖ ପର୍ଯ୍ୟନ୍ତ ଥିଲା। ତେବେ ଗତ ୩-୧-୨୦ ତାରିଖରେ ଭଦ୍ରକ ସହର ବନ୍ତଛକ ଠାରେ ଏକ ଆନ୍ଧ୍ରା ଟ୍ରକ ସହ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏନେଇ ଭଦ୍ରକ ଟାଉନ ଥାନାରେ ମନସୁର ଅଲ୍ଲି ଖାଁ ଏତଲା ଦେଇଥିଲେ (ଏଫଆଇଆର ନଂ-୨/୨୦) । ସେ ତାଙ୍କ ଦୁର୍ଘଟଣାଗ୍ରସ୍ତ ବସ୍‌ଟିର ମରାମତି ଲାଗି ୩ଲକ୍ଷ ୨ହଜାର ୬ଶହ ଟଙ୍କା ଖର୍ଚ୍ଚ କରିଥିଲେ। ପରେ ଏହି ଖର୍ଚ୍ଚର ବିଲ୍ ଭାଉଚର ସହ ସେ ନିଉଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମଟେଡ୍ ବୀମା କମ୍ପାନୀକୁ ତାଙ୍କୁ ବୀମାରାଶି ପ୍ରଦାନ କରିବାକୁ ଗତ ଆବେଦନ କରିଥିଲେ। ତେବେ ଗତ ୩୧-୧୨-୨୦ତାରିଖରେ ସଂପୃକ୍ତ ବୀମା କମ୍ପାନୀ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିଲେ। ବୀମା କମ୍ପାନୀ ଯେହେତୁ ମନସୁର ଅଲ୍ଲି ଖାଁଙ୍କ ବସ୍‌ଟିର ପରମିଟ୍ ଭଦ୍ରକରୁ ଆନନ୍ଦପୁରକୁ ଥିଲା। ତେବେ ସେ ସ୍ପେଶାଲ ପରମିଟ୍‌ରେ ଧାମନଗର ଯାଇଥିବାରୁ ବୀମା କମ୍ପାନୀ ବୀମା ରାଶି ଦେବାକୁ ମନା କରିଥିଲେ। ପରେ ବସ୍ ମାଲିକ ମନସୁର ଅଲ୍ଲି ଖାଁ ନ୍ୟାୟ ପାଇବାକୁ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଦ୍ୱାରସ୍ଥ ହୋଇ ଏକ ମାମଲା (ସିଡି ନମ୍ବର-୧୦୮/୨୧) ରୁଜୁ କରିଥିଲେ। ଏଥିରେ ନିଉ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍ ଶାଖା ପରିଚାଳକଙ୍କୁ ପକ୍ଷଭୁକ୍ତ କରିଥିଲେ। ଆଜି ଏହି ମାମଲାର ବିଚାର କରି ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ବୀମା କମ୍ପାନୀକୁ ୧ଲକ୍ଷ ୮୫ହଜାର ୬୮୦ଟଙ୍କାର ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ଅର୍ଥଦଣ୍ଡରେ ୨୦ହଜାର ଟଙ୍କା ମାନସିକ ନିର୍ଯାତନା ଓ ୧୦ହଜାର ମାମଲା ପରିଚାଳନା ବାବଦକୁ ରହିଥିବା ଜଣାଯାଇଛି । ଅନ୍ୟପକ୍ଷରେ ରାୟ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଭୋକ୍ତାଙ୍କୁ ଟଙ୍କା ପୈଠ ନକଲେ ବୀମା କମ୍ପାନୀ ୬ପ୍ରତିଶତ ସୁଧ ହାରରେ ଟଙ୍କା ଫେରସ୍ତ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

## ଅଙ୍ଗନବାଡ଼ି ଅଣ୍ଡା ଅର୍ଥ ବଢ଼ାଇବା ଦାବି

**ବାସୁଦେବପୁର,୧୯ ।୧୨(ସମିସ):** ବଜାରରେ ଅଣ୍ଡା ଗୋଟିକୁ ୭ ଟଙ୍କା ହୋଇଥିବା ବେଳେ ଅଙ୍ଗନବାଡି କର୍ମୀଙ୍କୁ କିନ୍ତୁ ଅଣ୍ଡା କିଣିବାକୁ ମିଳୁଛି ୫ ଟଙ୍କା। ଶିଶୁମାନଙ୍କୁ ମାସିକ ୧୨ଟି ଅଣ୍ଡା ଯୋଗାଇ ଦେବା ପାଇଁ ୫ ଟଙ୍କା ଦରରେ ୬୦ଟଙ୍କା ମିଳୁଛି। କିନ୍ତୁ ବଜାର ଦର ଅନୁସାରେ ୭ ଟଙ୍କାରେ ଅଣ୍ଡା କିଣି କର୍ମୀମାନେ ହାତରୁ ୨୪ ଟଙ୍କା ଦେବାକୁ ପଡୁଛି। ଆସନ୍ତା ଜାନୁଆରୀ ମାସ ଠାରୁ କିଶୋରୀ ବାଳିକାମାନଙ୍କୁ ସେହି ୫ ଟଙ୍କା ଆଧାରରେ ୧୬ଟି ଅଣ୍ଡା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ଅଣ୍ଡା କିଣିବାକୁ ଅର୍ଥ କେଉଠୁ ଆସିବ ବୋଲି ଅଙ୍ଗନବାଡି କର୍ମୀମାନେ ପ୍ରଶ୍ନ କରିଛନ୍ତି। ଏହାସହିତ କେନ୍ଦ୍ରରେ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ବ୍ୟବହୃତ ଏଲ୍‌ପିଜି ଗ୍ୟାସ ଫିଲିଂ ବ୍ୟବସ୍ଥାର ସୁଧାର ଆଣିବାକୁ ଅଙ୍ଗନବାଡି କର୍ମୀମାନେ ଦାବି କରିଛନ୍ତି। କର୍ମୀମାନଙ୍କୁ ପ୍ରଦତ୍ତ ମୋବାଇଲ ନିମ୍ନମାନର ହୋଇଥିବା ବେଳେ ପୋଷଣ ଓ ଅନ୍‌ଲାଇନ କାର୍ଯ୍ୟକ୍ରମ ପାଇଁ ବହୁ ଅସୁବିଧା ହେଉଛି। ତେଣୁ ବାସୁଦେବପୁର ବ୍ଲକର ଅଙ୍ଗନବାଡି କର୍ମୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି। ଏ ନେଇ ସ୍ଥାନୀୟ ସିଡିପିଓଙ୍କ ଅନୁପସ୍ଥିତରେ ଦାୟିତ୍ୱରେ ଥିବା ସୁପରଭାଇଜର ସୁନୀତା ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

**ଅସୁରାଳି,୧୯ ।୧୨(ସମିସ):** ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ପଡ଼ିଆରେ ପ୍ରଥମ କରି ଆନ୍ତଃରାଜ୍ୟ ରାଧାମାଧବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୨ ତାରିଖ ଠାରୁ ଅନୁଷ୍ଠିତ ହେବ। ଗଡ଼ିଆଳି ରାଧାମୋହନ କ୍ଲବ ପକ୍ଷରୁ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏକ ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଭଦ୍ରକ ତଥା ପଡୋଶୀ ଜିଲ୍ଲାରୁ ମିସନ ଟାଇଗର ବାଲେଶ୍ୱର, ଏନ୍‌ଏନ୍ କ୍ଲବ ରାଜକନିକା, ଧର୍ମଶାଳା କ୍ଲବ୍, ଆଳି କ୍ଲବ କେନ୍ଦ୍ରାପଡ଼ା, ରୋଭର୍ସ କ୍ଲବ ଭଦ୍ରକ, ଯାଜପୁର ଏକାଦଶ, ମା' ମଙ୍ଗଳା କ୍ଲବ ଯାଜପୁର, ବୈତରଣୀ ଆଥଲେଟିକ କ୍ଲବ ଯାଜପୁର ରୋଡ ପ୍ରମୁଖ ଟିମ୍ ଅଂଶଗ୍ରହଣ କରିବ ବୋଲି କ୍ଲବର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ରାହାସ ବିହାରୀ ମହାନ୍ତି, ଯୁବ ସମାଜସେବୀ ଚକ୍ରଧର ପରିଡ଼ା, ଭଜହରି ବେହେରା, ନିରଞ୍ଜନ ସାମଲ, ଅଜୟ ସେଠୀ, ଦୀନବନ୍ଧୁ ଦାସ, ବିଷ୍ଣୁମୋହନ ଦାସ, ସର୍ବେଶ୍ୱର ବେହେରା, ସମାଜସେବୀ କାଳିଆ ଦାସ, ରାକେଶ ସ୍ୱାଇଁ, ବିରଜାକାନ୍ତ ମିଶ୍ର ଓ ମଣ୍ଟୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ସମ୍ପାଦକ ତାରାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିସଭା ଓ ସମ୍ବର୍ଦ୍ଧନା ସମାରୋହ

**ଭଣ୍ଡାରିପୋଖରୀ,୧୯ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡିପୁର କେନାଲ ଛକ ସ୍ଥିତ ଆଞ୍ଚଳିକ ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ ପରିସରରେ ଅଭିରାମ ପଣ୍ଡା ସ୍ମୃତି ସଂସଦ (ଚିଙ୍ଗୁଡ଼ିପୁର) ଆନୁକୂଲ୍ୟରେ ବିଶିଷ୍ଟ ଶିକ୍ଷାବିତ ତଥା ମାର୍ଗଦର୍ଶକ ଅଭିରାମ ପଣ୍ଡାଙ୍କ ୫ମ ଶ୍ରାଦ୍ଧବାର୍ଷିକ ଓ ସମ୍ବର୍ଦ୍ଧନା ସମାରୋହ ପାଳିତ ହୋଇଯାଇଛି। ସ୍ମୃତିସଂସଦ ସଭାପତି ଶିକ୍ଷାବିତ ପ୍ରଭାକର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର ମୁଖ୍ୟଅତିଥି, ନାଟ୍ୟକାର ଅରୁଣ ବାରିକ ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ହରମୋହନ କୁଅଁର, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଂପାଦକ କବି ପ୍ରଫୁଲ୍ଲ କୁମାର ନାୟକ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଭାର ପ୍ରାରମ୍ଭରେ ନିକଟରେ ପରଲୋକ ହୋଇଥିବା ଅଞ୍ଚଳର ୨ଜଣ ଉଦୀୟମାନ ଯୁବକ ପଦ୍ମଲୋଚ ନାୟକ ଓ ପ୍ରସନ୍ନ ଖିଲାରଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ପ୍ରଭାତ କୁମାର ଜେନା, ପ୍ରହଲ୍ଲାଦ ପଣ୍ଡା, ଜଗନ୍ନାଥ ନାୟକ, ସାମ୍ବାଦିକ ଜ୍ଞାନ ପାଣି, ରାଜେଶ ଦାସ, ଚିତ୍ରଶିଳ୍ପୀ ଭାବେ ନିରଞ୍ଜନ ନାୟକ, ଫେସନ ଫଟୋଗ୍ରାଫର ଭାବେ ବଦ୍ରୀନାରାୟଣ ପଣ୍ଡା, ସୁରେନ୍ଦ୍ର ନାୟକ ସ୍ମୃତି ସମ୍ମାନରେ ସମ୍ମାନ, ଶିକ୍ଷୟିତ୍ରୀ କବି ପ୍ରଭାତୀ ମହାପାତ୍ର ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶଶୀସ୍ନେହଲତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମିତାରେଖା ପାତ୍ର ସ୍ମୃତି ସଂଗୀତ ଗାନ ଏବଂ ବେଦପାଠ କରିଥିବା ବେଳେ ନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କବି ତଥା ପ୍ରଧାନଶିକ୍ଷକ ଭୀମ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



## ଅଜଣା ରୋଗରେ ଯାଉଛି କଅଁଳା ବାଛୁରିଙ୍କ ଜୀବନ



**ଭଦ୍ରକ,୧୯ ।୧୨(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଏବେ ଗୋପାଳକ ପାଇଁ ଅଜଣା ରୋଗ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ଅଜଣା ରୋଗ ଦ୍ୱାରା ସଦ୍ୟ ଜନ୍ମିତ କଅଁଳା ବାଛୁରି ଓ ଅନ୍ୟାନ୍ୟ ଗାଇଗୋରୁ ଆକ୍ରାନ୍ତ ହେଉଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ ଆକ୍ରାନ୍ତ ବାଛୁରି ଗୁଡିକ ଦୁଇଦିନ ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ଏହି ବ୍ଲକ ଅଧୀନ ରହଣିଆ ଓ ରାଢୋରେ ଗତ କିଛିଦିନ ହେବ ଅଜଣା ରୋଗ ବ୍ୟାପିବାରୁ ଅନେକ ଛୋଟ ଛୋଟ ବାଛୁରି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଯେଉଁ ଗାଇମାନେ ମାସେ ୧୫ଦିନ ମଧ୍ୟରେ ପିଲା ଜନ୍ମ କରିଥିଲେ। ସେଗୁଡିକ ମଧ୍ୟ ମୃତ୍ୟୁମୁଖରେ ପଡିଥିବା ଜଣାଯାଇଛି। ଅଜଣା ରୋଗ ଯୋଗୁ ବାଛୁରିଙ୍କ ଗୋଡ଼, ଦେହ ନାଠି ହୋଇ ଯାଉଥିବା ବେଳେ ସେମାନେ ଚାଲି ପାରୁନାହାନ୍ତି। ଏପରିକି ରୋଗ ଆକ୍ରାନ୍ତ ଗୋରୁ ଖାଇବା ପିଇବା ମଧ୍ୟ ଛାଡ଼ି ଦେଉଛନ୍ତି। ଫଳରେ ଦିନେ ଦୁଇଦିନ ମଧ୍ୟରେ ଆକ୍ରାନ୍ତ ଗାଇ ଗୋରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବେସରକାରୀ ଭାବେ ଚିକିତ୍ସକ ଡକାଇ ଲୋକେ ଗାଇ ଗୋରୁଙ୍କ ଚିକିତ୍ସା କରୁଥିଲେ ସୁଦ୍ଧା କୌଣସି ଫଳପ୍ରଦ ହେଉନାହିଁ। ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ହେଉଥିବାରୁ ଆଗାମୀ ଦିନରେ ଆହୁରି ଗାଇ ଗୋରୁ ଅଜଣା ରୋଗରେ ଆକ୍ରାନ୍ତ ହେବେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୨୩ଗୋଟି ପଞ୍ଚାୟତର ଅଧାରୁ ଅଧିକ ସ୍ଥାନରେ ପଶୁ ନିରୀକ୍ଷକ ନଥିବା ବେଳେ ଭ୍ରାମ୍ୟମାଣ ଚିକିତ୍ସା ମଧ୍ୟ ଏକ ପ୍ରକାର ମନ୍ଥର ଗତିରେ .ଲିଥିବା ଜଣାପଡିଛି। ଏହାଛଡା ବ୍ଲକ ପଶୁସମ୍ପଦ ବିଭାଗ କାର୍ଯ୍ୟାଳୟ ଠାରେ ମଧ୍ୟ ଅଧିକାରୀ ଓ କର୍ମ.ରୀଙ୍କ ଅଭାବ ରହିଛି। ଜଣେ ମାତ୍ର ଅଧିକାରୀ ଯେନତେନ ଉପାୟରେ କାର୍ଯ୍ୟ ତୁଲାଉଛନ୍ତି। ଏପରିସ୍ଥଳେ ଅଜଣା ରୋଗର ପ୍ରତିକାର ପାଇଁ ପଶୁସମ୍ପଦ ବିଭାଗ କେତେ ଯତ୍ନବାନ ହେବ ତାହାକୁ ନେଇ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଗୁରୁତ ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଡ.ଶଶଧର ଦାସ ପାଇବେ ଉତ୍କଳ ସମ୍ମାନ



**ଭଦ୍ରକ, ୧୯।୧୨(ସମିସ):** ବିଶିଷ୍ଟ ସାହିତ୍ୟ ସମାଲୋଚକ, ଗବେଷକ ତଥା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶଶଧର ଦାସ ଚଳିତ ବର୍ଷର ସମ୍ମାନଜନକ ଉତ୍କଳକେଶରୀ ମହତାବ ସ୍ମାରକୀ ସାହିତ୍ୟ ସମ୍ମାନ ପାଇବେ। ବନ୍ତ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ସାହିତ୍ୟ ସଂସଦ ତରଫରୁ ପ୍ରଫେସର ଦାସ ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ସାହିତ୍ୟର ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ ସହିତ ଉତ୍କଳ ପ୍ରସଙ୍ଗର କାର୍ଯ୍ୟକାରୀ ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ, ଉତ୍କଳ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣା କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରିଛନ୍ତି। ଆସନ୍ତା ୨୪ ତାରିଖ ବନ୍ତର ଜାମିତୀରା ଠାରେ ଏହି ବାର୍ଷିକ ଉତ୍ସବ ପାଳିତ ହେବାକୁ ଥିବା ବେଳେ ଏଥିରେ ଡ. ଶଶଧର ଦାସଙ୍କ ସମେତ ଡ. ରମାକାନ୍ତ ନାୟକ, ଡ. ନାରାୟଣ ସେନାପତି ଅତିଥି ଭାବେ ଯୋଗ ଦେବେ ବୋଲି ସଭାପତି ଡ. ସୁଧାଂଶୁ ଶେଖର ନାୟକ ଜଣାଇଛନ୍ତି।

## ମନ୍ତେଇ ନଦୀକୁ ଧସିଲା କନକପଲ୍ଲୀ ରାସ୍ତା



**ଚାନ୍ଦବାଲି,୧୯ ।୧୨(ସମିସ):** ଦିନକୁ ଦିନ ଦୁର୍ବଳ ହେଉଛି ନଦୀ ବନ୍ଧ। ଧିରେ ଧିରେ କୂଳଲଘୁଛି ମନ୍ତେଇ ନଦୀ। ନଦୀ ବନ୍ଧ ସୁରକ୍ଷାକୁ ନେଇ ଏବେ ଚିନ୍ତାରେ ଗ୍ରାମବାସୀ। ହେଲେ ଏଥିପ୍ରତି ଦୃଷ୍ଟି ଦେଉନି ଜଳସମ୍ପଦ ବିଭାଗ। ଏପଟେ ନଦୀ ବନ୍ଧ ବଞ୍ଚିଲେ ଆମେ ବଞ୍ଚିବୁ ବୋଲି ଗ୍ରାମବାସୀ ନାରା ଦେଇଥିବା ବେଳେ ସୁରକ୍ଷା ବନ୍ଧ ଉପରେ ଅଳ୍ପ କିଛି ପଥର ପକାଇ ଚୁପ ବସିଛି ଜଳସମ୍ପଦ ବିଭାଗ। ଏଭଳି କିଛି ଅଭିଯୋଗ ଆଣିଛନ୍ତି ଚାନ୍ଦବାଲି ବ୍ଲକ ଚଡଦିଆ ପଞ୍ଚାୟତ ଅନ୍ତର୍ଗତ କନକପଲ୍ଲୀ ଗ୍ରାମର ଲୋକ। ଉକ୍ତ ନଦୀ ବନ୍ଧଟି ଚଡଦିଆ ପଞ୍ଚାୟତର ଭାଗ୍ୟ ଓ ଭବିଷ୍ୟତ କୁହାଯାଉଥିବା କନକପଲ୍ଲୀସ୍ଥିତ ମନ୍ତେଇ ନଦୀର ସୁରକ୍ଷା ବନ୍ଧ। ଏବେ ବିପଦ ସଙ୍କୁଳ ଅବସ୍ଥାରେ ଜଳସମ୍ପଦ ବିଭାଗର ଖାମଖିଆଲି ମନୋଭାବ ପାଇଁ ଏବେ ଉକ୍ତ ସୁରକ୍ଷା ବନ୍ଧରେ ସୃଷ୍ଟି ହୋଇଛି ୪୦ ଫୁଟର ଫାଟ। ଯାହା ଫଳରେ ବୈତରଣୀ ନଦୀର ମୁହାଣ ମନ୍ତେଇ ନଦୀକୁ ଧସିଯାଇଛି । ନଦୀ ବନ୍ଧ ନଦୀ ବନ୍ଧର ସୁଦୃଢ଼ୀକରଣ ପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ନଦୀ ବନ୍ଧରେ ପଥର ପ୍ୟାକିଂ ଆଳରେ ହରିଲୁଟ ହେଉଛି ସରକାରୀ ଅର୍ଥ ପ୍ରତିଥର ଟେଣ୍ଡର ହେଉଛି। ତା'ସହିତ କାମ ମଧ୍ୟ ହେଉଛି, ହେଲେ ସେପୁଣି ବିନା ଫଳକରେ। ଟଙ୍କା କେଉଁଠୁ ଆସୁଛି ଏବଂ କେତେଟଙ୍କାର କାମ ହେଉଛି ତାହା ସାଧାରଣ ଲୋକ ଜାଣିପାରୁନାହାନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀ ଉକ୍ତ ନଦୀ ବନ୍ଧର ସୁରକ୍ଷାକୁ ନେଇ ପୂର୍ବରୁ ଅନେକଥର ଅଭିଯୋଗ ହୋଇଆସୁଥିଲେ ମଧ୍ୟଯ ଆଜିପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ କରିବାରେ ବିଫଳ ହୋଇଛି। ଯଦି ତୁରନ୍ତ ଏହାର ସମାଧାନ କରାନଯାଏ ତା'ହେଲେ ଗ୍ରାମବାସୀ ବାଧ୍ୟହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## କୁରାଳୀ ମହୋତ୍ସବର ୨ୟ ସନ୍ଧ୍ୟା; ମନମୋହିଲା ନୃତ୍ୟ ପରିବେଷଣ



**ଅସୁରାଳି, ୧୯ ।୧୨(ସମିସ):** କଳେଇ ପଞ୍ଚାୟତ ଚୁନିଦା ସାହିଠାରେ ଗତ ୬୩ ବର୍ଷ ଧରି କୁରାଳ ପଞ୍ଚମୀ ମହୋତ୍ସବ ପାଳିତ ହୋଇଆସୁଛି। ଚୁନିଦା କ୍ଷେତ୍ରବାସୀସାହି ୪୦ ପରିବାର ତାଙ୍କ ପୂର୍ବ ପୁରୁଷ ୨୦୦ ବର୍ଷ ହେଲା କୁରାଳ ପଞ୍ଚମୀ ପୂଜା କରି ଆସୁଛନ୍ତି। ୬୩ ବର୍ଷ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ, ମହୋତ୍ସବ ପାଳିତ ହୋଇ ଆସୁଛି। ପ୍ରଥମ ଦିବସରେ ଗାଁ ପରିକ୍ରମା କରି କ୍ଷେତ୍ରବାସୀ ପୀଠ କପାଳୀ ନଦୀରୁ ଜଳ ଆଣି ଘଟ ସ୍ଥାପନ ହୋଇଥିଲା। କୁରାଳ ପଞ୍ଚମୀ ଅବସରରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା କରାଯାଏ। ଏହି ପୂଜା ସମୟରେ ଗ୍ରାମକୁ ଆମିଷ ପ୍ରବେଶ କରେନା। ନାଟ୍ୟକାର ନିର୍ମଳ ରାଉତଙ୍କ ସଭାପତିତ୍ୱରେ ୨ୟ ଦିବସରେ ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ, ହସ୍ତଶିଳ୍ପ ନିଗମର ଅଧିକାରୀ ଅମିୟ ବେହେରା, ସାମ୍ବାଦିକ ସନ୍ତୋଷ ଦାସ, ଅଧ୍ୟାପକ ଚିନ୍ମୟ ଦାସ, ବିଦ୍ୱାନ ଚିନ୍ମୟ ଦାଶ, ପଣ୍ଡିତ ଦୈତାରୀ ମହାପାତ୍ର, ପ୍ରଭାତ ବିଜୟ, ଡଲଫିନ ଡାନ୍ସ ଗ୍ରୁପର ନିର୍ଦ୍ଦେଶକ ମିହିର କୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳ ତରଙ୍ଗ ନିର୍ଦ୍ଦେଶକ କାହ୍ନୁଚରଣ ସାହୁ, ନିରାକାର ସାହୁ, ଭାସ୍କର ସାହୁ, ଶରତ ମୁଦୁଲି, ଉପେନ୍ଦ୍ର ବେହେରା, କର୍ତ୍ତା ବନମାଳୀ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଉତ୍କଳ ତରଙ୍ଗ ଡାନ୍ସ ଗ୍ରୁପ ଏବଂ ଡାଇମଣ୍ଡ ଡାନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯଇଥିଲା। ଏଥିରେ ଅରୁଣ ମଣ୍ଡଳ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ନରେନ୍ଦ୍ର ସାମଲ, ସାମ୍ବାଦିକ ସନାତନ ରାଉତ, ସୀତାକାନ୍ତ ବେହେରା, ସୀତାକାନ୍ତ ପାଢୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣାରେ ଗୁରୁତର ରଞ୍ଜିତଙ୍କ ପରଲୋକ

**ତିହିଡ଼ି, ୧୯।୧୨(ସମିସ):** ତିହିଡ଼ି ଥାନା ଅଧୀନ ଫତେପୁର ପଞ୍ଚାୟତ ଗୋଳାପୋଖରୀ ଗ୍ରାମର ଉଦୀୟମାନ ତଥା ସମସ୍ତଙ୍କର ପ୍ରିୟ ଯୁବକ ରଞ୍ଜିତ ବେହେରା (୩୭)ଙ୍କର ଆଜି ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହାସପାତାଳରେ ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁରେ ତିହିଡ଼ି ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ରଞ୍ଜିତ ଜଣେ ମେଳାପୀ ଓ ମିଷ୍ଟଭାଷୀ ଯୁବକ ଥିଲେ। ତାଙ୍କର ପତ୍ନୀ ଓ ଏକମାତ୍ର କନ୍ୟା ଅଛନ୍ତି। ଗତ ଡିସେମ୍ବର ୪ ତାରିଖରେ ରଣଜିତ ନିଜ ଭଉଣୀ ଘର ବାଲେଶ୍ୱରରୁ ନିଜର କର୍ମକ୍ଷେତ୍ର ଭୁବନେଶ୍ୱର ଟ୍ରେନରେ ଯାଇଥିଲେ। ତେବେ ପଟିଆ ଷ୍ଟେସନ ନିକଟରେ ଓହ୍ଲାଉଥିବା ବେଳେ କୌଣସି କାରଣରୁ ଟ୍ରେନରୁ ଖସିପଡ଼ିଥିଲେ। ତାଙ୍କର ଦୁଇ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଡାହାଣ ଗୋଡ଼ କଟାଯାଇଥିଲା। ବାମ ଗୋଡ ଓ ଛାତି ପିଞ୍ଜରା ମଧ୍ୟ ଭାଙ୍ଗିଯାଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିବା ଫଳରେ ସେ କୋମାରେ ରହିଥିଲେ।



## ଭଦ୍ରକ ବ୍ଲକରେ ୨୧୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଭଦ୍ରକ,୧୯ ।୧୨(ସମିସ):** ଆଜି ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ହିତାଧିକାରୀଙ୍କୁ ଭତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ୩୬ପଞ୍ଚାୟତର ୨୧୬ ଜଣ ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏମାନଙ୍କ ମଧ୍ୟରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ଆଦି ଭତ୍ତା ରହିଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଡିଓ ସୀତାକାନ୍ତ ରାଉତ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯଶୋଦା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖାନ୍‌କା ସରିଫ୍ ପାଇଁ ୨କୋଟିରୁ ଅଧିକ ଟଙ୍କା ମଞ୍ଜୁର

# ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ

**ଧାମନଗର,୧୯ ।୧୨(ସମିସ)**




ରାଜ୍ୟରେ ବିଭିନ୍ନ ସମ୍ପ୍ରଦାୟର ଧର୍ମାନୁଷ୍ଠାନ ଗୁଡ଼ିକର ଉନ୍ନତି ଓ ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି। ପ୍ରକାଶ ଥାଉକି '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଧାମନଗର ଗସ୍ତ ସମୟରେ ଖାନକା ସରିଫର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଏକ ପାଚେରି ଓ ପାଣି ଟାଙ୍କି ନିର୍ମାଣ ସମ୍ପର୍କରେ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏହି ଅନୁରୋଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସେମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପାଣି ଟାଙ୍କି ଓ ଜଳଯୋଗାଣ ସୁବିଧା ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ଏହିକ୍ରମରେ ଧାମନଗରରେ ଥିବା ମୁସଲମାନ ସମ୍ପ୍ରଦାୟର ଭାରତ ପ୍ରସିଦ୍ଧ ଧାର୍ମିକ ପୀଠ ଖାନକା ସରିଫ ପରିସରରେ ପୀରବାବା ହୋଜୁର ମୁଜାହିଦ୍-ଏ-ମଲ୍ଲିକଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଜଳଯୋଗାଣର ସୁବ୍ୟବସ୍ଥା ପାଇଁ ୧ଲକ୍ଷ ତଥା ଉଚ୍ଚ କ୍ଷମତା ପାଣି ଟାଙ୍କି ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨କୋଟି ୧ଲକ୍ଷ ୫ହଜାର ଟଙ୍କା ମଞ୍ଜୁର କରିଛନ୍ତି। ତେଣୁ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଉର୍ସ କମିଟିର ସାଧାରଣ ସମ୍ପାଦକ ଏମ୍‌ଡି ଇସ୍ରାଇଲ ହବିବ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ସମ୍ମାନିତ ଅତିଥି ଭାବେ 'ଆମ ଓଡିଶା, ନବୀନ ଓଡିଶା' ଜିଲ୍ଲା ସଂଯୋଜକ ସଞ୍ଜୟ କୁମାର ଦାସ, ସାଂସଦ ନଗର ପ୍ରତିନିଧି ଜଗଦୀଶ ପାତ୍ର, ବିଜେଡି ନଗର ସଭାପତି ସୁଶାନ୍ତ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କମିଟିର ଉପସଭାପତି ସୟଦ ମୁସ୍ତଫା ରଜା, ସୟଦ ହାସନେନ ରଜା, ବରିଷ୍ଠ ସଭ୍ୟ ଏମଡି ଫଜଲେ ବାରି, ସେକ ଗୋଲାମ ଅଲ୍ଲୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କୁ ଧନ୍ୟବାଦ ଓ ଗଭୀର କୃତଜ୍ଞତା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା

# 'ପୁସ୍ତକ ପଠନ ମନୁଷ୍ୟ ଚରିତ୍ର ନିର୍ମାଣରେ ସାହାଯ୍ୟ କରେ'

ଯାଜପୁର,୧୯।୧୨ (ସମିସ)



ତ୍ରୟୋଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ୫ମ ସନ୍ଧ୍ୟାରେ ଉଦ୍ଘାଟକ ଭାବେ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗଦେଇ ପୁସ୍ତକର ଗୁରୁତ୍ୱ ଓ ମହତ୍ୱ କଥା ଆଲୋଚନା ପର୍ଯ୍ୟାୟରେ ଲକ୍ଷ୍ମୀପୁରାଣ, ଭାଗବତ ଓ ରାମାୟଣ ଭଳି ଗ୍ରନ୍ଥର ପଠନ ମନୁଷ୍ୟ ଚରିତ୍ର ନିର୍ମାଣରେ ସାହାଯ୍ୟ କରେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ଓ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ ବହିର ବିକଳ୍ପ ନାହିଁ ବୋଲି କହିଥିଲେ। ଭଲ ପୁସ୍ତକ ପଢ଼ିବା ଦ୍ୱାରା ଚରିତ୍ର ମାର୍ଜିତ ହୁଏ, ଜୀବନରେ ଆନନ୍ଦ ମିଳିବା ସହ ସମାଜରୁ ବିଶୃଙ୍ଖଳା ଦୂରୀଭୂତ ହୁଏ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକାର ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ପ୍ରତିବର୍ଷ ଭଳି ଏବର୍ଷ ପୁସ୍ତକମେଳାର ଆୟୋଜନ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା କହିଥିଲେ। ପ୍ରଫେସର ଡଃ ସୁଧୀର ଚନ୍ଦ୍ର ଜେନା, ସୂଚନା ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଶିକ୍ଷାବିତ ଦଶରଥ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବି ବାଇଧର ମାଝି, ଅଖିଳ ମୋହନ ଦାଶ, ମନୋଜ ନାଥ, ଓମ ପଣ୍ଡା, ପ୍ରଭାତ ମଲ୍ଲିକ, ରଞ୍ଜିତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ସନ୍ତୋଷ କୁମାର ନନ୍ଦ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସ୍ୱାଗତ କରିଥିବାବେଳେ ସୁବାସ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦକ ବୃନ୍ଦାବନ ମିଶ୍ର ପରି.ଳନ କରିଥିଲେ।

## ପତଞ୍ଜଳି ଯୋଗ ସମିତିର ଯୋଗ ଶିବିର ଉଦ୍ଘାଟିତ



**ବ୍ୟାସନଗର,୧୯ ।୧୨(ସମିସ):** ମଙ୍ଗଳବାର ପ୍ରାତଃ ୬ ଘଟିକା ସମୟରେ ସ୍ଥାନୀୟ କାଳୀ ମେଳଣ ପଡ଼ିଆରେ ପୁସ୍ତକ ମେଳା ପରିସରରେ ପତଞ୍ଜଳି ଯୋଗ ସମିତି ବ୍ୟାସନଗର ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଯୋଗ ଶିବିର ଉଦ୍ଘାଟିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତିର ତହସିଲର ଉପଦେଷ୍ଟା ବିବେକାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌର ପରିଷଦର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଡାକ୍ତର ପ୍ରମୋଦ କୁମାର ଶତପଥୀ ଯୋଗଦାନ କରିଥିଲେ। ଅତିଥିମାନେ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ମତବ୍ୟକ୍ତ କରିଥିବାବେଳେ ଶିବିରରେ ୨୦୦ରୁ ଅଧିକ ଶିବିରାର୍ଥୀ ଯୋଗ ଦେବା ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଯୋଗ ଶିକ୍ଷକ ବଟକୃଷ୍ଣ ପ୍ରଧାନ ଓ ଜିଲ୍ଲା ସହପ୍ରଭାରୀ ବିଭୀଷଣ ନାୟକ, ଯାଜପୁର ଜିଲ୍ଲା ପତଞ୍ଜଳି ଭାରତ ସ୍ୱାଭିମାନର ପ୍ରଭାରୀ ଅଧ୍ୟାପକ ବିବେକାନନ୍ଦ ଜେନା ଶିବିରାର୍ଥୀଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ।

## ମହିଳାଙ୍କୁ ଠକି ମହିଳା ଫେରାର ଅଭିଯୋଗ

**ବାଲିଚନ୍ଦ୍ରପୁର, ୧୯।୧୨(ସମିସ):** ବାଲିଚନ୍ଦ୍ରପୁର ଅଞ୍ଚଳରେ ଏବେ ଚତୁରୀ ମହିଳାମାନେ ଗରିବ ମହିଳାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇ ଛୁ ମାରୁଥିବା ଦେଖିବାକୁ ମିଳୁଛି। ଏମିତି ଏକ ଘଟଣା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତର ନାନପୁରପଟଣା ଗ୍ରାମରେ ଘଟିଥିବାବେଳେ ଆଜି ଏମିତି ଆଉ ଗୋଟିଏ ଘଟଣା ଚାରିନଙ୍ଗଳ ପଞ୍ଚାୟତ ଚାରିନଙ୍ଗଳ ବାରବାଟୀ ଗ୍ରାମରେ ଘଟିଥିବା ଜଣାପଡିଛି। ଏହି ଗ୍ରାମର ବହୁ ମହିଳାଙ୍କୁ ଭୁଆଁ ବୁଲାଇ ସେମାନଙ୍କଠାରୁ ୨୫ ଲକ୍ଷରୁ ଅଧିକ ଟଙ୍କା ନେଇ ଜଣେ ମହିଳା ଚମ୍ପଟ ମାରିଛି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ବହୁ ଗରିବ ମହିଳା ଆଜି ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଚାରିନଙ୍ଗଳ ଖାଦିମ ମହଲା ବାସିନ୍ଦା ସେକ ସଲିମଙ୍କ ପତ୍ନୀ ରହିମା ବିବି ଗତ କିଛିବର୍ଷ ହେବ ସାହି ନିକଟ ଗରିବ ମହିଳାଙ୍କୁ ସ୍ୱନ୍ଦନ, ମୁଥୁଟ, ବନ୍ଧନ, ଆଶୀର୍ବାଦ, ଆରବିଏଲ,ଅଧିକାର ଓ ଆଇଡିଏଫ୍‌ସି ସମେତ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ କରାଇ ସମସ୍ତ ଅର୍ଥ ନିଜେ ନେଇ ଯାଇଥା'ନ୍ତି। ତେବେ ରହିମା ବିବି ଘରୁ କେଉଁଆଡ଼େ ପଳାଇ ଯାଇଥିବା ନେଇ ତାଙ୍କ ସ୍ୱାମୀ ଥାନାରେ ଜଣାଇବା ପରେ ଲୁଟ୍‌ର ଶିକାର ମହିଳା ଏ ନେଇ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

## ଦେଶୀମଦ ଜବତ, ୨ ଗିରଫ

**ସୁକିନ୍ଦା,୧୯।୧୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମଦ ଜବତ କରିବା ସହ ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ ଅଧୀନସ୍ଥ ନଟିସାହି ଓ ଲେମ୍ବୋ ପଞ୍ଚାୟତ ଅଧୀନସ୍ଥ ମାଟିଗାଡିଆ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଚଢ଼ଉ ହୋଇ ଚୋରା ଦେଶୀମଦ ଜବତ କରି ରମେଶ ଚନ୍ଦ୍ର ମହାନ୍ତ(୬୩) ଓ ଲୁସି କାରୁଆ(୩୫) ଦୁଇ ଜଣ ଗିରଫ ହୋଇଥିବା ଜଣାପଡ଼ିଛି।

## ମାଙ୍କଡ଼ କାମୁଡ଼ାରେ ୨ ଆହତ

**ବାଲିକୁଦା, ୧୯।୧୨(ସମିସ):** ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତର ବାହାଦୂରନଗର ଗ୍ରାମର ଶୁକଦେଇ (୭୦) ଆଜି ଦିନ ୩ଟାରେ ନିଜ କୋଠାଘର ଛାତ ଉପରେ ଧାନ ତୋଳୁଥିବାବେଳେ ଏକ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ସେହିପରି ଏହି ଗ୍ରାମର ଗଣେଶ୍ୱର ବଳ ତାଙ୍କ ଘର ଛାତ ଉପରେ ବସିଥିବାବେଳେ ମାଙ୍କଡ ଆସି ତାଙ୍କୁ ମଧ ଆକ୍ରମଣ କରିଥିଲା। ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗଣେଶ୍ୱର ବଳ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବାବେଳେ ଶୁକଦେଇ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ୧୯ ବର୍ଷରୁ କମ୍ କ୍ରିକେଟ୍ ଟ୍ରଫି ଉନ୍ମୋଚିତ

**ବ୍ରହ୍ମବରଦା,୧୯।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ହାଜରହିଁମିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚଳିତ ବର୍ଷ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଏ ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କରାଯାଇଛି। ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ଉପସ୍ଥିତ ରହି ଟ୍ରଫିକୁ ଉନ୍ମୋଚନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କେଡିଏମ ଟିମ-ଜାରକା, ଇଲେଭେନଷ୍ଟାର ଟିମ-ଯାଜପୁର ଟାଉନ, ବିଏମସିସି-ଗୋଳକୁଣ୍ଡ ଓ ଘରୋଇ ବ୍ରହ୍ମବରଦା ଟିମ ଭାଗ ନେବେ।

## ଅଣଅନୁଷ୍ଠାନିକ ସୁରକ୍ଷା ଅଧିକାରୀଙ୍କୁ ଉତ୍କର୍ଷତା ପୁରସ୍କାର



**ଯାଜପୁର, ୧୯ ।୧୨(ସମିସ):** ଯାଜପୁର ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ଅର୍ଚ୍ଚନା କୁମାରୀ ସାମନ୍ତଙ୍କୁ ଅଣଅନୁଷ୍ଠାନିକ ଶ୍ରେଷ୍ଠ ସୁରକ୍ଷା ଅଧିକାରୀ ଭାବେ ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଯାହାକି ତାଙ୍କ ଶିଶୁ ସୁରକ୍ଷା କ୍ଷେତ୍ରରେ ନିଖୁଣ କାର୍ଯ୍ୟଧାରା ଓ ସହଭାଗିତା ଯୋଗୁଁ ଏ ପୁରସ୍କାର ପ୍ରାପ୍ତ କରିଛନ୍ତି। ସେ ଜିଲ୍ଲାରେ ଶିଶୁଙ୍କ ପୃଷ୍ଟପୋଷକତା, ପ୍ରତିପାଳନ, ପୋଷ୍ୟ ଗ୍ରହଣ ପ୍ରକ୍ରିୟା, ଶିଶୁଯତ୍ନ କେନ୍ଦ୍ରରପରିଚାଳନା, ବିଭିନ୍ନ ସରକାରୀ ଯୋଜନା ଯେପରିକି ବିଜୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ବଢ଼ାଓ କାର୍ଯ୍ୟକ୍ରମ, ବିଜୁ କନ୍ୟାରତ୍ନ ଯୋଜନା ପରି ଅନେକ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରି ରାଜ୍ୟରେ ଶ୍ରେଷ୍ଠ ଅଧିକାରୀ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏ ଅବସରରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନାଙ୍କଠାରୁ ମଧ ଶୁଭେଚ୍ଛା ଗ୍ରହଣ କରିଛନ୍ତି। ତାଙ୍କର ଏହି ସଫଳତା ପରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ଏଭଳି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଓଏମ୍‌ସିର ୬ଟି ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ

**କାଳିଆପାଣି,୧୯।୧୨(ସମିସ):** ଗତକାଲି ସନ୍ଧ୍ୟାରେ କାଳିଆପାଣି ସେଣ୍ଟ୍ରାଲ ଖେଳ ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଓଡ଼ିଶା ଖଣି ନିଗମର ୬ଟି ପ୍ରକଳ୍ପକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଲୋକାର୍ପିତ ୬ଟି ପ୍ରକଳ୍ପ ମଧ୍ୟରୁ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଦକ୍ଷିଣ କାଳିଆପାଣି ପରିସରସ୍ଥ ନୂତନ କ୍ରୋମ ଓର ବିଶୋଧନା ପ୍ଲାଣ୍ଟ, ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚିରିଗୁଣିଆ ଓ ଦୈତାରୀ ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର, କାଳିଆପାଣି ଓ ଦୈତାରୀ ଖଣି ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପାଇଁ ଦୁଇଟି ଆରୋଗ୍ୟ ବାହିନୀ ଆମ୍ବୁଲାନ୍ସ ସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଅନୁଦାନରେ କାଳିଆପାଣିରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସମେତ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଓଏମସିର ୨ ଆଞ୍ଚଳିକ ପ୍ରବନ୍ଧକ ଇଂ ଆଶିଷ କୁମାର ସାମନ୍ତରାୟ ଓ ଇଂ ବିଭୁତି ଭୂଷଣ ନାୟକ, ଶ୍ରମିକ ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସୁକିନ୍ଦା ବିଡିଓ ନମ୍ରତା ମୋଦି, ତହସିଲଦାର ଦମୟନ୍ତୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଖଣି ଅଞ୍ଚଳର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ହଜାର ହଜାର ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

ଓଏମସି ପ୍ରବକ୍ତାଙ୍କ କହିବା ଅନୁଯାୟୀ ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଓ ସିଓବି ପ୍ଲାଣ୍ଟ ନିର୍ମାଣ ହେତୁ ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସିଧାସଳଖ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହିତ ଶହ ଶହ ପରିବାର ପରୋକ୍ଷରେ ରୋଜଗାରକ୍ଷମ ହୋଇପାରିବେ। ଏଥିସହ ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ପ୍ରତିଷ୍ଠା ହେବା ଦ୍ୱାରା କ୍ରୋମାଇଟର ମାନ ନିର୍ଦ୍ଧାରଣ ଓ ବିଶ୍ଳେଷଣ କରିବାପାଇଁ ଆଉ କୋଲକାତା କିମ୍ବା ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବନାହିଁ। ସେହିପରି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଆରୋଗ୍ୟ ବାହିନୀ ଦ୍ୱାରା ଖଣି ପାର୍ଶ୍ୱବର୍ତ୍ତୀ ଗାଁରେ ଖୁବ ସହଜରେ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଖଣି ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ସିବିଏସଇ ମାଧ୍ୟମରେ ଉତ୍ତମ ଗୁଣବତ୍ତା ଇଂରାଜୀ ମାଧ୍ୟମ ଗୁଣାତ୍ମକ ଆବାସିକ ଶିକ୍ଷା ପାଇପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି ଓଏମସି ପକ୍ଷରୁ କୁହାଯାଇଛି। ବରିଷ୍ଠ କାର୍ମିକ ପ୍ରବନ୍ଧକ ସୁମିତ ପାଢ଼ୀ ଓ ସୁଶାନ୍ତ କୁମାର ସେଠୀ, ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସ ଓ ସରୋଜିନୀ ବ୍ରହ୍ମ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କଳିଙ୍ଗନଗର ପୁସ୍ତକ ମେଳା

# 'ପୁସ୍ତକ ନୈତିକତା, ମୂଲ୍ୟବୋଧ ଓ ବିଭୂପ୍ରେମର ସ୍ରଷ୍ଟା'




**ବ୍ୟାସନଗର,୧୯ ।୧୨(ସମିସ):** ଚଳିତ ଅଷ୍ଟମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟା ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ପୁସ୍ତକର କୌଣସି ବିକଳ୍ପ ନାହିଁ ଓ ଏହାଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଯୋଗଦେଇ ପୁସ୍ତକକୁ ମା' କ୍ଷୀର ସହ ତୁଳନା କରିଥିଲେ। ଏହା ମୂଲ୍ୟବୋଧ, ନୈତିକତା ଓ ବିଭୂପ୍ରେମ ଶିଖାଇବା ସଙ୍ଗେ ସଙ୍ଗେ ସମାଜର ମୋଡ଼ ପରିବର୍ତ୍ତନ କରିପାରେ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଯାଜପୁରରୋଡ଼ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଜ୍ୟୋତି ରଞ୍ଜନ ବେହେରା, ଯାଜପୁରରୋଡ଼ ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ପୁସ୍ତକ ହିଁ ମହାପୁରୁଷ ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ବ୍ୟାସନଗର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଡ ଦେବସ୍ମିତା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଅକ୍ଷୟ ଦେଓଙ୍କ ନେତୃତ୍ୱରେ ପିଲାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏନ୍‌ସି କଲେଜ ଛାତ୍ରୀ ସମର୍ପିତା ନନ୍ଦ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଉପସଭାପତି ଡ. ଅକ୍ଷୟ କୁମାର ପଣ୍ଡା, ବୀରକିଶୋର ସାହୁ, ଅଶୋକ ଖିଲାର, କୋଷାଧ୍ୟକ୍ଷ ଅଶ୍ୱିନୀ ଦାସ, ବ୍ରଜେଶ୍ୱରୀ ସିଂ, ମଧୁସୂଦନ ମହାପାତ୍ର, ପ୍ରଦ୍ୟୁମ୍ନ ବୋଇତାଇ, ରାଇଚରଣ ମହାନ୍ତି, ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କଳାପଥର ବୋଝେଇ ହାଇୱା ଜବତ

**କବାଟବନ୍ଧ,୧୯।୧୨ (ସମିସ):** କଟକ ବନଖଣ୍ଡ ବୈରୀ ଡାଳିଜୋଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଗଡ଼ମଧୁପୁର ଫରେଷ୍ଟ ସେକ୍ସନ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ାଉ ବେଳେ ବନ ବିଭାଗ ବିଛାଖଣ୍ଡି ବେଆଇନ ପାହାଡ଼ ଅଞ୍ଚଳରୁ ଏକ ହାଇୱା ପଥର ବୋଝେଇ କରି ଯାଉଥିବା ସମୟରେ ବନ ବିଭାଗ କର୍ମଚାରୀ ଗାଡ଼ିକୁ ପିଛା କରିଥିଲେ। ହାଇୱା ଡ୍ରାଇଭର ଚଣ୍ଡୀଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବାଉଁଶଡୋଳ ନିକଟରେ ଗାଡ଼ିକୁ ଛାଡ଼ି ପଳାଇଯାଇଥିଲା। ଜବତ ହାଇୱାକୁ ବୈରୀ ରେଞ୍ଜରେ ରଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆନ୍ତଃକଲେଜ କ୍ରିକେଟ୍; କେନ୍ଦ୍ରାପଡ଼ା ବିଜୟୀ



**ବ୍ୟାସନଗର,୧୯।୧୨(ସମିସ):** ବ୍ୟାସନଗର ମହାବିଦ୍ୟାଳୟରେ ଅଲ୍ ଓଡ଼ିଶା +୨ ଆନ୍ତଃକଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଜୋନ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଏସିସିଏସ୍ କଲେଜ ପୁରୀ ଓ କେନ୍ଦ୍ରାପଡ଼ା କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍କୁ ଉଦଘାଟନ କରିଥିବାବେଳେ କ୍ରୀଡା ସଂସଦର ଉପସଭାପତି କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବନବନ୍ଧୁ ଦାସ, ପ୍ରଦୋଶ ରାୟ, ରଙ୍ଗୀନ ସାହୁ, ସନ୍ତୋଷ ରଥ ଉପସ୍ଥିତ ଥିଲେ। ଟସ୍ ଜିତି ସାମନ୍ତ ଚନ୍ଦ୍ରଶେଖର କଲେଜ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୩ ରନ୍ କରିଥିଲା। ଦଳ ପକ୍ଷରୁ ରତ୍ରା ବେହେରା ୩୭ ଓ ସୁଶୀଲ ସେଠୀ ୩୪ ରନ୍ କରିଥିଲେ। ଜବାବରେ କେନ୍ଦ୍ରାପଡ଼ା କଲେଜ ୧୪.୫ ଓଭରରେ ୬ ୱିକେଟ୍ ହରାଇ ୧୪୪ ରନ୍ କରି ୪ ୱିକେଟ୍ରେ ବିଜୟୀ ହୋଇଥିଲା। ଖେଳକୁ ପବିତ୍ର ମଲ୍ଲିକ, ଜ୍ଞାନରଞ୍ଜନ ସ୍ୱାଇଁ, ଆଦର୍ଶ ମହାନ୍ତି, ନିରଞ୍ଜନ ପୃଷ୍ଟି ଓ ନଟବର ମଲିକ ପରିଚାଳନା କରିଥିଲେ।

## ବିଞ୍ଝାରପୁର ନାଗରିକ ମଞ୍ଚ ପ୍ରତିଷ୍ଠାତା ସଭାପତିଙ୍କ ଦେହାନ୍ତ

**ବିଞ୍ଝାରପୁର,୧୯।୧୨(ସମିସ):** ବିଞ୍ଝାରପୁର ବିଞ୍ଝାରପୁର ନାଗରିକ ମଞ୍ଚର ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର କୁମାର ଧଳ (୭୨)ଙ୍କ ଆଜି ଅପରାହ୍ନରେ ପରଲୋକ ହୋଇଯାଇଛି।



ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଶେଷ ଦର୍ଶନ ପାଇଁ ସିଂହପୁରସ୍ଥ ତାଙ୍କ ବାସଭବନରେ ମ ର ଶ ର ୀ ର କୁ ରଖାଯାଇଥିଲା। ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ। ଆଜି ଅପରାହ୍ନରେ ଅସୁସ୍ଥତା ବଢ଼ିବା କାରଣରୁ ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଉଥିଲା। ବାଟରେ ସେ ହୃଦଘାତରେ ମୃତ୍ୟୁବାରଣ କରିଥିଲେ। ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବଣିକ ସଂଘ ସଭାପତି ସମାଜସେବୀ ନିରଞ୍ଜନ ବେଉରିଆ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସିଂହପୁର ବଜାର ବଣିକ ସଂଘ ପକ୍ଷରୁ ସ୍ୱର୍ଗତ ଧଳଙ୍କ ବିୟୋଗ ଯୋଗୁ ବୁଧବାର ବଜାର ବନ୍ଦ ରଖାଯିବ ବୋଲି ବଣିକ ସଙ୍ଘ ପକ୍ଷରୁ ଘୋଷଣା କରାଯାଇଛି।

## ବାଇକ୍ ଲୁଟେରାକୁ ରିମାଣ୍ଡରେ ନେଲା ସୁକିନ୍ଦା ପୁଲିସ

**ସୁକିନ୍ଦା,୧୯ ।୧୨(ସମିସ):** ଜେନାପୁର ପୁଲିସ ଦ୍ୱାରା ଗିରଫ ହୋଇଥିବା ଲୁଟେରାଠାରୁ ସୁକିନ୍ଦା ପୁଲିସ ଏକ ବାଇକ ଜବତ କରିବା ସହ ଅନ୍ୟ କିଛି ଚୋରି ବିଷୟରେ ଜାଣିବା ପାଇଁ ରିମାଣ୍ଡରେ ଆଣିଥିବା ଜଣାପଡ଼ିଛି। ଜେନାପୁର ଥାନା ଅନ୍ତର୍ଗତ ମୁରାରୀପୁର ଅଞ୍ଚଳର ଅନୁକୁଳିଆ ଜେନାଙ୍କ ପୁଅ ଚଗଲି ଜେନା(୪୭) ନାମରେ ଜେନାପୁର ଅଞ୍ଚଳର ବିଭିନ୍ନ ଚୋରି ଅଭିଯୋଗ ଥିଲା। ସେହି ଅଭିଯୋଗରେ ଜେନାପୁର ଥାନା ପୁଲିସ ଚଗଲିକୁ ଗିରଫ କରିବା ସହ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିଥିଲା। ଚଗଲୀ ଓ ଅନାଦି ଦୁଇ ଭାଇ ମିଶି ସୁକିନ୍ଦା ଅଞ୍ଚଳରୁ ବାଇକ୍ ଚୋରି କରିଥିବା ଚଗଲି ସ୍ୱୀକାର କରିଥିଲା। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଲୁଟରେ ଚଗଲି ସମ୍ପୃକ୍ତି ଜାଣିବା ପାଇଁ ଚଗଲିକୁ ରିମାଣ୍ଡରେ ଆଣି ବିଭିନ୍ନ ଘଟଣାର ତଦନ୍ତ ଜାରି ରଖିଛି।

# ଖପୁରିଆପଦାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଯଖପୁରା, ୧୯ ।୧୨(ସମିସ)



ଦାନଗଦି ବ୍ଲକ୍ ଅଧୀନସ୍ଥ ଖପୁରିଆପଦା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭ ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ଆଜି ସକାଳେ ଖପୁରିଆପଦା ପଞ୍ଚାୟତର ବିଜୁ ଜନତା ଦଳର କର୍ମୀ ଏକ ବିରାଟ ପଟୁଆରରେ ମନ୍ତ୍ରୀଙ୍କୁ ଯୋକଡିଆ ଗଣ୍ଡା ନାଳ ଛକରୁ ଚକୁଆ ଗ୍ରାମ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ବିଜେଡି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଡାନି ଭାଇ ଜିନ୍ଦାବାଦ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଖପୁରିଆପଦା ପଞ୍ଚାୟତର ମାର୍ଥାପୁର, ବ୍ରାହ୍ମଣୀ ଗାଁ, ବାଲିପଶି, ଖପୁରିଆପଦା, ଜଳକା, ଚାକୁଆ ଆଦି ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଶୁଭ ଦେଇଛନ୍ତି। ନବୀନ ସରକାରଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ଦଶଟି ପ୍ରକଳ୍ପ, ଆରଡି ବିଭାଗର ଗୋଟିଏ ପ୍ରକଳ୍ପ, ଜଳସେଚନ ବିଭାଗର ଦୁଇଟି ପ୍ରକଳ୍ପର ଶୁଭ ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଘଡ଼ାଇ।

ବିଭିନ୍ନ ପ୍ରକଳ୍ପର ଶୁଭ ଦେବା ସହିତ ସହିତ ନବୀନ ସରକାରଙ୍କ ଅନେକ ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଜଣାଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଓଡ଼ିଶା ସରକାର ଅନେକ ଯୋଜନା କରିଛନ୍ତି ବୋଲି କହିଛନ୍ତି। ସରକାରଙ୍କ ସମସ୍ତ ଯୋଜନା କିପରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଜୁ ଜନତା ଦଳର କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଖପୁରିଆପଦା ପଞ୍ଚାୟତକୁ ଆହୁରି ଅଧିକରୁ ଅଧିକ ଉନ୍ନତ ଓ ବିକଶିତ କରାଯିବ ବୋଲି କହିଛନ୍ତି। ଆଜିର ଏହି ମାରାଥନ ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀଙ୍କ ବ୍ୟତୀତ ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ,୧୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁଚିତ୍ରା ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଲୋକନାଥ ଧୀର, ସୁରେନ୍ଦ୍ର ନାଥ ମିଶ୍ର, ଖପୁରିଆପଡ଼ା ସରପଞ୍ଚ ମୋନାଲିସା ଧଳ, ସମିତିସଭ୍ୟା ସିମରନ ସାମଲ, ପ୍ରଦୀପ ସାମଲ, ପୂର୍ବତନ ବିଜେଡି ସଭାପତି ପ୍ରଦୀପ ସାମଲ, ମୁରଲୀ ଧଳ, ତପନ ଜେନା, କୁନ୍ତୁ ଜେନା, ଇଲୁ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଭୁବନେଶ୍ୱରରେ କାର୍ଯ୍ୟାଳୟ ପ୍ରତିଷ୍ଠା କରିବ ଇଣ୍ଟେଗ୍ରିଓନ୍




**ଭୁବନେଶ୍ୱର,୧୯ ।୧୨(ସମିସ):** ନଲେଜ ପ୍ରୋସେସ୍ ଆଉଟ୍‌ସୋର୍ସିଂ (କେପିଓ) କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ କମ୍ପାନୀ ଇଣ୍ଟେଗ୍ରିଓନ୍ ଓଡ଼ିଶାରେ କାରବାର ଆରମ୍ଭ କରିବ। ଆମେରିକା, ଲଣ୍ଡନ, ଦିଲ୍ଲୀ ଓ ମୁମ୍ବଇ ପରେ କମ୍ପାନୀ ଭୁବନେଶ୍ୱରରେ ନିଜର କାର୍ଯ୍ୟାଳୟ ପ୍ରତିଷ୍ଠା କରିବ। ଆଜି ଏ ନେଇ ଇଣ୍ଟେଗ୍ରିଓନ୍ ଏବଂ ବୈଦ୍ୟୁତିକ ଓ ରାଜ୍ୟ ସୂଚନା ପ୍ରଯୁକ୍ତି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

**ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତି ପାଇବେ ୨୦୦ ଦକ୍ଷ ଇଞ୍ଜିନିୟର**

କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୨୦୦ ଦକ୍ଷ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବ। କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଭିତ୍ତିଭୂମି ଯୋଗାଇ ଦେବେ। ରାଜ୍ୟ ଇ ଓ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର ଏବଂ ଇଣ୍ଟେଗ୍ରିଓନ୍ ସିଇଓ ସୁବ୍ରତୋ ମୁଖାର୍ଜୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କମ୍ପାନୀ ନିଜର ୨୫ ବର୍ଷ ପୂର୍ତ୍ତି ଅବସରରେ ଶିମିଳିପାଳ ଅଭୟାରଣ୍ୟରେ ୨୫ହଜାର ଗଛ ଲଗାଇବ ବୋଲି କୁହାଯାଇଛି। ଭୁବନେଶ୍ୱରରୁ କାର୍ଯ୍ୟାଳୟରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଗ୍ରହକଙ୍କୁ ଟେକ୍ ସଲ୍ୟୁସନ୍ ସେବା ପ୍ରଦାନ କରିବ ବୋଲି ଶ୍ରୀ ମୁଖାର୍ଜୀ ପ୍ରକାଶ କରିଥିଲେ। ଓଡ଼ିଶାରେ ଆଇଟି ଭିତ୍ତିଭୂମିର ରୂପାନ୍ତରଣ ବିଶେଷକରି ନିବେଶ ଅନୁକୂଳ ନୀତି, ଆଇଟି ଶିଳ୍ପ ଅନୁକୂଳ ପରିବେଶ, ଉନ୍ନତ ଭିତ୍ତିଭୂମି ସର୍ବୋପରି ଦକ୍ଷ ମାନବସମ୍ବଳ ଆଧାରରେ ଓଡ଼ିଶା ବିଶ୍ୱ ସମୁଦାୟକୁ ପୁଞ୍ଜିବିନିଯୋଗ କରିବାରେ ସଫଳତା ପାଇଛି ବୋଲି ଶ୍ରୀ ମିଶ୍ର ଏହି ଅବସରରେ ପ୍ରକାଶ କରିଥିଲେ।

## ■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ଘଟଣା

# ଆଇଡିବିଆଇ ବ୍ୟାଙ୍କ୍ ମ୍ୟାନେଜର୍ ଗିରଫ

**ନବରଙ୍ଗପୁର,୧୯।୧୨(ସମିସ):** ନବରଙ୍ଗପୁର ସହରସ୍ଥିତ ଆଇଡିବିଆଇ ବ୍ୟାଙ୍କ୍‌ରୁ ୧ କୋଟି ଟଙ୍କା ହେରଫେର୍ ଘଟଣାରେ ନବରଙ୍ଗପୁର ପୁଲିସ ବ୍ୟାଙ୍କ୍ ମ୍ୟାନେଜର୍ ଅଞ୍ଜନ କୁମାର ଶତପଥୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ମିଥ୍ୟା ପ୍ରତିଶ୍ରୁତି ଦେଇ କିଛି ଜମାକାରୀଙ୍କଠାରୁ ଆଣିଥିବା ଟଙ୍କା ଶୁଝିବା ପାଇଁ ସେ ଏପରି କରିଥିବା ପୁଲିସ୍ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନାନୁଯାୟୀ, ବ୍ରାଞ୍ଚ ମ୍ୟାନେଜର୍ ଶ୍ରୀ ଶତପଥୀ ଗତ ୧ ଓ ୨ ତାରିଖ ଦିନ ବ୍ୟାଙ୍କରେ କାରବାର ହୋଇଥିବା ଟଙ୍କା ଏସ୍‌ବିଆଇର କରେନ୍ସି ଚେଷ୍ଟରେ ଜମା କରିବେ ବୋଲି କହି ନେଇଥିଲେ। କିନ୍ତୁ ତାହାକୁ ଜମା କରିନଥିଲେ। ଗତ ୧୫ ତାରିଖ ଦିନ ଅଡିଟ୍‌ରେ ୧ କୋଟି ଟଙ୍କା କମ୍ ରହିଥିବା ଜଣାପଡ଼ିବାରୁ ବ୍ୟାଙ୍କ କର୍ମଚାରୀମାନେ ଏ ସଂପର୍କରେ ଡିଜିଏମ୍ ସ୍ୱରୂପ ଦତ୍ତଙ୍କୁ ଜଣାଇଥିଲେ। ଡିଜିଏମ୍ ଶ୍ରୀ ଦତ୍ତ ନବରଙ୍ଗପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କକୁ ଆସି ତଦନ୍ତ କରିବା ପରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ନବରଙ୍ଗପୁର ପୁଲିସ ତଦନ୍ତ କରି ମ୍ୟାନେଜର୍ ଅଞ୍ଜନଙ୍କୁ ଅଟକ ରଖିଥିଲା।

ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା ଯେ ବ୍ୟାଙ୍କ୍ ମ୍ୟାନେଜର୍ ଅଞ୍ଜନ ମାସକୁ ୫ ପ୍ରତିଶତରୁ ଅଧିକ ସୁଧ ମିଳିବାର ପ୍ରଲୋଭନ ଦେଖାଇ ବ୍ରହ୍ମପୁରର କିଛି ଲୋକଙ୍କଠାରୁ ଟଙ୍କା ନେଇଥିଲେ। କିନ୍ତୁ କିଛି ମାସ ପରେ ଜମାକାରୀମାନେ ତାଙ୍କୁ ସୁଧ-ମୂଳ ମାଗିବାରୁ ଅଞ୍ଜନ ହରଡ଼ଘଣାରେ ପଡ଼ି ଯାଇଥିଲେ।



ତେଣୁ ସେ ବ୍ୟାଙ୍କ୍‌ରେ ନୂତନ ଭାବେ ଯୋଗ ଦେଇଥିବା କ୍ୟାସିୟରଙ୍କୁ ଚାପ ଓ ଭୟ ଦେଖାଇ ଜମାକାରୀଙ୍କ ମଧ୍ୟରୁ ୮ଜଣଙ୍କ ଆକାଉଣ୍ଟକୁ ମୋଟ ୬୩ ଲକ୍ଷ ଟଙ୍କା ନବରଙ୍ଗପୁର ଆଇଡିବିଆଇ ବ୍ରାଞ୍ଚରୁ ଟ୍ରାନ୍ସଫର୍ କରିଥିଲେ। ବଳକା ୩୭ଲକ୍ଷ ଟଙ୍କାକୁ ସେ ନବରଙ୍ଗପୁର ଏସ୍‌ବିଆଇ ମୁଖ୍ୟ ଶାଖାରେ ଡିପୋଜିଟ୍ କରିବେ ବୋଲି କହି ନେଇଯାଇଥିଲେ। କିନ୍ତୁ ତାହାକୁ ସେ ଡିପୋଜିଟ୍ କରିନଥିଲେ।

ତେବେ ଏହି ହେରଫେର୍ ପଛିରେ କେବଳ ବ୍ୟାଙ୍କ ମ୍ୟାନେଜର୍ ଅଞ୍ଜନଙ୍କ ହାତ ଅଛି ନା ଅନ୍ୟ

- **ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଟଙ୍କା ଆଣିଥିଲେ**
- **୮ଜଣଙ୍କ ଆକାଉଣ୍ଟକୁ ୬୩ ଲକ୍ଷ ଟ୍ରାନ୍ସଫର୍ କରିଥିଲେ**

କର୍ମଚାରୀମାନେ ମଧ୍ୟ ସାମିଲ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଛି। ମଙ୍ଗଳବାର ନବରଙ୍ଗପୁର ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଉପସ୍ଥିତ ଥିଲେ।

## ଲୋକକଥା



ଗଣତନ୍ତ୍ର ନିଜ ତନ୍ତ୍ର ହୋଇଗଲେ
ଜଟିଳ ହୋଇବ ସ୍ଥିତି,
ଦେଶରେ ଏବେ ଯା ଚାଲିଚି ସତରେ
କି ହୋଇବ ପରିଣତି !
ବଢ଼ିବ ଯାହା ଅନୀତି,
ସ୍ୱେଚ୍ଛାଚାର କୂଳ ଲଙ୍ଘିକି ଚାଲିବ
ବିଗିଡ଼ିବ ପରିସ୍ଥିତି !!

# ଭିଜିଲାନ୍ସ ଜାଲରେ ରାଜସ୍ୱ ବିଭାଗର ଦୁଇ କର୍ମଚାରୀ

**ଜୟପୁର, ୧୯ ।୧୨ (ସମିସ):** ୧୦ ହଜାର ଟଙ୍କା ଲାଞ୍ଚ ନେଇ ରାଜସ୍ୱ ବିଭାଗର ଦୁଇ କର୍ମଚାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ, ମାଛକୁଣ୍ଡ ତହସିଲ ଲମତାପୁଟ ମୌଜାର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ

**ଜମି ମାପଚୁପ ପାଇଁ ୧୦ ହଜାର ଲାଞ୍ଚ ନେଉଥିଲେ**

(ଆରଆଇ) ବିଜୟ କୁମାର ବାଗ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋହିତ କୁମାର ପାଢ଼ୀ। ଏକ ଜମି ମାପ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁହେଁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ମାଛକୁଣ୍ଡ ତହସିଲ ଅଧୀନ ମାଲେଙ୍ଗା ଗ୍ରାମର ହରି ନାୟକ ତାଙ୍କ ଜମିର ମାପଚୁପ ପାଇଁ ଆବେଦନ କରିଥିଲେ। ଆର୍‌ଆଇ ବିଜୟ ବାଗ ତାଙ୍କୁ ବିଭିନ୍ନ ଆଳ ଦେଖାଇ ସହଯୋଗ କରିନଥିଲେ। କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋହିତ ପାଢ଼ୀ ତାଙ୍କୁ କହିଥିଲେ ଯେ ୧୦ ହଜାର ଟଙ୍କା ଦେଲେ ଆପଣଙ୍କର କାମ ସୁରୁଖୁରୁରେ ହୋଇଯିବ। ଏନେଇ ଅଭିଯୋଗକାରୀ ଶ୍ରୀ ନାୟକ ଜୟପୁର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ତେଣୁ ଦୁଇଜଣଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା।

ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ଉରେ ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଇନ୍‌ସପେକ୍ଟର ଭୀମସେନ ପୂଜାରୀ, ସଞ୍ଜୟ କୁମାର ପ୍ରଧାନ, ସାବିତ୍ରୀ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ୩ ଦଶନ୍ଧି ପରେ ଶିମିଳିପାଳରେ ବଳିଆ କୁକୁର

**ଭୁବନେଶ୍ୱର, ୧୯ ।୧୨(ସମିସ):** ପ୍ରାୟ ୩ ଦଶନ୍ଧି ପରେ ଶିମିଳିପାଳରେ ଏକ ବଳିଆ କୁକୁର (ଏକ ବଣୁଆ କୁକୁର ପ୍ରଜାତି) ଦେଖାଦେଇଛି। ବାଘ ଗଣନା ପାଇଁ ବର୍ତ୍ତମାନ ଶିମିଳିପାଳ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାମେରା ଲଗାଯାଇଛି। ଏଥିରେ ଏହି କୁକୁରକୁ ଟ୍ରାପ୍ କରାଯାଇଛି। ଏହି କୁକୁରଟି ଅନେକ ଦୂର ଅତିକ୍ରମ କରି ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି।



ସମ୍ଭବତଃ ଖାଦ୍ୟ ସାଥୀ ସନ୍ଧାନରେ ଏହି କୁକୁର ଏଠାକୁ ଆସିଥିବା ଶିମିଳିପାଳ କର୍ତ୍ତୃପକ୍ଷ କହିଛନ୍ତି।

ସାତମାସ ପୂର୍ବରୁ ଦେବଗଡ଼ ବନଖଣ୍ଡ ଅଧୀନରେ ଏଭଳି ବଣୁଆ କୁକୁର ଦେଖାଯାଇଥିଲା। ଜଣେ ରେଞ୍ଜର ଏହି ପ୍ରଜାତିର କୁକୁର ଦେଖିଥିଲେ। ହୁଏତ ଶିମିଳିପାଳରେ ଦେଖାଯାଇଥିବା କୁକୁରଟି ସେହି କୁକୁର ହୋଇପାରେ ବୋଲି ସନ୍ଦେହ କରାଯାଉଛି। ଶେଷଥର ପାଇଁ ଶିମିଳିପାଳରେ ୯୦ ଦଶକର ଶେଷଆଡ଼କୁ ବଳିଆ କୁକୁର ଦେଖାଯାଇଥିଲା। ଏଠାକୁ ଆସିଥିବା କୁକୁର ଯଦି ଶିମିଳିପାଳରେ କୌଣସି ସାଥୀ ନ ପାଏ, ତେବେ ଅନ୍ୟତ୍ର ଚାଲି ଯାଇପାରେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସାଧାରଣତଃ ଏହି ପ୍ରଜାତି କୁକୁରମାନେ ଏକ ବଡ଼ ଦଳରେ ବାସ କରନ୍ତି ଏବଂ ମିଳିତ ଭାବେ ଶିକାର କରନ୍ତି।

# ଜଳିଗଲା ୬ ଏକରରୁ ଊର୍ଦ୍ଧ୍ୱ ଧାନ ଗଛ

**ବସ୍ତା, ୧୯।୧୨ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ବ୍ରାହ୍ମଣଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିଆଁ ଉଡ଼ି ଧାନ ବିଲରେ ପଡ଼ିବାରୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ହୋଇଥିବା ଧାନ ପୋଡ଼ି ଛାରଖାର୍ ହୋଇଯାଇଛି। ଖବର ପାଇ ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ବିଲ ଭିତରକୁ ଯାଇ ପାରିନଥିଲା। ସୂଚନାନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ ଧାନ ଅମଳ ପରେ ବିଲରେ ପଡ଼ିଥିବା ନଡ଼ାରେ କେହି ନିଆଁ ଲଗାଇଥିଲା। ସେଥିରୁ ନିଆଁ ଉଡ଼ି ପାଖ ଧାନବିଲରେ ପଡ଼ି ଧାନ ଗଛ ସବୁ ଜଳିବାକୁ ଲାଗିଥିଲା। ଖବର ପାଇ ଚାଷୀମାନେ ବିଲରେ ପହଞ୍ଚିବା ବେଳକୁ ଧାନ ଗଛ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ବିଲ ପାଖରେ ପାଣି ନ ଥିବାରୁ ନିଆଁକୁ ଆୟତ୍ତ କରିବାରେ ଚାଷୀମାନେ ବିଫଳ ହୋଇଥିଲେ। ଖବର ପାଇ ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଦମକଳ ଗାଡ଼ି ବିଲକୁ ଯାଇ ପାରି ନଥିଲା। ତେଣୁ ଅଗ୍ନିଶମ କର୍ମଚାରୀ ପିଟିପିଟି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଆଁ ଆୟତ୍ତ ହୋଇପାରିନଥିଲା। ଏହି ଅଗ୍ନିକାଣ୍ଡରେ ବ୍ରାହ୍ମଣଦା ଗ୍ରାମର ସଚ୍ଚୀନ୍ଦ୍ର ମହନ୍ତଙ୍କ ପୁଅ ରଞ୍ଜିତ ମହନ୍ତଙ୍କ ୬ ଏକରରୁ ଊର୍ଦ୍ଧ୍ୱ ଜମି ପୋଡ଼ି ଛାରଖାର ହୋଇଯାଇଥିବା ବେଳେ ତାଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାନ ବିଲ ଜଳୁଥିବା ଦେଖିବାକୁ ମିଳିଛି।

## ଅବଶିଷ୍ଟାଂଶ

### ଫେବୃଆରୀରେ ପ୍ରଥମ...

ଆୟୋଜନ କରିବେ ସ୍ଥିରୀକୃତ ହୋଇଛି। ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ଆୟୋଜିତ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକ୍ରମେ ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିବାକୁ ଐତିହ୍ୟ କ୍ୟାବିନେଟ ନିଷ୍ପତ୍ତି ଗ୍ରହଣ କରିଛି ।

ଐତିହ୍ୟ କ୍ୟାବିନେଟ ବୈଠକ ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ ଗଣମାଧ୍ୟମକୁ ବିଶଦ୍ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଆୟୋଜନ ଦ୍ୱାରା ରାଜ୍ୟ, ରାଜ୍ୟ ବାହାରେ ଓ ବିଦେଶରେ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏତଦ୍‌ବ୍ୟତୀତ ମାତୃଭାଷାକୁ ସମ୍ମାନ ଦେବା ଓ ଏହାର ଉନ୍ନତି ସାଧନ କରିବା ତଥା ଆଗାମୀ ପିଢିଙ୍କ ପାଇଁ ଓଡ଼ିଆ ଭାଷାର ଅସ୍ମିତାକୁ ବଜାୟ ରଖିବା କାର୍ଯ୍ୟ ସମ୍ପାଦନରେ ଉକ୍ତ ସମ୍ମିଳନୀର ପ୍ରଭାବ ସୁଦୂର ପ୍ରସାରୀ ହୋଇପାରିବ।

ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ମାସରେ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ନୂଆ ଦାୟିତ୍ୱ ମିଳିବା ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବିକାଶ ଦିଗରେ ସେ ଆନ୍ତରିକ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଯାହା ଆଜି ଐତିହ୍ୟ କ୍ୟାବିନେଟରେ ପ୍ରତିଫଳିତ ହୋଇଛି। ଫେବୃଆରୀରେ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପଛରେ ଶ୍ରୀମତୀ କାର୍ତ୍ତିକେୟନଙ୍କର ବଡ଼ ଭୂମିକା ରହିବ। ଆଗାମୀ ଦିନରେ ବିଭାଗର କାର୍ଯ୍ୟଶୈଳୀ ଆହୁରି ତ୍ୱରାନ୍ୱିତ ହେବା ସହ କଳା ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଶ୍ରୀମତି କାର୍ତ୍ତିକେୟନ ପ୍ରଭାବୀ ନିଷ୍ପତ୍ତି ନେବେ ବୋଲି ସାଧାରଣରେ ଆଶାବ୍ୟକ୍ତ କରାଯାଉଛି।

### ଏ ସରକାର...

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ଅଧିନରେ ସ୍କୁଲ ଓ କଲେଜର ରୂପାନ୍ତରଣ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଗରିବରୁ ଗରିବତମ ଲୋକଙ୍କୁ ଏଭଳି ସଶକ୍ତ କରିଛନ୍ତି ଯେ, ସେମାନେ ଆଜି ନିଜ ସନ୍ତାନଙ୍କୁ ଡାକ୍ତର, ଇଞ୍ଜିନିୟର ଭଳି ବଡ ବଡ ବୃତ୍ତିରେ ଦେଖିବା ସ୍ୱପ୍ନକୁ ସାକାର କରିପାରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ସେ ପୁଣି କହିଛନ୍ତି ଯେ ବିଜେଡି ପ୍ରତି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଅଧିକ ସୁଦୃଢ ହୋଇଛି। ଜିଲ୍ଲାରେ ୫୬ ଜିଲ୍ଲା ପରିଷଦ ଆସନରୁ ୫୩ ଜିଲ୍ଲା ପରିଷଦ ଆସନ ଜିତି ମ୍ୟାଜିକ କରିଛି ମୟୂରଭଞ୍ଜ। ଏକାଠି କାମକଲେ ୫୬ରୁ ୫୬ ଭଳି ମ୍ୟାଜିକ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଛଉ ପଡିଆ ସମାବେଶରେ ଉଦବୋଧନ ଦେବା ପୂର୍ବରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ ପିଲାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଏ ପ୍ରଶ୍ନ ପିଲାଙ୍କ ପାଇଁ ଯେତିକି ନଥିଲା, ରୂପାନ୍ତରଣକୁ ଦେଖିପାରୁନଥିବା ବିକାଶ ବିରୋଧୀଙ୍କ ପାଇଁ ଅଧିକ ଥିଲା। କେଉଁ ରାଜ୍ୟ ସମଗ୍ର ଭାରତ ବର୍ଷର କ୍ରୀଡା ରାଜଧାନୀ? ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେଉଁ ରାଜ୍ୟକୁ ଜାତିସଂଘରୁ ସମ୍ମାନ ମିଳିଛି? କେଉଁ ରାଜ୍ୟ ଏବେ ବଳକା ରାଜ୍ୟ ଭାବେ ଖ୍ୟାତି ଅର୍ଜନ କରିଛି? କେଉଁ ଜିଲ୍ଲା ଦେଶର ଏକ ନମ୍ବର ଜିଲ୍ଲା? ଏଭଳି କିଛି ପ୍ରଶ୍ନ ପିଲାମାନଙ୍କୁ ପଚାରିଥିଲେ ୫-ଟି ଅଧ୍ୟକ୍ଷ। ପିଲାମାନେ ଉଚ୍ଚ ସ୍ୱରରେ ଏସବୁର ଉତ୍ତର ଓଡିଶା ଓ ମୟୂରଭଞ୍ଜ ବୋଲି ଯଥାକ୍ରମେ ଦେଇଥିଲେ। କଲେଜରେ ପାଠପଢୁଥିବା ପିଲାମାନେ ଯେତେବେଳେ ରୂପାନ୍ତରଣକୁ ବୁଝିପାରୁଛନ୍ତି, କିଛି ଲୋକ ଏହାକୁ କେମିତି ବୁଝୁନାହାଁନ୍ତି ବୋଲି ପାଣ୍ଡିଆନଙ୍କ ପ୍ରଶ୍ନ ବିରୋଧୀଙ୍କ ପ୍ରତି ଇଙ୍ଗିତ ଥିଲା ତାହା କାହା ପାଇଁ ଅବୋଧ ନ ଥିଲା।

ଏହି ସଭାରେ ବିଜେଡି ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସାଂସଦ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ଦେବାଶିଷ ମାରାଣ୍ଡି, ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୪ ମାସରେ...

ସମେତ ଅନ୍ୟାନ୍ୟ ସ୍ଥାନକୁ ସୁଗମ ପରିବହନ ବ୍ୟବସ୍ଥା ଯୋଗାଇବାରେ ସମଗ୍ର ଦେଶରେ ସର୍ବ ପ୍ରଥମେ ଓଡ଼ିଶାରେ ଉକ୍ତ ଯୋଜନା ଆରମ୍ଭ ହୋଇଛି। ସୁଗମ ଗମନାଗମନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାତ୍ର ୫ଟଙ୍କାର ବସ ଭଡାରେ ଛାତ୍ରଛାତ୍ରୀ ଓ ମହିଳାଙ୍କୁ ଦୈନନ୍ଦିନ ଯାତ୍ରାର ସୁଯୋଗ ପ୍ରଦାନ କରିଛନ୍ତି। ପୂର୍ବରୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି ଓ କଳାହାଣ୍ଡି ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି ଏବଂ ଫେବୃଆରୀ ମାସରୁ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଚଳାଚଳ କରିବ । ସେହିପରି ଘର ନିକଟରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ମାର୍ଚ୍ଚ ମାସରୁ ପ୍ରତି ପଞ୍ଚାୟତରେ 'ଆମ ବ୍ୟାଙ୍କ' ସ୍ଥାପନ ହେବ । ଦୁଇ ଦଶନ୍ଧି ପୂର୍ବରୁ ଖାଦ୍ୟ ନିମନ୍ତେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବା ଓଡିଶା ସମ୍ପ୍ରତି ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆନ୍ତର୍ଜାତିକ ସମ୍ମାନ ମିଳିବା ସହିତ ୫-ଟି ଅଧିନରେ ସ୍କୁଲ ଓ କଲେଜ ରୂପାନ୍ତରିକରଣ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ ଭାର ହାତକୁ ନେବା ପରେ ଓଡିଶା ବହୁ କ୍ଷେତ୍ରରେ ଆଗୁଆ ରହିଛି। କ୍ରୀଡାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ଥିବା ପାର୍ଥକ୍ୟକୁ ୫-ଟି ସ୍କୁଲ ରୂପାନ୍ତରିକରଣ ଯୋଜନା ମାଧ୍ୟମରେ ଦୂର କରିପାରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଯୋଜନାରେ ଗରିବ ଲୋକ ମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇପାରୁଛନ୍ତି। ସ୍କୁଲ ଓ କଲେଜ ରୂପାନ୍ତରୀକରଣ, ଐତିହାସିକ ଓ ମଠ, ମନ୍ଦିର ରୂପାନ୍ତରଣ ହେଉଛି ନୂତନ ଓଡିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି।

ଫେବୃଆରୀ ଓ ଅଗଷ୍ଟ ମାସ ଗସ୍ତରେ ଜିଲ୍ଲାର ଆପତ୍ତି ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଆପଣମାନଙ୍କର ୮୦ପ୍ରତିଶତ ଦାବି ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଜିଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ନିମନ୍ତେ ବିଗତ ୪ମାସରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜକୁ ୭ଶହ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ଯଶିପୁର ସ୍ଥିତ ଖଇରୀ ଭଣ୍ଡନ ନଦୀରେ ବନ୍ଧ ନିର୍ମାଣ, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା ପାଇଁ ଆଡିବନ୍ଧ ସହିତ ରିଂ-ରୋଡ ନିର୍ମାଣ ପାଇଁ ୧୫୦କୋଟି ଟଙ୍କା ଅନୁଦାନର ଟେଣ୍ଡର ଶେଷ ହୋଇଛି। ବାଙ୍ଗିରିପୋଷି ସ୍ଥିତ ଦୁଆରଶୁଣି ଘାଟିର ବିକଳ୍ପ ରାସ୍ତା ନିର୍ମାଣ ପାଇଁ ୮୦କୋଟି ଟଙ୍କାର କାର୍ଯ୍ୟ ଚାଲୁ ରହିଥିବା ବେଳେ ଦେବକୁଣ୍ଡ, ଖିଚିଂ, ଦେବକୁଣ୍ଡ ପର୍ଯ୍ୟଟନ ସ୍ଥଳୀ ଗୁଡିକର ଉନ୍ନତିକରଣ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି , ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, କାଶୀନାଥ ହେମ୍ବ୍ରମ ଉପସ୍ଥିତ ଥିଲେ। ଆମ ଓଡିଶା ଓ ନବୀନ ଓଡିଶା ସଂଯୋଜକ ସୁନୀଲ ଦାଶ ଓ ଅମରେନ୍ଦ୍ର କର ଶ୍ରୀ ପାଣ୍ଡିଆନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ୪୧୬୬ ଶିକ୍ଷକଙ୍କୁ...

କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶିକ୍ଷିତ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଏ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ଉତ୍ସାହିତ କରିପାରିବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ୪୫୨ ପିଇଟି (ଶାରୀରିକ ଶିକ୍ଷା ଶିକ୍ଷକ)ଙ୍କୁ ନିଯୁକ୍ତି ଏ କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ଶାରୀରିକ ଶିକ୍ଷା ଶିକ୍ଷକଙ୍କ ନିଯୁକ୍ତି ଦ୍ୱାରା ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାସହ ସେମାନଙ୍କ କ୍ରୀଡ଼ା ଦକ୍ଷତା ବିକାଶ କରିବାରେ ସହାୟକ ହୋଇପାରିବ।

### ଖୋଲିବ ବୁଖାରୀର...

ଅଧିକାରୀମାନେ ତାକୁ ପଚରାଉଚରା କରୁଛନ୍ତି। ତା' କଲ୍‌-ଡିଟେଲ୍ସ ରିପୋର୍ଟ(ସିଡିଆର୍) ଓ ଫୋନ୍ ରେକର୍ଡ ଆଧାରରେ ତାକୁ ପଚରାଉଚରା କରାଯାଉଛି। କିନ୍ତୁ ଅନେକ ପ୍ରଶ୍ନରେ ବୁଖାରୀ ନିରବତା ଅବଲମ୍ବନ କରିଛି। ତେଣୁ ତାକୁ ଆସନ୍ତାକାଲି ପୁଣି ଜେରା କରାଯିବ ବୋଲି ଜଣାଯାଇଛି। ପଞ୍ଜାବ ପୁଲିସ, ୟୁପ୍ ଏବଂ ଜାମ୍ମୁ କାଶ୍ମୀର ପୁଲିସ ଆସି ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ବୁଖାରୀର ସ୍ତ୍ରୀ ସାଇନାଜ ପରୱିନ୍ ଆଜି ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ମିଛ କହି ବୁଖାରୀ ତାଙ୍କୁ ବିବାହ କରିଥିଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ବୁଖାରୀ ତା'ର ପୂର୍ବ ପତ୍ନୀଙ୍କୁ ଛାଡ଼ପତ୍ର ଦେଇ ସାରିଥିବା କହି ତାଙ୍କୁ ବାହା ହୋଇଥିଲା। ମାଟ୍ରିମୋନି ସାଇଟ୍ ଜୀବନସାଥୀ ଡଟ୍ କମରେ ବୁଖାରୀ ସହ ତାଙ୍କର ପରିଚୟ ହୋଇଥିଲା। ତା' ପୂର୍ବ ପତ୍ନୀଙ୍କର ଗୋଟିଏ ଛୋଟ ଝିଅ ଅଛି ବୋଲି ବୁଖାରୀ ତାଙ୍କୁ କହିଥିଲା। ବୁଖାରୀ ବର୍ଷେ-ଦୁଇବର୍ଷ ବ୍ୟବଧାନରେ ଥରେ ଆସି ତାଙ୍କ ପାଖରେ ରହୁଥିବାରୁ ତା' ବାବଦରେ ବିଶେଷ କିଛି ଜାଣିନଥିଲେ ବୋଲି ସାଇନାଜ୍ କହିଛନ୍ତି। ଏଥର ବ୍ୟାଙ୍କ କାଗଜପତ୍ର ଠିକ୍ କରିବା ଆଳରେ ବୁଖାରୀ ପ୍ରାୟ ୨ ମାସ ଧରି ଯାଜପୁରରେ ରହୁଥିଲା।

ସୂଚନାଯୋଗ୍ୟ, ବୁଖାରୀ ଗିରଫ ହେବା ପରେ ସାଇନାଜଙ୍କୁ ସେ କାମ କରୁଥିବା ଘରୋଇ ସ୍କୁଲରୁ ବହିଷ୍କାର କରି ଦିଆଯାଇଛି। ବୁଖାରୀ ବିଭିନ୍ନ ସ୍ଥାନରେ ପ୍ରାୟ ୭ଜଣଙ୍କୁ ବିବାହ କରିଥିବା ବେଳେ ଆଉ ୧୨ ଜଣଙ୍କୁ ବିବାହ କରିବାକୁ ଯୋଜନା ରଖିଥିଲା। ଆହୁରି ମଧ୍ୟ ଅନେକଙ୍କୁ ଡାକ୍ତର କରି ଠକୁଥିଲା। ଛତିଶଗଡ଼ରେ ଜଣେ ଯୁବତୀଙ୍କୁ ନର୍ସ ଚାକିରି ଦେବାକୁ କହି ଟଙ୍କା ଠକିଥିଲା। ଏହିଭଳି ସାରା ଦେଶରେ ଠକେଇ ସହ ଅପରାଧର ଚେର ବୁଣିଥିଲା।

ବଡ଼ କଥା ହେଲା, ବୁଖାରୀର ଚାଲିଚଳଣରେ ପ୍ରଥମେ ସନ୍ଦେହ ପ୍ରକାଶ କରିଥିଲେ ସାମ୍ବାଦିକ ସ୍ୱର୍ଗତ ଶେଖ ଦିଲଦାର। ୨୦୧୮ ମସିହାରେ ସେ ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ୍ ମାମଲାକୁ ହାଲକା ଭାବେ ନେଇଥିଲା। ଲୋକଦେଖାଣିଆ ଭାବେ ତାକୁ ଥାନାକୁ ଡାକି ପଚରାଉଚରା କରି ଛାଡ଼ି ଦେଇଥିଲା। ଏହି ଘଟଣା ପରେ ବୁଖାରୀଙ୍କ ପତ୍ନୀ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲା। ସେତେବେଳେ ସାମ୍ବାଦିକ ଶେଖ ଦିଲଦାରଙ୍କୁ ସେ ଗାଳିଗୁଲଜ କରିଥିଲେ। ଏପରିକି ଥାନାରେ ପାଲଟା ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ। ଯେଉଁଥିପାଇଁ ଦିଲଦାର୍ ମାନସିକ ଆଘାତ ପାଇଥିଲେ ବୋଲି ଦିଲଦାରଙ୍କ ପତ୍ନୀ ଆଜି ଅଭିଯୋଗ କରିଛନ୍ତି। ଯଦି ୫ବର୍ଷ ତଳେ, ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥା'ନ୍ତା, ବୁଖାରୀ ଆଜି ଜେଲ୍ ଥାଆନ୍ତା ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଖାରୀ ବିରୋଧରେ ଅଭିଯୋଗ ଆଣିଥିବା ସାମ୍ବାଦିକ ଶେଖ ଦିଲଦାରଙ୍କ ମୃତ୍ୟୁ ହୋଇସାରିଛି।

### ପ୍ରଧାନମନ୍ତ୍ରୀ ପ୍ରାର୍ଥୀ...

ନିରବ ରହିଥିଲେ। ମାତ୍ର ଖଡଗେ କହିଛନ୍ତି ଯେ ପ୍ରଥମେ ବିଜୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଜିତିବା ପରେ ନେତୃତ୍ୱ ନେଇ ନିଷ୍ପତ୍ତି ନିଆଯିବ। ଯଦି ମେଣ୍ଟ ପାଖରେ ସାଂସଦ ନ ଥିବେ ତେବେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଉପରେ ବିଚାର କରି କି ଲାଭ। ଏହି ବୈଠକରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଫାରୁକ ଅବଦୁଲ୍ଲା, ଓମାର ଅବଦୁଲ୍ଲା, ମେହବୁବା ମୁଫ୍‌ତି ଏବଂ ଆର୍‌ଏଲ୍‌ଡିର ଜୟନ୍ତ ଚୌଧୁରୀ ମଧ୍ୟ ସାମିଲ ହୋଇଥିଲେ। ଖଡଗେ କହିଛନ୍ତି ଯେ ୨୮ ଦଳ ବୈଠକରେ ସାମିଲ ହୋଇ ନିଜ ବିଚାର ରଖିଥିଲେ। ସମସ୍ତେ ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗ ଲୋକଲୋଚନକୁ ଆଣିବା ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତି ହୋଇଥିଲେ। ଏଥିପାଇଁ ସାରା ଦେଶରେ ୮-୧୦ଟି ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଜେପି ସରକାର ସାଂସଦଙ୍କୁ ନିଲମ୍ବନ କରୁଛନ୍ତି। ଏହା ଅଗଣତାନ୍ତ୍ରିକ। ଏହା ବିରୋଧରେ ସମସ୍ତଙ୍କୁ ଏକାଠି କରି ଲଢ଼ିବା ପାଇଁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଏହି ବୈଠକରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଆସନ ବୁଝାମଣା କେନ୍ଦ୍ରରେ ରହିଥିଲା। ବିଜେପି ବିରୋଧରେ ୪୦୦ ଆସନରେ ମିଳିତ ପ୍ରାର୍ଥୀ ଦେବାକୁ ଚର୍ଚ୍ଚା ହୋଇଥିଲା। ସେହିପରି ୨୭୫-୩୦୦ ଆସନରେ କଂଗ୍ରେସ ଏକାକୀ ଲଢ଼ିବାକୁ ଚାହୁଁଛି। ଏହି ଦଳ ଅନ୍ୟମାନଙ୍କ ପାଇଁ ୨୦୦-୨୫୦ ଆସନ ଦେବାକୁ ଚାହୁଁଛି। ଏହା ପୂର୍ବରୁ ଅନେକ ଥର କେଜ୍ରିୱାଲ ଆସନକୁ ନେଇ କଂଗ୍ରେସକୁ ନିଶାଣ କରି ଆସୁଛନ୍ତି। ସେ ନିଜ ଦଳ ପାଇଁ ପଞ୍ଜାବର ସମସ୍ତ ଲୋକସଭା ଆସନ ମଧ୍ୟ ଦାବି କରିଥିଲେ। ଆପ୍ ସହିତ ଅନେକ ଦଳ ମଧ୍ୟ ଆସନ ବୁଝାମଣା ଉପରେ ପ୍ରଶ୍ନ ଉଠାଇଥିଲେ। ଆଗକୁ ସ୍ଥିତି କ'ଣ ହେଉଛି ତାହା ଦେଖିବା ବାକି ରହିଲା। ବୈଠକରେ ମେଣ୍ଟର ସଂଯୋଜକଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏଥିପାଇଁ ଉଦ୍ଧବ ଠାକରେ, ମମତା ବାନାର୍ଜୀ, ନୀତୀଶ କୁମାରଙ୍କ ନାମ ଉପରେ ବିଚାର କରାଯାଇଥିଲା। ବିଜେପିର 'ସନାତନ' ଏବଂ 'ଗେରୁଆ' ଆଦି ପ୍ରସଙ୍ଗ ବିରୋଧରେ କ'ଣ ରଣନୀତି ରହିବ ତା' ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି ନିର୍ବାଚନ ପ୍ରଚାର ଏବଂ ପରିଚାଳନା, ଟିକଟ ବଣ୍ଟନ ପରେ କେଉଁଠି କେତେ ରାଲି ହେବ, ଷ୍ଟାର ପ୍ରଚାରକ କିଏ ହେବ ଏବଂ ଏଥିପାଇଁ କେଉଁ ଏଜେନ୍ସିର ସହାୟତା ନିଆଯିବ ତାହା ମୁଖ୍ୟ ପ୍ରସଙ୍ଗ ରହିଥିଲା।

# ଉଚ୍ଚ ଅଦାଲତ ଆଦେଶ ଅନୁପାଳନ ନିମ୍ନ ଅଦାଲତର କର୍ତ୍ତବ୍ୟ: ହାଇକୋର୍ଟ

**କଟକ,୧୯।୧୨(ସମିସ):** ଦେଶରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା ହେଉଛି ପଦାନୁକ୍ରମିକ ପ୍ରଣାଳୀଭୁକ୍ତ। ଏହି ବ୍ୟବସ୍ଥା ମଧ୍ୟରେ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଅନୁପାଳନ କରିବା ହେଉଛି ନିମ୍ନ ଅଦାଲତର କର୍ତ୍ତବ୍ୟ। ନଚେତ୍ ନ୍ୟାୟିକ ଶୃଙ୍ଖଳାରେ ବିଚ୍ୟୁତି ଘଟିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ହାଇକୋର୍ଟଙ୍କ ଦ୍ୱାରା ଆବେଦନକାରୀଙ୍କୁ ମଞ୍ଜୁର ଏକ ଅନ୍ତରୀଣ ଜାମିନ ଆଦେଶକୁ ଅବମାନନା କରି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ଆଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି କହିବା ସହ ଏହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସୁଶାନ୍ତ କୁମାର ସାମନ୍ତରାୟଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି।

**ଭିଜିଲାନ୍ସ ଅଦାଲତଙ୍କ ଆଦେଶ ଖାରଜ**

ଆବେଦନକାରୀଙ୍କୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଅନ୍ତରୀଣ ଜାମିନ ମିଳିଥିଲା। ତେବେ ଏହି ଆଦେଶକୁ ଅଣଦେଖା କରି ନିମ୍ନ ଅଦାଲତର ନିର୍ଦ୍ଦେଶ ନ୍ୟାୟିକ ବ୍ୟବସ୍ଥାରେ ରହିଥିବା ପଦାନୁକ୍ରମିକ ଶୃଙ୍ଖଳାର ଅତିକ୍ରମ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ, କୋରାପୁଟ ଭିଜିଲାନ୍ସ ପକ୍ଷରୁ ଚାରାରୋପଣ ବାବଦରେ ୨୩ ଲକ୍ଷ ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ଆବେଦନକାରୀଙ୍କ ବିରୋଧରେ ହୋଇଥିଲା। ଏହି ମାମଲାରେ ସେ ହାଇକୋର୍ଟରୁ ୨୦୨୨ ଜାନୁଆରୀ ୨୪ରେ ଆଗୁଆ ଜାମିନ ପାଇଥିଲେ।

### ୨ ଦିନରେ...

ଦିଆଯାଇଛି। ନିଲମ୍ବିତ ୧୪୧ ସାଂସଦଙ୍କ ମଧ୍ୟରେ କଂଗ୍ରେସରୁ ସର୍ବାଧିକ ୫୭ ସାଂସଦ ଅଛନ୍ତି। ଏମାନଙ୍କ ମଧ୍ୟରେ ଲୋକସଭାର ୪୦ ଜଣ ଏବଂ ରାଜ୍ୟସଭାର ୧୭ ଜଣ ରହିଛନ୍ତି। ସେହିପରି ଉଭୟ ଗୃହରୁ ଏନ୍‌ସିପିର ୪, ଡିଏମ୍‌କେର ୧୮, ସିପିଆଇ-ଏମର ୫, ସିପିଆଇରୁ ୩ ଜଣ, ଜେଡିୟୁର ୧୪, ଟିଏମ୍‌ସିର ୨୧, ଏସ୍‌ପିର ୪, ନ୍ୟାସନାଲ କନଫରେନ୍ସର ୨, ବିଏସ୍‌ପିର ଜଣେ, ଆରଜେଡିର ୨ ଜଣ, ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ୍‌ର ୩ ଜଣ, ଆପ୍‌ର ଜଣେ, କେରଳ କଂଗ୍ରେସରୁ ଜଣେ ସାମିଲ ରହିଛନ୍ତି। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ସାଂସଦଙ୍କୁ ନିଲମ୍ବନ କରାଯାଇଛି। ଏହା ପୂର୍ବରୁ ୧୯୮୯ରେ ରାଜୀବ ଗାନ୍ଧୀଙ୍କ ଶାସନ ସମୟରେ ୬୩ ସାଂସଦ ନିଲମ୍ବିତ ହୋଇଥିଲେ। ଗତ ସପ୍ତାହରେ ମଧ୍ୟ ୧୪ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା।

ନିଲମ୍ବନ ପଛରେ ସରକାରଙ୍କ ବଡ଼ ଷଡ଼ଯନ୍ତ୍ର ଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସରକାର ଯୋଜନାବଦ୍ଧ ଭାବେ ଏପରି କରିଛନ୍ତି। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ବିଲ୍ ପାରିତ କରାଇବାକୁ ଚାହୁଁଛନ୍ତି। ବିରୋଧୀଙ୍କ ଏହି ଆଶଙ୍କା ସତ୍ୟ ହୋଇଛି। ଶୀତ ଅଧିବେଶନର ଦ୍ୱାଦଶ ଦିନରେ ରାଜ୍ୟସଭାରେ ନ୍ୟାସନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ ଲଜ୍ (ସ୍ପେସିଆଲ ପ୍ରୋଭିଜେନ୍ସ) ସେକେଣ୍ଡ (ଆମେଣ୍ଡମେଣ୍ଟ) ବିଲ୍ ୨୦୨୩ ପାରିତ ହୋଇଯାଇଛି। ଏହା ମୌସୁମୀ ଅଧିବେଶନରେ ଲୋକସଭାରେ ପାରିତ ହୋଇଥିଲା। ଏବେ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରି ପାଇଁ ପଠାଯିବ। ସେହିପରି ଲୋକସଭାରେ ୩ ଅପରାଧିକ ବିଲ୍ ଉପରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି।

## ବସ୍ ଦୁର୍ଘଟଣାଗ୍ରସ୍ତ, ୧୫ ଆହତ

**ପାଣିକୋଇଲି, ୧୯।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ପୂର୍ବରୁ ଥିବା ଡିଭାଇଡ଼ରରେ ଏକ ଯାତ୍ରୀବାହୀ ବସ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୋମବାର ବିଳମ୍ବିତ ରାତି ସାଢେ ୨ଟାବେଳେ ଖୋର୍ଦ୍ଧା ଜିଲ୍ଲା ସିକୋ ଫାଣ୍ଡି ଅନ୍ତର୍ଗତ ଶଗଡ଼ଭୋଗା ଗ୍ରାମର କେତେକ ବ୍ୟକ୍ତି ସୁନାରୂପା ନାମକ ଏକ ଘରୋଇ ବସ୍ ଯୋଗେ ପିକନିକ କରିବା ସହ ଘଟଗାଁ ମା' ତାରିଣୀ ମନ୍ଦିର ଦର୍ଶନ ନିମନ୍ତେ ଯାଉଥିଲେ। ଜାତୀୟ ରାଜପଥର ଟିକର ନିକଟରେ ବସ୍ ଚାଳକଙ୍କୁ ନିଦ ଲାଗିଯିବାରୁ ଟିକର ପୋଲ ପୂର୍ବରୁ ଥିବା ଡିଭାଇଡ଼ର ଉପରେ ଗାଡ଼ି ଚଢିଯାଇଥିଲା। ସୌଭାଗ୍ୟ ବଶତଃ ବସଟି ଏକ ବଡ଼ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ ମଧ୍ୟ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୫ ଜଣ ଆହତ ହୋଇଥିଲେ।

## ଶିକ୍ଷାବିତ୍ ଲକ୍ଷ୍ମୀଧର ବେଉରିଆଙ୍କ ବିୟୋଗରେ ଶୋକସଭା

**ସିଂହପୁର, ୧୯ ।୧୨(ସମିସ):** ବାଙ୍ଗରା ପଞ୍ଚାୟତର କୁସୁନପୁର ଗ୍ରାମର ଶିକ୍ଷାବିତ ଲକ୍ଷ୍ମୀଧର ବେଉରିଆଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଜନ୍ମେଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଶାନ୍ତ କୁମାର ନାୟକ, ଗୋବିନ୍ଦ ବେଉରିଆ, ଉପେନ୍ଦ୍ର କୁମାର ବେହେରା, ଶ୍ରୀବତ୍ସ ଦାଶ, ରବୀନ୍ଦ୍ର କୁମାର ବିଶ୍ୱାଳ, ନିରଞ୍ଜନ ଗୁରୁ ପ୍ରମୁଖ ଯୋଗଦେଇ ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବାଚସ୍ପତି ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବବିତା ମଲ୍ଲିକ, ନିରଞ୍ଜନ ବେଉରିଆ, ପୁରୁଷୋତ୍ତମ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଧର୍ମପ୍ରାଣାଙ୍କ ସ୍ମୃତିଚାରଣ ସଭା

**ବରୀ, ୧୯ ।୧୨(ସମିସ):** କଳାମାଟିଆ ପଞ୍ଚାୟତର ପୂଜ୍ୟପୂଜା ପରିଷଦ, ମୁକୁନ୍ଦପୁର ଶାସନ ଓ କୃଷ୍ଣ ଚେତନା ପରିଷଦର ମିଳିତ ଆନୁକୂଲ୍ୟରେ ଚନ୍ଦ୍ରଶେଖର ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଧର୍ମପ୍ରାଣା ସଞ୍ଜୁକ୍ତା ତ୍ରିପାଠୀଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ବରିଷ୍ଠ ଶିକ୍ଷାବିତ୍ କୁଞ୍ଜବିହାରୀ ଦାଶ ଓ ସରପଞ୍ଚ ଶ୍ରୀମତୀ ରଶ୍ମିତା ପରିଡ଼ା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଳାକାର ଅଭୟ ଶତପଥୀ, ବରିଷ୍ଠ ସମାଜସେବୀ ମଦନମୋହନ ପତି, ସମାଜ ସଂସ୍କାରକ ବ୍ରହ୍ମାନନ୍ଦ ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ତ୍ରିପାଠୀ, ରମେଶ ଚନ୍ଦ୍ର ସାମଲ, ଜାଭିୟର ସ୍କୁଲ୍‌ର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ସମାଜସେବୀ ଶରତ ଚନ୍ଦ୍ର ପରିଡ଼ା, ଶିକ୍ଷୟିତ୍ରୀ ତୁଳସୀ ଦାଶ, ଚିନୁ ତ୍ରିପାଠୀ, ବାଣୀଶ୍ରୀ ଶତପଥୀ, ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ, ଚନ୍ଦ୍ରଶେଖର ତ୍ରିପାଠୀ, ବସନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ଚିତ୍ତରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**କୋରେଇ, ୧୯।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ଦିନ ଧରି ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହେଉଛି। ଉଦଘାଟନୀ ଉତ୍ସବ ବରୁଣ୍ଡେଇ ମେଡିକାଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତାକିନ ଖାନ, ପରିଚାଳନା କମିଟି ସଭାପତି ପ୍ରମୋଦ ପାତ୍ର, ବୈତରଣୀ ସରକାରୀ ଚିକିତ୍ସାଳୟର ଡାକ୍ତର ହିମାଂଶୁ କୁମାର, ମୋ ସ୍କୁଲ ଅଧ୍ୟକ୍ଷ ଅକ୍ଷୟ ପରିଡ଼ା, ମଣ୍ଡଳ ସଂଯୋଜକ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କ୍ରୀଡ଼ାକୁ ଉଦଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଧର୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ସାହୁ, ଚମ୍ପାବତୀ ନାୟକ, ଅପର୍ଣ୍ଣା ଦତ୍ତ, ଦୀପ୍ତିମୟୀ ଯେନା, ରଙ୍ଗାଧର କାଣ୍ଡି, ଅମିତ ବରାଳ, ଅରୁଣ ସ୍ୱାଇଁ, ମନୋରଞ୍ଜନ ଘୋଡା, ନିରଞ୍ଜନ ବାହାଲିଆ, ସ୍ମରଣିକା ବାରିକ ପ୍ରମୁଖ ଖେଳ ପରିଚାଳନା କରିବା ସହିତ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

### ବୁଣାକାର ସଚେତନତା ଓ ଆଲୋଚନାଚକ୍ର

# ଦୂରହେଲା ସହାୟତା ଯୋଜନା ପ୍ରତିବନ୍ଧକ

**କୁଆଖିଆ, ୧୯।୧୨(ସମିସ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପାଲା ମଣ୍ଡପରେ ବୁଣାକାରଙ୍କ ପାଇଁ ଏକ ସଚେତନତା ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ କଟକ ବୟନ ମଣ୍ଡଳ ପକ୍ଷରୁ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୟନମଣ୍ଡଳର ଉପ-ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୁଣାକାରଙ୍କ ସହାୟତା ଯୋଜନାରେ ରହିଆସୁଥିବା ପ୍ରତିବନ୍ଧକ ଦୂର କରାଯାଇଛି। ବଳିଆ ଯୋଜନାରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ, ବୟନଜ୍ୟୋତି ଯୋଜନାରେ ପୂର୍ବରୁ ଆଲୋକୀକରଣ ପାଇଁ ପାଇଥିବା ସୁବିଧା ହାତେଇଥିବା ହିତାଧିକାରୀଙ୍କୁ ପୁନଃ ଯୋଜାନାରେ ସାମିଲ ହେବା ସୁଯୋଗ, ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାରୀ ଆବାସ ପାଇଥିବା ବୁଣାକାର ପରିବାରକୁ ତନ୍ତଶାଳା ମିଳିପାରିବ, ତାଲିମ ଶିବିରରେ ସାମିଲ ଶିବିରାର୍ଥୀଙ୍କ ଷ୍ଟାଇପେଣ୍ଟ ରାଶି ବୃଦ୍ଧି, ସମ୍ବଳ ଅଧିକାରୀଙ୍କ ପାରିଶ୍ରମିକ ବୃଦ୍ଧି, ବୁଣାକାରଙ୍କୁ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଓ ବୁଣାବୁଣି କାର୍ଯ୍ୟର ଗୁଣବତ୍ତାକୁ ପ୍ରତ୍ୟକ୍ଷ ଦର୍ଶନ ପାଇଁ ରାଜ୍ୟ ବାହାରର ବିଭିନ୍ନ କର୍ମଶାଳା ସ୍ଥଳ ଭ୍ରମଣର ସୁଯୋଗ ଭଳି ବହୁ ଯୁଗାନ୍ତକାରୀ ଯୋଜନାରେ ପରିବର୍ତ୍ତନ ଘଟିଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ରହିଥିବା ନିୟମରେ ପରିବର୍ତ୍ତନ କରାଯାଇଛି।

ମୁଖ୍ୟମନ୍ତ୍ରୀ ବୁଣାକାର ଓ ସେମାନଙ୍କ କୌଳିକ ବୃତ୍ତି ବଞ୍ଚାଇ ରଖିବା ପାଇଁ ଯୋଜନାଗୁଡିକୁ ସରଳ ଓ ସହଜ କରିଛନ୍ତି। ଏ ନେଇ ବୁଣାକାରଙ୍କ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲା। ଆଗକୁ ବୁଣାକାର ଅନଲାଇନ ମାଧ୍ୟମରେ ବିଭିନ୍ନ ଯୋଜନା ପାଇଁ ଆବେଦନ କରି ସହଜରେ ସୁବିଧା ହାସଲ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ପୂର୍ଣ୍ଣାନନ୍ଦ ପଲେଇ, ଶ୍ରୀବିଷ୍ଣୁ ବୁଣାକାର ସମିତି ସଭାପତି ରମେଶ ଦାସ, ଓଡ଼ିଶା ବୁଣାକାର ମହାସଂଘର ସଭାପତି ଶ୍ରୀଧର ବେହେରା, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଶ୍ରୀକାନ୍ତ ଦାସ, ଭରତ ଦାସ, ଲକ୍ଷ୍ମୀପ୍ରିୟା ଦାସ, ଯୁବନେତା ଚତୁର୍ଭୂଜ ଦାସ ପ୍ରମୁଖ ଯୋଗଦେଇ ବୁଣାକାରଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିକାଶ ଘଟାଇବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ।



ବିଭିନ୍ନ ବୁଣାକାର ସଂଗଠନର ମୁଖ୍ୟ ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ, ଅନନ୍ତ ଚରଣ ଦାସ, ବିଶ୍ୱନାଥ ଦାସଙ୍କ ସମେତ ୨ଟି ବୁଣାକାର ପୁଞ୍ଜର କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ବୟନ ମଣ୍ଡଳ ଉପନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପକ୍ଷରୁ ବୟନ ନିରୀକ୍ଷକ ଦୁଷ୍ମନ୍ତ କୁମାର ପାତ୍ର, ତାରିଣୀ ପ୍ରସାଦ ଛାଟୋଇ, ବୟନ ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର, ବୈଷ୍ଣବ ଚରଣ ବେହେରା, ଶ୍ରୀନିବାସ ସୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୁଣାକାର ନେତା ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଧାୟିକା ଶ୍ରୀମତୀ ଦାସ ୭ଜଣ ବୁଣାକାର ବିଧବା ମହିଳାଙ୍କୁ ଶାଢୀ ପ୍ରଦାନ କରିବା ସହ ଅବହେଳିତ ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ବୁଣାକାର ଯୋଗ ଦେଇଥିଲେ।

## ଜିଲ୍ଲା ଲେଖକ ସମ୍ମେଳନ ସଭାପତି ସମ୍ବର୍ଦ୍ଧିତ



**ବାରବାଟୀ, ୧୯ ।୧୨(ସମିସ)**

ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କୁ ସାହିତ୍ୟ କୃତି, ସାଂଗଠନିକ ଦକ୍ଷତା ଓ ବାଗ୍ମିତାକୁ ସ୍ୱୀକୃତି ଜଣାଇ କଟକ ସୂତାହାଟସ୍ଥ ସାହିତ୍ୟ ସଂସଦ ତାଙ୍କୁ ସମ୍ବର୍ଦ୍ଧିତ କରିଛି। ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ୬୪ତମ ବାର୍ଷିକ ଶିଶିର ଉତ୍ସବ ଅବସରରେ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ ପୂର୍ବକ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଟକ ମ୍ୟୁନିସିପାଲଟି ମେୟର ସୁବାସ ସିଂ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ।

ମୁଖ୍ୟଅତିଥି ଭାବେ ଓଡ଼ିଶା ସେବା ସଦନ ଅଧ୍ୟକ୍ଷ ଡାକ୍ତର ଦୀନବନ୍ଧୁ ମହାରଣା, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ଭାଗବତ ଶୁକ୍ଳ ଯୋଗଦେଇ ସାହିତ୍ୟ ବିନା ସୃଷ୍ଟି ସର୍ଜନା ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ତ୍ରିଦିବସୀୟ ଉତ୍ସବରେ ସାହିତ୍ୟ ଆସର, ପୁସ୍ତକ ଉନ୍ମୋଚନ, ଗୀତିକବି ସମାବେଶ, କବିତା ପାଠ, ଗଳ୍ପ ଚର୍ଚ୍ଚା, ପ୍ରତିଭା ପୂଜା ଓ ବନ୍ଧୁମିଳନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମିର୍ଜାପୁର ଗୋଷ୍ଠୀ ବିବାଦ; ସମାଧାନ ପାଇଁ କୁଆଖିଆ ଥାନାଧିକାରୀଙ୍କ ଉଦ୍ୟମ

**ବାରବାଟୀ, ୧୯ ।୧୨ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତର ମିର୍ଜାପୁର ଗ୍ରାମ ମୁସଲିମ ବସ୍ତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ କରି ସଦଭାବ ଫେରାଇ ଆଣିବା ପାଇଁ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ଏହି ବସ୍ତିରେ ଦୁଇ ଗୋଷ୍ଠୀର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନଠାରୁ ଗାଁର ମୁସଲମାନ ସମ୍ପ୍ରଦାୟ ୱାର୍ଡ଼ମେମ୍ବର ପ୍ରାର୍ଥିତ୍ୱକୁ ନେଇ ଦୁଇ ଗୋଷ୍ଠୀରେ ଭାଗ ହୋଇଯାଇଥିଲା। ବସ୍ତିରୁ ଜଣକୁ ୱାର୍ଡ଼ମେମ୍ବର ପାଇଁ ପ୍ରାର୍ଥୀ ଠିଆ କରାଇବାକୁ ହୋଇଥିବା ବୈଠକରେ ସହମତି ନ ହେବାରୁ ଦୁଇ ଗୋଷ୍ଠୀରୁ ଦୁଇ ମହିଳା ପ୍ରାର୍ଥୀ ହୋଇଥିଲେ। ଏହା ପରଠାରୁ ବିଭିନ୍ନ ଛୋଟବଡ଼ ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିବା ସହ ବିଭିନ୍ନ ସମୟରେ ଦୁଇ ଗୋଷ୍ଠୀ ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ଓ ପ୍ରତିଅଭିଯୋଗ ହେଇଆସୁଛି। ଏହି ବିବାଦ କ୍ରମେ ବସ୍ତିରେ ଥିବା ମସଜିଦ ପରିଚାଳନା ଉପରେ ପ୍ରଭାବ ପକାଇଛି। କୁଆଖିଆ ଥାନା ଅଧିକାରୀ ଶ୍ରୀ ବାରିକ ଗତକାଲି ବସ୍ତିର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ଆଲୋଚନା କରି ଉଭୟ ପକ୍ଷରୁ ୧୦ଜଣିଆ ପ୍ରତିନିଧିଙ୍କୁ ନେଇ ଶାନ୍ତି କମିଟି ଗଠନ ପ୍ରସ୍ତାବ ଦେଇଛନ୍ତି। ଯାହାକି ଉଭୟ ପକ୍ଷ ଗ୍ରହଣ କରିଥିବା ଜଣାପଡ଼ିଛି।

# ପୁଲିସ ଏସ୍ଆଇ ଓ ଏଏସ୍ଆଇ ସ୍ତରରେ ଅଦଳବଦଳ

**ପାଣିକୋଇଲି, ୧୯।୧୨(ସମିସ):** ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଜି ୨୭ ଜଣ ସବଇନ୍ସପେକ୍ଟର ଓ ୯ ଜଣ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟରଙ୍କ ଜିଲ୍ଲା ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ଡିଓ ନମ୍ବର ୨୭୧୬ରେ ଚିଠି ନମ୍ବର ୨୬୯୦ରେ ସମସ୍ତ ଥାନାକୁ ଜଣାଇଛନ୍ତି। ସବଇନ୍ସପେକ୍ଟର କଳ୍ପଲତା ପ୍ରଧାନଙ୍କୁ ବିଂଝାରପୁର ଥାନାରୁ ବରୀ ଥାନା, ସୁଶାନ୍ତ ସେଠୀଙ୍କୁ ହେଡକ୍ୱାଟରରୁ ଯାଜପୁରରୋଡ ଥାନା, ବିପିନ କୁମାର ସାହୁଙ୍କୁ ମଙ୍ଗଳପୁର ଥାନାରୁ କୋରେଇ ଥାନା, ବିଶ୍ୱଜିତ ବିଶ୍ୱାଳ ଓ ସୁରେନ୍ଦ୍ର ରଥଙ୍କୁ କୋରାଇ ଥାନାରୁ ମଙ୍ଗଳପୁର ଥାନା, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଯାଜପୁରରୋଡ ଥାନାରୁ କଳିଙ୍ଗନଗର ଥାନା, ସଂଯୁକ୍ତା ବେହେରାଙ୍କୁ ଯାଜପୁରରୋଡ ଥାନାରୁ ଯାଜପୁର ଟାଉନ ଥାନା, ଅନୀତା ପ୍ରଧାନଙ୍କୁ କୁଆଖିଆ ଥାନାରୁ ବିଂଝାରପୁର ଥାନା, ବାସୁଦେବ ପରିଡ଼ାଙ୍କୁ ଚଢ଼େଇଧରା ବିଟ ହାଉସରୁ କୋରେଇ ଥାନା, ସୁବାସ ମୁଦୁଲିଙ୍କୁ ବଡଚଣାରୁ ଯାଜପୁର ଥାନା, ଦିଲ୍ଲୀପ କାଣ୍ଡଙ୍କୁ ଚଣ୍ଡଖୋଲ ଫାଣ୍ଡିରୁ ଦଶରଥପୁର ଥାନା, ଗୋବର୍ଦ୍ଧନ ନାୟକଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଯାଜପୁର ସଦର ଥାନା, ଶଶୀଭୂଷଣ ପରିଡ଼ାଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଜେନାପୁର ଥାନା, ହେଡକ୍ୱାଟରୁ ବିଶ୍ୱରଞ୍ଜନ ନାୟକଙ୍କୁ ପାଣିକୋଇଲି ଥାନା, ମନୋରଞ୍ଜନ ସେଠୀଙ୍କୁ କୋରେଇ ଥାନା, ନାରାୟଣ ବେହେରାଙ୍କୁ ବିଂଝାରପୁର ଥାନା, ପ୍ରିୟରଞ୍ଜନ ସେଠୀଙ୍କୁ ବାଲିଚନ୍ଦ୍ରପୁର ଥାନା, ଲକ୍ଷ୍ମୀପ୍ରିୟା ଦାସଙ୍କୁ ବରୀ ଥାନାରୁ ଯାଜପୁରରୋଡ ଥାନା, ମହେନ୍ଦ୍ର ସେଠୀଙ୍କୁ ଯାଜପୁର ଥାନାରୁ ବଡଚଣା ଥାନା, ଚିତ୍ତରଞ୍ଜନ ଜେନାଙ୍କୁ ବରୀରୁ ହେଡକ୍ୱାଟର, ପାର୍ବତୀ ମଲିକଙ୍କୁ ଦଶରଥପୁର ଥାନାରୁ ଟମକା ଥାନା, ମହମ୍ମଦ ସୁରଜଙ୍କୁ ବଡଚଣା ଥାନାରୁ ଛଡିଆ ବିଟ୍ ହାଉସ, ଜହର ଆବେଦିନଙ୍କୁ ଛଡିଆ ବିଟ ହାଉସରୁ ଚଣ୍ଡିଖୋଲ ଫାଣ୍ଡି, ସୌମ୍ୟରଞ୍ଜନ ଭୋଳଙ୍କୁ ଜେନାପୁର ଥାନାରୁ ଚଢ଼େଇଧରା ବିଟ ହାଉସ, ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କ ମଙ୍ଗଳପୁର ଥାନାରୁ ଯାଜପୁର ଥାନା, ବିଦ୍ୟୁତ କୁମାର ଦେହୁରୀଙ୍କୁ ଯାଜପୁର ଥାନାରୁ ବଡଚଣା ଥାନା, ହେମଲତା ଦାସଙ୍କୁ କଳିଙ୍ଗନଗର ଥାନାରୁ କୁଆଖିଆ ଥାନାକୁ ବଦଳି କରାଯାଇଛି।

ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଦିବାକର ମହାନ୍ତିଙ୍କୁ ହେଡକ୍ୱାଟରରୁ କଳିଙ୍ଗନଗର ଥାନା, ମୁକ୍ତେଶ୍ୱର ଜେନାଙ୍କୁ ହେଡକ୍ୱାଟରରୁ ପାଣିକୋଇଲି ଥାନା, ଅଶୋକ କୁମାର ସେଠୀଙ୍କୁ ହେଡକ୍ୱାଟରରୁ କଳିଙ୍ଗନଗର ଥାନା, ରାଧାନାଥ ମାଝୀଙ୍କୁ ହେଡକ୍ୱାଟରରୁ ଯାଜପୁରରୋଡ ଏସଡିପିଓ ଅପିଓ, ସିମନ୍ତ ସେଠୀଙ୍କୁ ହେଡକ୍ୱାଟରରୁ କଳିଙ୍ଗନଗର ଅତିରିକ୍ତ ଏସପି କାର୍ଯ୍ୟାଳୟ, ରାଜେନ୍ଦ୍ର କୁମାର ଭୋଇଙ୍କୁ ହେଡକ୍ୱାଟରରୁ ବଡଚଣା, ନିଶାନ୍ତ କୁମାର ନାୟକଙ୍କୁ ଡିଏଚଆରପିସିରୁ ଯାଜପୁର କୋର୍ଟ, ସୁଜିତ ମଲ୍ଲିକଙ୍କୁ ପାଣିକୋଇଲିରୁ ଶଙ୍ଖଚିଲା ଫାଣ୍ଡି, ଚିତ୍ତରଞ୍ଜନ ମହାନ୍ତିଙ୍କୁ ବଡଚଣା ଥାନାରୁ ଧାନମଣ୍ଡଳ ଫାଣ୍ଡିକୁ ବଦଳି କରାଯାଇଛି। ଏହି ଆଦେଶକୁ ତୁରନ୍ତ ପାଳନ କରି ବଦଳି ହୋଇଥିବା ନୂତନ ସ୍ଥାନରେ ଯଥାଶୀଘ୍ର ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପରିବହନ ନିୟମକୁ ଉଲ୍ଲଂଘନ

# ଲଦାଲଦି ହୋଇ ଯାଉଛନ୍ତି ଛାତ୍ରଛାତ୍ରୀ

**ବ୍ରହ୍ମବରଦା, ୧୯ ।୧୨(ସମିସ)**

ନିୟମ ମାନୁନାହାନ୍ତି ଶିକ୍ଷାନୁଷ୍ଠାନର ଗାଡ଼ି। ବାଜିରେ ଲାଗୁଛି କୁନି କୁନି ପିଲାଙ୍କ ଜୀବନ। ବେସରକାରୀ ହେଉ ଅବା ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ପରିବହନ ପାଇଁ ବ୍ୟବହୃତ ହେଉଛି ବିଭିନ୍ନ ପ୍ରକାରର ଯାନବାହନ। ଏହି ଯାନବାହନରେ କୁନି କୁନି ପିଲା କେତେ ସୁରକ୍ଷିତ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତରେ ଥିବା ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନରେ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ଯାନବାହନରେ। ଏଠାରେ ପଶୁ ଭଳି ବୁହା ହେଉଛନ୍ତି ଛାତ୍ରଛାତ୍ରୀ। ବିଦ୍ୟାଳୟ ପକ୍ଷରୁ ଗାଡ଼ି ମାଲିକଙ୍କୁ ନା କରାଯାଉଛି ସଚେତନ ନା କରାଯାଉଛି ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଚେକିଂ। ଏହାର ସୁଯୋଗ ନେଉଛନ୍ତି ଯାନବାହନର ମାଲିକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ। ଏଥିପ୍ରତି ପରିବହନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି ହେଉଛି।



ରାଜ୍ୟରେ ବିଭିନ୍ନ ସମୟରେ ସ୍କୁଲ ପିଲାଙ୍କୁ ନେଇ ଯାଉଥିବାଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ମଧ୍ୟ ରହିଛି। ବିଦ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ି ପାଇଁ ଏମଭି. ଆକ୍ଟରେ ନିୟମ ରହିଛି। ଯାହାର ଖୋଲା ଉଲ୍ଲଂଘନ କରୁଛନ୍ତି ଗାଡ଼ି ମାଲିକ ଓ ସ୍କୁଲ କର୍ତ୍ତୃପକ୍ଷ। ମୋଟର ଯାନ ଅଧିନିୟମ ୧୯୯୮ର ଧାରା ୭୬ ଅନୁଯାୟୀ ସ୍କୁଲ ବସ୍‌କୁ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟବହୃତ କରାଯାଇପାରିବନାହିଁ। ବିଦ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ିରେ ବୈଧ ବୀମା ସହିତ ଫିଟନେସ୍ ପ୍ରମାଣ ପତ୍ର, ରୋଡ଼ ପରମିଟ୍ ଓ ପିୟୁସି ପ୍ରମାଣପତ୍ର ନିହାତି ଅବଶ୍ୟକ। ପ୍ରତ୍ୟେକ ଗାଡ଼ିରେ ଫାଷ୍ଟ-ଏଡ-ବକ୍ସ୍ ସହିତ ୨ କିଗ୍ରା ଆଇଏସଆଇ ମାର୍କା ଅଗ୍ନି ନିରାପକ ଯନ୍ତ୍ର ରହିବା ନିତ୍ୟନ୍ତ ଆବଶ୍ୟକ। ମୋଟର ଯାନ ଅଧିନିୟମ ୧୯୯୩ ଅନୁଯାୟୀ ପ୍ରତ୍ୟେକ ସ୍କୁଲ ବ୍‌ରେ ଜଣେ ଲେଖାଏଁ ସେବାୟତ ବା ବୈଧ ଲାଇସେନ୍ସ ଥିବା କଣ୍ଡକ୍ଟର ରହିବା ଆବଶ୍ୟକ। ଯାହାଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୫୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଯଦି ସ୍କୁଲ ବସ୍ କେବଳ ଛାତ୍ରୀଙ୍କୁ ନେବା ଆଣିବା କରୁଥାଏ ତେବେ ସେହି ଯାନରେ ଜଣେ ମହିଳା ସେବିକା ରହିବା ମଧ୍ୟ ନିୟମ ରହିଛି। ଗାଡ଼ିରେ ବସିବା କ୍ଷମତାଠାରୁ ଅଧିକ ବା ଓଭରଲୋଡ଼ିଂ ପାଇଁ ସରକାରୀ ଅନୁମତି ନାହିଁ। ଗାଡ଼ିରେ ୧୨ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀ ଥିଲେ ବସିବା କ୍ଷମତା (ଦେଢଗୁଣା) ରହିବ। କିନ୍ତୁ ୧୨ ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରଛାତ୍ରୀ ଥିଲେ ତାହା ଜଣେ ଲେଖାଏଁ ଗଣାଯିବାର ନିୟମ ରହିଛି। ଆହୁରି ମଧ୍ୟ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ଗାଡ଼ିରେ ସିସିଟିଭି କ୍ୟାମେରା ସହିତ ଜିପିଏସ୍ ସିଷ୍ଟମ ଲଗାଯାଇ ବିଦ୍ୟାଳୟ ଓ ଅଭିଭାବକଙ୍କୁ ଗାଡ଼ିର ରିଅଲ-ଟାଇମ ଲୋକେସନ ଜଣାଇବା ପାଇଁ ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ। ଯାହାକି 'ମୋ ସ୍କୁଲ ବସ୍ କେଉଁଠାରେ' ନାମକ ଏକ ଆପ ଅଭିଭାବକଙ୍କୁ ଯୋଗାଇ ଦେବାକୁ ନିୟମ ମଧ୍ୟ ରହିଛି। ପ୍ରତ୍ୟେକ ସ୍କୁଲରେ ବ୍ୟବହୃତ ହେଉଥିବା ଗାଡ଼ିର ରଙ୍ଗ ହଳିଦିଆ ହୋଇଥିବା ସହିତ ଗାଡ଼ି ମଝିରେ ନୀଳ ରଙ୍ଗର ପଟି ଉପରେ ଶିକ୍ଷାନୁଷ୍ଠାନର ନାମ, ଠିକଣା ଓ ଫୋନ ନମ୍ବର ଲେଖା ହୋଇଥିବା ଆବଶ୍ୟକ। ସବୁଠାରୁ ବଡ଼ କଥା ସ୍କୁଲ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ସର୍ବନିମ୍ନ ୫ ବର୍ଷର ଗାଡ଼ି ଚାଳନା ଅଭିଜ୍ଞତା ରହିଥିବା ଆବଶ୍ୟକ।

ତେବେ ବ୍ରହ୍ମବରଦା ଅଞ୍ଚଳରେ ବ୍ୟବହୃତ ହେଉଥିବା ଅନେକ ସ୍କୁଲ ଗାଡ଼ିର ଫିଟ୍‌ନେସ ନ ଥିଲେ ମଧ୍ୟ ଏହା ଚଳାଚଳ କରୁଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଭୟ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଏଥିପ୍ରତି ପୁଲିସ ପ୍ରଶାସନ, ଆଞ୍ଚଳିକ ପରିବହନ କେନ୍ଦ୍ର ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଚଣ୍ଡିଖୋଲସ୍ଥ ଆଞ୍ଚଳିକ ପରିବହନ କେନ୍ଦ୍ରର ଅଧିକାରୀ ସମ୍ବିତ କୁମାରଙ୍କୁ ପଚାରିବାରୁ ସେ କହିଥିଲେ, ଏଭଳି କେସ୍ ଆମ ନଜରକୁ ଆସିନାହିଁ। ଏବେଠାରୁ ବିଦ୍ୟାଳୟରେ ବ୍ୟବହୃତ ହୋଉଥିବା ଗାଡ଼ିକୁ ଚେକିଂ କରିବା ନିମନ୍ତେ ଧ୍ୟାନ ଦେବୁ ବୋଲି କହିଥିଲେ।

## ଅଶୋକ ଦାସଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୧୯।୧୨(ସମିସ):** କୋରେଇର ପୂର୍ବତନ ବିଧାୟକ, ସାଲିସ ବିହୀନ ନେତା ସ୍ୱର୍ଗତ ଅଶୋକ ଦାସଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ଅଶୋକ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ମା' ତାରିଣୀ ମନ୍ଦିର ପରିସରରେ ସୂର୍ଯ୍ୟମଣି ପଣ୍ଡାଙ୍କ ଆବାହକତ୍ୱରେ ଆସନ୍ତା ଡିସେମ୍ବର ୨୯ ତାରିଖ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିଲା। ଏ ଅବସରରେ ସ୍ମୃତି କମିଟି ସଦସ୍ୟ ଗଙ୍ଗାଧର ସାହୁଙ୍କ ସ୍ମୃତିରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମା' ତାରିଣୀ ମନ୍ଦିର ପରିସରରେ ଗୀତା ଯଜ୍ଞ, ସ୍ମୃତିଚାରଣ ସଭା, ସମୂହ ପ୍ରସାଦ ସେବନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ଚଳିତ ବର୍ଷ ଦୁଇଜଣ ଅଶୋକ ଦାସଙ୍କ ସହଯୋଗୀଙ୍କୁ ଶ୍ରାଦ୍ଧ ଦିବସରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଥିଲା। କୋରେଇର ସମସ୍ତ ଅଶୋକପ୍ରେମୀ ଏହି ସ୍ମୃତିଚାରଣ ସଭାରେ ଯୋଗଦେବାକୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, କଳ୍ପତରୁ ମହାପାତ୍ର, ସୁବାସ ଧଳ, ସନ୍ତୋଷ କୁମାର ବେହେରା, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବେଣୁଧର ଖଣ୍ଡାଇ, ଆନନ୍ଦ ସାହୁ, ଗୋକୁଳାନନ୍ଦ ସାହୁ, ଭାଗୀରଥି ଭୂୟାଁ, ଜଗଦୀଶ୍ୱର ମଲ୍ଲିକ, ବୃନ୍ଦାବନ ମହାକୁଡ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସର୍ବସମ୍ମତ ନିଷ୍ପତି କରାଯାଇଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ଟମକା, ୧୯।୧୨(ସମିସ):** ଟମକା ବିଦ୍ୟାଳୟର ୧୯୯୯ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ରାଉତ, ତୀର୍ଥମୋହନ ଖଣ୍ଡାଇ, ରାମଚନ୍ଦ୍ର ରଥ, ଅକ୍ଷୟ କୁମାର ମୁଦୁଲି, ବ୍ରଜକିଶୋର ରାଉତ, ଓ ମୃତ୍ୟୁଞ୍ଜୟ ଷଡଙ୍ଗୀ ପ୍ରମୁଖ ଗୁରୁଙ୍କ ପାଦ ପୂଜନ କରାଯାଇଥିଲା। ପରେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶ୍ରୀକୁମାର ପାଢ଼ୀ ଆଜିର ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୋନାଲି ମହାପାତ୍ର ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ଅନାବିଳ ସମ୍ପର୍କ ଗୋଟିଏ ଶିଶୁକୁ ସୁନାଗରିକ, ଉତ୍ତମ ଚରିତ୍ର ଗଠନ, ଭବିଷ୍ୟତ ଜୀବନରେ ସୁନେଲି ସ୍ୱପ୍ନ ଦେଖିବାର ମୁଖ୍ୟ ଭୂମିକା ଶିକ୍ଷକ ଗ୍ରହଣ କରିଥାଏ ବୋଲି ଆଲୋକପାତ କରିଥିଲେ। ନରେନ୍ଦ୍ର ବାର୍ଯ୍ୟ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିତା ପାଲ, କୁମୁନୀ ବାରିକ, ତିଲୋତ୍ତମା ପାଣିଗ୍ରାହୀ, ସସ୍ମିତା ମୁଣ୍ଡରୀ, କବିତା ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ରୀତାରାଣୀ ଯେନା, ବିପିନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନ କାନ୍ଥରେ ୯୦ ଦଶକର ସ୍ମୃତି




ଯେକୌଣସି ଉତ୍ପାଦ ହେଉ, ଏହାର ପ୍ରଚାରପ୍ରସାର ଭଲଭାବେ ହେଲେ ବଜାରରେ ଏହା ଭଲ ବିକ୍ରି ହୋଇଥାଏ। ନିକଟରେ ବେଙ୍ଗାଲୁରୁର ଏକ ସୁପର୍‌ମାର୍କେଟରେ ଏଭଳି କିଛି ଦେଖାଯାଇଛି। ଏହି ସୁପର୍‌ମାର୍କେଟର ଏକ କାନ୍ଥରେ ସୀସାର କ୍ୟାବିନେଟ୍‌ରେ ନବେ ଦଶକର ଟଫି, ଚକୋଲେଟ୍, ଟୁଥପେଷ୍ଟ, ଚୁଇଙ୍ଗମ୍‌ର ର୍‍ୟାପର୍ ଆଦି ଚିପକାଯାଇଛି। ଏହାସହିତ ଅମୁଲ କ୍ରଞ୍ଚ, ପର୍କ ଚକୋଲେଟ୍, କିଟକାଟ୍ ସହ ଫ୍ୟାଣ୍ଟମ୍ ସିଗାରେଟ୍‌ର ର୍‍ୟାପର୍ ମଧ୍ୟ ଏଥିରେ ରହିଛି। ତେବେ କାନ୍ଥରେ ଲଗାଯାଇଥିବା ଏହି ପୁରୁଣା ଜିନିଷଗୁଡ଼ିକୁ ଦେଖି ଲୋକେ ତାଙ୍କ ପିଲାଦିନକୁ ଘଡ଼ିଏ ମନେ ପକାଇବା ପାଇଁ ବାଧ୍ୟ ହେଉଛନ୍ତି। ବିଶେଷକରି ଏହା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ସେମାନଙ୍କ ପୁରୁଣା ଦିନର ସ୍ମୃତିଗୁଡ଼ିକୁ ମନେ ପକାଇ ଦେଉଛି। ଏହି ର୍‍ୟାପର୍‌ଗୁଡ଼ିକ ମଧ୍ୟରେ ଏକ ଲେଖା ମଧ୍ୟ ସ୍ଥାନ ପାଇଛି। ଏଥିରେ ଲେଖାଯାଇଛି, 'ଏହି ସମସ୍ତ ଜିନିଷଗୁଡ଼ିକୁ ବିକ୍ରି କରିଥିବାରୁ ଆମେ ଗର୍ବିତ। ୯୪ବର୍ଷ ଧରି ଗ୍ରାହକଙ୍କୁ ସେବା ଯୋଗାଇ ଦେଇଆସୁଛୁ।' ଏବେ ସୁପର୍‌ମାର୍କେଟର ଏହି ର୍‍ୟାପର୍ ଲଗା କାନ୍ଥର ଭିଡିଓ ଭାଇରାଲ୍ ହେଉଛି। ଏହାର କ୍ୟାପସନ୍‌ରେ ଲେଖାଯାଇଛି, ଏହା ସୁପରମାର୍କେଟର ପୁରୁଣା ସ୍ମୃତିକୁ ସତେଜ କରିବା ତଥା ମାର୍କେଟିଂର ଏକ ନିଆରା ପ୍ରୟାସ। ସେ ସମୟରେ ପକେଟ୍ ମନିକୁ ସଞ୍ଚୟ କରି ଲୋକେ କ'ଣ କିଣି ବଡ଼ ହୋଇଛନ୍ତି ତାହା ଏହି କାନ୍ଥ ସ୍ପଷ୍ଟ କରିଛି। ଭାଇରାଲ ଭିଡିଓରେ ଅନେକ ନିଜର ପ୍ରତିକ୍ରିୟା ଦେଇଥିବାବେଳେ ମାର୍କେଟିଂ ପାଇଁ ଏହି ଅଭିନବ ଉପାୟ ସ୍ୱାଗତଯୋଗ୍ୟ ବୋଲି କିଛି ଲୋକ କହିଥିଲେ।

# ଦୁବାଇରେ 'ଡଙ୍କି'ର ପ୍ରମୋସନ୍ କଲେ ଶାହାରୁଖ୍



ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଡଙ୍କି' ଏଇ ଶୁକ୍ରବାର ରିଲିଜ୍ ହେବ। ତେବେ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଶାହାରୁଖ୍ ମଧ୍ୟ ଫିଲ୍ମକୁ ହିଟ୍ କରିବା ପାଇଁ ଏହାର ପ୍ରଚାରପ୍ରସାରରେ ଲାଗି ପଡ଼ିଛନ୍ତି। 'ଡଙ୍କି' ହିଟ୍ ହେଲେ ଶାହାରୁଖ୍‌ଙ୍କ ଏହା ଚଳିତବର୍ଷ ହ୍ୟାଟ୍ରିକ୍ ହେବ। ଏହାପୂର୍ବରୁ ଚଳିତବର୍ଷ ମୁକ୍ତିଲାଭ କରିଥିବା ତାଙ୍କର ଅନ୍ୟ ଦୁଇଟି ଫିଲ୍ମ 'ପଠାନ୍' ଓ 'ଜୱାନ୍' ସୁପର୍‌ହିଟ୍ ସାବ୍ୟସ୍ତ ହୋଇଛି। ତେବେ ଶାହାରୁଖ୍ ଦୁବାଇରୁ ଫିଲ୍ମର ପ୍ରମୋସନ୍ ଆରମ୍ଭ କରିଛନ୍ତି। ପ୍ରମୋସନ୍ ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଶାହାରୁଖ୍‌ଙ୍କ ଟିକିଏ ଝଲକ ପାଇବା ପାଇଁ ଏହି ଇଭେଣ୍ଟରେ ୮୫,୦୦୦ ଦର୍ଶକ ଉପସ୍ଥିତ ଥିଲେ। ସେହିଭଳି କିଙ୍ଗ୍ ଖାନ୍ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିବାର କୌଣସି ସୁଯୋଗ ହାତଛଡ଼ା କରି ନ ଥିଲେ। ଶାହାରୁଖ୍ 'ଡଙ୍କି'ର ଗୀତ 'ଓ ମାହି', 'ପଠାନ୍' ଫିଲ୍ମର ଗୀତ 'ଝୁମେ ଯୋ ପଠାନ୍' ଓ 'ଛୈୟାଁ ଛୈୟାଁ' ଗୀତରେ ନାଚି ଦର୍ଶକଙ୍କ ମନ ଜିଣି ନେଇଥିଲେ। ଏହି ସମୟରେ ଶାହାରୁଖ୍ ତାଙ୍କ ସିଗ୍ନେଚର୍ ପୋଜ୍‌ରେ ବି ଦେଖାଯାଇଥିଲେ। ସେ ଦର୍ଶକଙ୍କୁ ଫିଲ୍ମର କାହାଣୀ ସମ୍ପର୍କରେ ସୂଚନା ଦେଇ କହିଥିଲେ, 'ଘର ଯେଉଁଠି ମନ ବି ସେଇଠି'। ଫିଲ୍ମରେ ଶାହାରୁଖ୍‌ଙ୍କ ସହ ବୋମନ ଇରାନୀ, ତାପସୀ ପନ୍ନୁ, ଭିକି କୌଶଲ, ବିକ୍ରମ କୋଚର, ଅନୀଲ ଗ୍ରୋଭର୍ ପ୍ରମୁଖ ଦେଖାଯିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ହିରାନୀ।

## ଆଜିର ଇତିହାସ

- ୧୭୫୭- ରବର୍ଟ କ୍ଲାଇବ୍ ବଙ୍ଗର ଗଭର୍ଣ୍ଣର୍ ହେଲେ।
- ୧୮୭୬- ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ରଚନା କରିଥିଲେ।
- ୧୯୨୪- ଆଡ୍‌ଲଫ୍ ହିଟଲର୍ ଜେଲ୍‌ରୁ ମୁକୁଳିଲେ।
- ୧୯୫୫- ଭାରତୀୟ ଗଲ୍‌ଫ ସଂଘର ଗଠନ।
- ୧୯୯୦- ଭାରତ ଓ ପାକିସ୍ତାନ ପରସ୍ପର ଉପରେ ପରମାଣୁ ଆକ୍ରମଣ ନ କରିବା ପାଇଁ ସହମତି ପ୍ରକାଶ କଲେ।
- ୨୦୦୨- ଉତ୍ତର କୋରିଆ ପ୍ରସଙ୍ଗରେ ଦକ୍ଷିଣ କୋରିଆ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନେଲା।



# କମ୍ପାନିର ନୂଆ ନୀତି

## ଦୌଡ଼ ଆଧାରରେ ବୋନସ୍

ଆମ ଦେଶରେ ଦୁର୍ଗାପୂଜା ଓ ଦୀପାବଳି ପୂର୍ବରୁ ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ବୋନସ୍ ମିଳିଥାଏ। ଏହି କ୍ରମରେ ଚୀନ୍‌ର ଗୁଆଙ୍ଗ୍‌ଡୋଙ୍ଗ ସ୍ଥିତ ଡୋଙ୍ଗପୋ ପେପର୍ କମ୍ପାନି ତା'ର କର୍ମଚାରୀଙ୍କ ପାଇଁ ସମ୍ପୂର୍ଣ୍ଣ ଭିନ୍ନଧରଣର ଏକ ବୋନସ୍ ଯୋଜନାକୁ ପରିଚିତ କରାଇଛି। ଏହି ନୂଆ ନୀତି ଅନୁସାରେ, କମ୍ପାନିର କର୍ମଚାରୀ ଯେତିକି ବ୍ୟାୟାମ କରିବେ, ସେମାନଙ୍କୁ ସେହି ଆଧାରରେ ବୋନସ୍ ପ୍ରଦାନ କରାଯିବ। କର୍ମଚାରୀଙ୍କ ବାର୍ଷିକ କାର୍ଯ୍ୟ ପ୍ରଦର୍ଶନ ଉପରେ ଆଧାରିତ ବୋନସ୍ ଯୋଜନାକୁ ପରିବର୍ତ୍ତନ କରି ଶାରୀରିକ ବ୍ୟାୟାମ ଆଧାରରେ ଏବେ ନୂଆ ବୋନସ୍ ଯୋଜନାକୁ କମ୍ପାନି ଲାଗୁ କରିଛି। ତେଣୁ ଏବେ କମ୍ପାନିର ବୋନସ୍ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା ଶାରୀରିକ ବ୍ୟାୟାମ ଉପରେ ନିର୍ଭର କରିବ। ତେବେ ଏହି ଯୋଜନା ପଛରେ କମ୍ପାନି ମାଲିକ ଲିନ ଝିୟୋଙ୍ଗଙ୍କ ସମୟୋପଯୋଗୀ ଚିନ୍ତାଧାରା ରହିଛି। ଏହି ବୋନସ୍ ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, କମ୍ପାନିର ପ୍ରତ୍ୟେକ କର୍ମଚାରୀଙ୍କୁ ଫିଟ୍ ରଖିବା। ଏହି ଯୋଜନାନୁସାରେ, ପ୍ରତି ମାସରେ ୫୦ କି.ମି. ଦୌଡୁଥିବା କର୍ମଚାରୀଙ୍କୁ ପୂରା ବୋନସ୍ ମିଳିବ। ସେହିପରି ୪୦ କି.ମି. ଦୌଡ଼ିଲେ ୬୦ ପ୍ରତିଶତ ଏବଂ ୩୦ କି.ମି. ଦୌଡ଼ିଲେ ୩୦ ପ୍ରତିଶତ ବୋନସ୍ ମିଳିବ ବୋଲି କମ୍ପାନି ସ୍ପଷ୍ଟ କରିଛି। ଏହାବାଦ୍ ଅତିରିକ୍ତ ବୋନସ୍ ଚାହୁଁଥିବା କର୍ମଚାରୀଙ୍କ ପାଇଁ କିଛି ଅଲଗା ସର୍ତ୍ତ ପାଳନ କରିବାକୁ ପଡ଼ିବ ବୋଲି ବି କୁହାଯାଇଛି। ପ୍ରତି ମାସରେ ୧୦୦ କି.ମି. ଦୌଡ଼ିଲେ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ୩୦ ପ୍ରତିଶତ ଅତିରିକ୍ତ ବୋନସ୍ ପ୍ରଦାନ କରାଯିବ। କେବଳ ସେତିକି ନୁହେଁ, ଯେଉଁ କର୍ମଚାରୀମାନେ ପାହାଡ଼ ଉପରେ ପାଦରେ ଚାଲିବେ କିମ୍ବା ଦ୍ରୁତ ଗତିରେ ଚାଲିଲେ ସେମାନେ ମଧ୍ୟ ଏହି ଯୋଜନାର ଲାଭ ଉଠାଇ ପାରିବେ। ତେବେ କର୍ମଚାରୀ କେତେ ବାଟ ଚାଲୁଛନ୍ତି ତଥା ଦୌଡୁଛନ୍ତି, ତାହା ଫୋନ୍ ଆପ୍ଲିକେସନ୍ ମାଧ୍ୟମରେ ଟ୍ରାକ୍ କରାଯିବ। ତେବେ କର୍ମଚାରୀ ସୁସ୍ଥ ରହିଲେ ହିଁ ଏହି କମ୍ପାନି ଦୀର୍ଘବର୍ଷ ପର୍ଯ୍ୟନ୍ତ ଚାଲିପାରିବ ବୋଲି ଲିନ୍ କହିଛନ୍ତି। ସେଥିପାଇଁ କର୍ମଚାରୀଙ୍କ ସୁସ୍ଥତାକୁ ପ୍ରାଧାନ୍ୟ ଦିଆଯାଇ ଏହି ଯୋଜନା ଆରମ୍ଭ କରାଯାଇଛି। ସେହିପରି ଲିନ୍ ନିଜ ଭଳି ଅନ୍ୟ କର୍ମଚାରୀଙ୍କୁ ଫିଟ୍ ରହିବା ଦିଗରେ ପ୍ରୋତ୍ସାହିତ କରୁଥିବା କହିଛନ୍ତି। ଅବଶ୍ୟ ଏହି ନୂଆ ବୋନସ୍ ଯୋଜନାକୁ କର୍ମଚାରୀମାନେ ସ୍ୱାଗତ କରିଛନ୍ତି।



# ଯୁବତୀଙ୍କୁ ହସିବା କାନ୍ଦିବା ମନା

ଜୀବନରେ ହସ ଓ କାନ୍ଦର ବେଶ୍ ଗୁରୁତ୍ୱ ରହିଛି। ତେଣୁ ଯେତେବେଳେ ଜଣେ ବ୍ୟକ୍ତି ଅଧିକରୁ ଅଧିକ ଖୁସି ଅନୁଭବ କରେ, ସେତେବେଳେ ସେ ମନଖୋଲି ହସିଥାଏ। ଆଉ ଯେତେବେଳେ କିଛି ଦୁଃଖ ଆସେ, ଆଖିରୁ ଲୁହ ବହିଯାଏ। କିନ୍ତୁ ଏମିତି ଜଣେ ମହିଳା ଅଛନ୍ତି, ସେ ଯେତେ ଚାହିଁଲେ ବି ହସି କି କାନ୍ଦି ପାରନ୍ତିନି। ଯୁବତୀଙ୍କ ପାଇଁ ହସିବା କି କାନ୍ଦିବା ସତେ ଯେମିତି ଅଭିଶାପ। କାରଣ ଏହି ହସ ଓ କାନ୍ଦ ପାଇଁ ତାଙ୍କ ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ସାଧାରଣତଃ ଲୋକଙ୍କୁ ଖାଦ୍ୟ ପଦାର୍ଥ ଯୋଗୁଁ ଆଲର୍ଜି ହେଉଥିବାର ଦେଖାଯାଏ। କିନ୍ତୁ ଇଂଲଣ୍ଡ, କେଣ୍ଟରେ ରହୁଥିବା ବେଥ୍ ସାନ୍‌ଗାରିଡେସ ନାମକ ଯୁବତୀଙ୍କ ଏପରି ବିରଳ ରୋଗ ସମସ୍ତଙ୍କୁ ଚକିତ କରିଛି। ଏଭଳି ଆଲର୍ଜି ଯୋଗୁ ବେଥ୍ ନିଜର ଭାବନାକୁ ପରିପ୍ରକାଶ କରିପାରନ୍ତିନି। ଏହି କାରଣରୁ ୨୦ ବର୍ଷୀୟ ବେଥ୍ କୌଣସି ବି କଥା ଉପରେ ପ୍ରତିକ୍ରିୟା ଦିଅନ୍ତି ନାହିଁ। କାରଣ ଯଦି କେବେ ସେ ଅଧିକ ହସିଥାନ୍ତି କିମ୍ବା କାନ୍ଦନ୍ତି, ତାଙ୍କ ଚେହେରା ଜଳାପୋଡ଼ା ହେବା ପରି ଅନୁଭବ ହୁଏ। ତାଙ୍କ ପୂରା ଚେହେରା ଲାଲ ପଡ଼ିଯାଏ। ବେଥ୍ ତାଙ୍କର ଏହି ଅଜବ ରୋଗ ବିଷୟରେ ଜାଣି ଅନେକ ଡାକ୍ତରଙ୍କୁ ଦେଖାଇବା ସତ୍ତ୍ୱେ କୌଣସି ଲାଭ ହୋଇ ନ ଥିଲା। ବେଥ୍‌ଙ୍କୁ ଯେତେବେଳେ ୧୫ବର୍ଷ ହୋଇଥିଲା ଏହି ସମସ୍ୟା ପ୍ରଥମେ ଆରମ୍ଭ ହୋଇଥିଲା। ତେବେ ସେ ନିୟମିତ ଅଳ୍ପ କିଛି ଖାଦ୍ୟ ଖାଇଥାନ୍ତି। ପାସ୍ତା, ଚିକେନ୍ ନଗେଟସ୍ ଆଦି ଖାଇ ସେ ଜୀବନଧାରଣ କରନ୍ତି। ଯଦି ସେ କୌଣସି ଜଡ଼ିବୁଟି କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ତାଙ୍କୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବା ସହ ଚେହେରାରେ ସଂକ୍ରମଣ ଦେଖାଯାଇଥାଏ।

# ଦେଶର ସବୁଠୁ ବଡ଼ କ୍ରିସ୍‌ମାସ୍ ଟ୍ରି



ଆଉ କିଛିଦିନ ପରେ ଖ୍ରୀଷ୍ଟମାସ ବା ବଡ଼ଦିନ ପାଳନ କରାଯିବ। ଏନେଇ ଲୋକମାନେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ତେବେ ଖ୍ରୀଷ୍ଟମାସର ମୁଖ୍ୟ ଅକର୍ଷଣ ହେଉଛି କ୍ରିସ୍‌ମାସ୍ ଟ୍ରି। ସେହିପରି ବିଭିନ୍ନ ସ୍ଥାନରେ ବିଶେଷକରି ବଡ଼ ବଡ଼ ମଲ୍‌ରେ କ୍ରିସ୍‌ମାସ୍ ଟ୍ରି ଦେଖିବାକୁ ମିଳିଥାଏ। ଏହି କ୍ରମରେ ବେଙ୍ଗାଲୁରୁରେ ମଧ୍ୟ ଖ୍ରୀଷ୍ଟମାସକୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଛି। ଏଠାକାର 'ଫିନିକ୍ସ ମଲ୍ ଅଫ୍ ଏସିଆ' ଦେଶର ସବୁଠୁ ବଡ଼ କ୍ରିସ୍‌ମାସ୍‌ଟ୍ରିର ଅନାବରଣ କରିଛି। ଯାହାର ଉଚ୍ଚତା ୧୦୦ ଫୁଟ। ମଲ୍‌କୁ ଆସୁଥିବା ସମସ୍ତ ଲୋକଙ୍କ ଦୃଷ୍ଟିଆକର୍ଷଣ କରୁଛି ଏହି ବିଶାଳକାୟ ଗଛ। ଏହାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି। ଏହି ସ୍ଥାନକୁ ଆସି ଲୋକେ କ୍ରିସ୍‌ମାସ୍ ଟ୍ରି ସହିତ ସେଲ୍‌ଫି ମଧ୍ୟ ନେଇପାରିବେ। ଅବଶ୍ୟ ଏଥିପାଇଁ ଲୋକଙ୍କୁ ୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟପଟେ ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଯାହାକୁ ଲୋକମାନେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।



# ଇ-ସ୍କୁଟରରେ ପାରାଗ୍ଲାଇଡିଂ

ପାରାଗ୍ଲାଇଡିଂ ଏକ ଦୁଃସାହସିକ କ୍ରୀଡ଼ା ହୋଇଥିବା ବେଳେ ସମ୍ପ୍ରତି ଅନେକ ଲୋକ ନିଆରା ଢଙ୍ଗରେ ଏହାକୁ କରି ନିଜର ସାହସିକତାକୁ ପ୍ରଦର୍ଶନ କରୁଛନ୍ତି। କେତେବେଳେ କିଏ ଶାଢ଼ି ପିନ୍ଧି ପାରାଗ୍ଲାଇଡିଂ କରୁଛନ୍ତି ତ ଆଉ କିଏ କୁକୁର, ବିଲେଇ ସହ ପାରାଗ୍ଲାଇଡିଂ କରିବାକୁ ପଛାଉ ନାହାନ୍ତି। ଏପରିକି ପାରାଗ୍ଲାଇଡିଂ କରିବା ସମୟରେ ଲୋକେ ଖାଦ୍ୟର ମଜା ନେଉଥିବା ଦେଖାଯାଇଛି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ଇଲେକ୍ଟ୍ରିକ୍ ସ୍କୁଟର ସହିତ ପାରାଗ୍ଲାଇଡିଂ କରୁଥିବା ଦେଖାଯାଇଛି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏଭଳି ଏକ ଅଜବ ଘଟଣାଟି ଘଟିଛି ହିମାଚଳ ପ୍ରଦେଶର ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ବନ୍ଦଲା ଧାରରେ। ପଞ୍ଜାବ ନିବାସୀ ହର୍ଷ ଆକାଶରେ ପାରାଗ୍ଲାଇଡିଂ କରିବା ସମୟରେ ତାଙ୍କ ସହ ଏକ ଇ-ସ୍କୁଟର ମଧ୍ୟ ଉଡ଼ିଥିଲା। ହର୍ଷ ଜଣେ ପ୍ରଫେସନାଲ ପାରାଗ୍ଲାଇଡର। ଆକାଶରେ ସେ ଯେଭଳି ସହଜରେ ଉଡ଼ିପାରିବେ ଏବଂ କୌଣସି ଅସୁବିଧାକୁ ସାମ୍ନା ନ କରିବେ, ସେଥିପାଇଁ ଗାଡିର ବ୍ୟାଟେରି ବାହାର କରି ତା'ର ଓଜନକୁ କମ୍ କରିଥିଲେ। ହର୍ଷ ସଫଳତାପୂର୍ବକ ପାରାଗ୍ଲାଇଡିଂ କରି ଖୁବ୍ ଖୁସି ଥିବା କହିଛନ୍ତି। ତା'ସହ ପ୍ରଥମ ଥର ପାଇଁ ପାରାଗ୍ଲାଇଡିଂରେ ଦୁଇ ଚକିଆ ଯାନ ବ୍ୟବହାର କରାଯିବାକୁ ସେ ପ୍ରଥମ ଘଟଣା ବୋଲି କହିଛନ୍ତି। ସେହିପରି ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ସ୍କୁଟର ସହ ଏତେ ଉଚ୍ଚରେ ହର୍ଷଙ୍କ ଉଡ଼ାଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା।

# ହୋଟେଲରେ ହେୟାର୍ ଡ୍ରାୟର ବ୍ୟବହାର କରି ଗଣିଲେ ଦଣ୍ଡ



ସାଧାରଣତଃ ହୋଟେଲ୍‌ରେ ଜଣେ ଯେତେ ଦିନ ତଥା ଯିଏ ଯେତେ ଘଣ୍ଟା ପାଇଁ ରହନ୍ତି, ସେହି ଆଧାରରେ ବିଲ୍ ଦେବାକୁ ପଡ଼ିଥାଏ। ତେବେ ଏବେ ଜଣେ ଯୁବତୀଙ୍କୁ ହୋଟେଲ୍‌ରେ ହେୟାର୍ ଡ୍ରାୟର୍ ବ୍ୟବହାର କରିବା ଯୋଗୁଁ ଲକ୍ଷେ ଟଙ୍କାର ବିଲ୍ ଦେବାକୁ ପଡ଼ିଛି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଅଷ୍ଟ୍ରେଲିଆ ପର୍ଥ ସହରର କେଲି ନାମ୍ନୀ ଜଣେ ଯୁବତୀ ନୋଭୋଟେଲ୍ ହୋଟେଲରେ ରହିଥିଲେ। ସେ ସେହି ସହରରେ ଗୋଟିଏ କନ୍‌ସର୍ଟରେ ଯୋଗ ଦେବାକୁ ଆସିଥିଲେ। ଏହି ସମୟରେ ସେ ଏହି ହୋଟେଲରେ ରହିଥିଲେ। ତେବେ କନ୍‌ସର୍ଟକୁ ଯିବା ପୂର୍ବରୁ ହେୟାର୍ ଷ୍ଟାଇଲ୍ ପାଇଁ କେଲି ହେୟାର୍ ଡ୍ରାୟର ବ୍ୟବହାର କରିଥିଲେ। ତେବେ ଏହାକୁ ବ୍ୟବହାର କରିବା ସମୟରେ ହୋଟେଲର ଫାୟାର୍ ଆଲାର୍ମ ବାଜି ଉଠିଥିଲା। ଫଳରେ ଅଗ୍ନିଶମ କର୍ମଚାରୀ ଆସି ପହଞ୍ଚିଥିଲେ ଏବଂ ଜାଣିବାକୁ ପାଇଲେ ଯେ, ହେୟାର୍ ଡ୍ରାୟର ଯୋଗୁଁ ଏହି ଫାୟାର୍ ଆଲାର୍ମ ବାଜିଛି। କେଲି କନସର୍ଟ ଶେଷ ହେବା ପରେ ହୋଟେଲ ଛାଡ଼ିବା ସମୟରେ ତାଙ୍କ ବ୍ୟାଙ୍କ ଖାତାରୁ ୧,୧୦, ୦୦୦ ଟଙ୍କା କଟା ଯାଇଥିବା ଜାଣିବାକୁ ପାଇଥିଲେ। ସେଇଠୁ ସେ ଏହାର କାରଣ ଜାଣିବାକୁ ଚେଷ୍ଟା କରିଥିଲେ। ତେବେ ବିନା କାରଣରେ ଆଲାର୍ମ ବାଜିଥିବାରୁ ଏହାକୁ ଜରିମାନା ରାଶି ବୋଲି ହୋଟେଲ ପକ୍ଷରୁ କୁହାଯାଇଥିଲା। କାରଣ ବିନା କାରଣରେ ଏଠାକୁ ଅଗ୍ନିଶମ ବିଭାଗକୁ ଡକାଯାଇଥିଲା। ତେବେ ହୋଟେଲ ମ୍ୟାନେଜର ଓ କେଲିଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ହେବା ପରେ ହୋଟେଲ ପକ୍ଷରୁ ତାଙ୍କୁ ଟଙ୍କା ଫେରସ୍ତ କରାଯାଇଥିବା ଜଣାପଡ଼ିଛି।

# 'ରେଡି ଟୁ ଇଟ୍' ଖାଦ୍ୟ ପ୍ରତି ସାବଧାନ

**ବ୍ୟସ୍ତବହୁଳ ଜୀବନଶୈଳୀ ହେତୁ ଆଜିକାଲି ଅଧିକାଂଶ ଲୋକ 'ରେଡି ଟୁ ଇଟ୍' ଖାଦ୍ୟ ଉପରେ ନିର୍ଭରଶୀଳ। ଏହା ପ୍ରସ୍ତୁତ କରିବା ଅତ୍ୟନ୍ତ ସହଜ ହେବା ସହ ବେଶ୍ କମ୍ ସମୟ ଲାଗୁଥିବାରୁ ଅନେକ ଏଭଳି ଖାଦ୍ୟ ପସନ୍ଦ କରୁଛନ୍ତି। ମାତ୍ର କିଛି ସମୟରେ ପ୍ରସ୍ତୁତ ଏହି ସବୁ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଏହି ଖାଦ୍ୟଗୁଡ଼ିକୁ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ ବିଭିନ୍ନ ପ୍ରକାରର ପ୍ରିଜରଭେଟିଭ୍ସର ବ୍ୟବହାର କରାଯାଏ। ତେଣୁ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ଆଶଙ୍କା ଥାଏ। ଆସନ୍ତୁ ଜାଣିବା 'ରେଡି ଟୁ ଇଟ୍' ଖାଦ୍ୟ ଦ୍ୱାରା କେଉଁସବୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ।**

- 'ରେଡି ଟୁ ଇଟ୍' ଯୁକ୍ତ ପ୍ୟାକେଟ୍ ଖାଦ୍ୟରେ ଅଧିକ ମାତ୍ରାରେ ସୁଗାର୍ ଓ ଫ୍ୟାଟ୍ ଥାଏ। ଏଭଳି ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଓଜନ ବୃଦ୍ଧି ଆଶଙ୍କା ଥାଏ।
- ସେହିଭଳି ନିୟମିତ ପ୍ୟାକେଜ୍ ଫୁଡ୍ ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳେ ନାହିଁ। ଏଥିରେ ମିନେରାଲ, ଫାଇବର, ଭିଟାମିନ୍ ନ ଥାଏ।
- ଏଭଳି ଖାଦ୍ୟରେ ଅଧିକ ମାତ୍ରାରେ ଫୁଡ୍ କଲର୍ ଓ ପ୍ରିଜରଭେଟିଭ୍ସ ବ୍ୟବହାର କରାଯାଇଥାଏ, ତେଣୁ ଏଭଳି ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ।
- 'ରେଡି ଟୁ ଫୁଡ୍'କୁ ଅଧିକ ସମୟ ସତେଜ ରଖିବା ପାଇଁ ସୋଡିୟମ୍ ବ୍ୟବହାର କରାଯାଏ। ନିୟମିତ ଅଧିକ ମାତ୍ରାରେ ସୋଡିୟମ୍ ସେବନ କରିବା ଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ଦେଖାଯାଇପାରେ।



## ୨୦୨୪ ଆଇପିଏଲ୍ ଖେଳାଳି ନିଲାମି

# ଷ୍ଟାର୍କ ଇତିହାସର ସବୁଠୁ ଦାମୀ

ଦୁବାଇ,୧୯ ।୧୨(ଏଜେନ୍ସି)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ୨୦୨୪ ସଂସ୍କରଣ ପାଇଁ ଦୁବାଇରେ ମିନି ଖେଳାଳି ନିଲାମି ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅଷ୍ଟ୍ରେଲିଆର ୩୩ ବର୍ଷୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଇପିଏଲ୍ ଇତିହାସର ସବୁଠାରୁ ଦାମୀ ଖେଳାଳି ସାମ୍ୟସ୍ତ ହୋଇଛନ୍ତି। ରେକର୍ଡ ୨୪ କୋଟି ୭୫ ଲକ୍ଷ ଟଙ୍କା ବିନିମୟରେ କୋଲକାତା ନାଇଟ ରାଇଡର୍ସ (କେକେଆର) ତାଙ୍କୁ କ୍ରୟ କରିଛି। ଏଥିସହିତ ଆଇପିଏଲ୍ ନିଲାମିରେ ଖେଳାଳିଙ୍କ ମୂଲ୍ୟ ପ୍ରଥମଥର ପାଇଁ ୨୦ କୋଟି ପାର କରିଛି। ଷ୍ଟାର୍କଙ୍କୁ କ୍ରୟ କରିବାକୁ ଗୁଜରାଟ ଟାଇଟନ୍ସ ଶେଷ ପର୍ଯ୍ୟନ୍ତ

### ଇତିହାସର ୧୦ ମହଙ୍ଗା ଖେଳାଳି

| ଖେଳାଳି | ଟିମ | ମୂଲ୍ୟ | ବର୍ଷ |
|---|---|---|---|
| ମିଚେଲ ଷ୍ଟାର୍କ | କୋଲକାତା ନାଇଟ୍ ରାଇଡର୍ସ | ୨୪.୭୫ କୋଟି | ୨୦୨୪ |
| ପ୍ୟାଟ୍ କମିନ୍ସ | ସନରାଇଜର୍ସ ହାଇଦ୍ରାବାଦ୍ | ୨୦.୫୦ କୋଟି | ୨୦୨୪ |
| ସାମ୍ କୁରାନ | ପଞ୍ଜାବ କିଙ୍ଗ୍ସ | ୧୮.୫୦ କୋଟି | ୨୦୨୩ |
| କାମେରନ ଗ୍ରୀନ | ମୁମ୍ବାଇ ଇଣ୍ଡିଆନ୍ସ | ୧୭.୫୦ କୋଟି | ୨୦୨୩ |
| ବେନ୍ ଷ୍ଟୋକ୍ସ | ଚେନ୍ନାଇ ସୁପର୍ କିଙ୍ଗ୍ସ | ୧୬.୨୫ କୋଟି | ୨୦୨୩ |
| କ୍ରିସ୍ ମୋରିସ | ରାଜସ୍ଥାନ ରୟାଲ୍ସ | ୧୬.୨୫ କୋଟି | ୨୦୨୧ |
| ନିକୋଲସ ପୁରନ | ଲକ୍ଷ୍ନୌ ସୁପର୍ ଜାଏଣ୍ଟସ | ୧୬ କୋଟି | ୨୦୨୩ |
| ଯୁବରାଜ ସିଂହ | ଦିଲ୍ଲୀ ଡେୟାରଡେଭିଲ୍ସ | ୧୬ କୋଟି | ୨୦୧୫ |
| ପ୍ୟାଟ୍ କମିନ୍ସ | କୋଲକାତା ନାଇଟ୍ ରାଇଡର୍ସ | ୧୫.୫୦ କୋଟି | ୨୦୨୦ |
| ଇଶାନ କିଶାନ | ମୁମ୍ବାଇ ଇଣ୍ଡିଆନ୍ସ | ୧୫.୨୫ କୋଟି | ୨୦୨୨ |

ଡାକ ଲଗାଇ ପ୍ରୟାସ କରିଥିଲା। ଷ୍ଟାର୍କଙ୍କ ମୂଳ ଦର ୨ କୋଟି ଟଙ୍କା ଥିଲା। ଅର୍ଥାତ ସେ ମୂଳ ଦରର ୧୨ଗୁଣାରୁ ଊର୍ଦ୍ଧ୍ୱ ଦରରେ ବିକ୍ରି ହୋଇଛନ୍ତି। ସେହିପରି ଅଷ୍ଟ୍ରେଲିଆ ବିଶ୍ୱକପ୍ ବିଜୟୀ ଅଧିନାୟକ ତଥା ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ କମିନ୍ସ ୨୦ କୋଟି ୫୦ ଲକ୍ଷ ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ ଦଳରେ ସାମିଲ ହୋଇଥିଲେ ଓ ସେ ପ୍ରଥମ ଖେଳାଳି ଭାବେ ୨୦ କୋଟି ଟଙ୍କା ମୂଲ୍ୟ ପାର କରିଥିଲେ। କିନ୍ତୁ ତାଙ୍କର ଏହି ରେକର୍ଡକୁ ମାତ୍ର ଅଢେଇ ଘଣ୍ଟା ମଧ୍ୟରେ ଷ୍ଟାର୍କ ଭାଙ୍ଗିଥିଲେ। ଗତ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତକୁ ହରାଇ କୋଟି କୋଟି ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିବା ଖେଳାଳିଙ୍କୁ ନିଲାମିରେ ଆଶ୍ଚର୍ଯ୍ୟଜନକ ଭାବେ ଚଢ଼ା ଦରରେ କ୍ରୟ କରାଯାଇଛି।

### ଷ୍ଟାର୍କ, କମିନ୍ସଙ୍କୁ ନେବାକୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା

ଷ୍ଟାର୍କଙ୍କୁ ନେବା ପାଇଁ କୋଲକାତା ଓ ଗୁଜରାଟ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିଥିଲା। ତାଙ୍କୁ ନେବାକୁ ଦିଲ୍ଲୀ ପ୍ରଥମେ ୯.୬୦ ଓ ମୁମ୍ବାଇ ୧୦ କୋଟି ଟଙ୍କାର ଡାକ ଲଗାଇଥିଲେ। କିନ୍ତୁ ଏହାପରେ କୋଲକାତା ଓ ଗୁଜରାଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିଥିଲା। କିନ୍ତୁ ଶେଷରେ କୋଲକାତା ବାଜି ମାରିଥିଲା। ନିଲାମିରେ ଏହି ବିଡିଂ ୱାର୍ ବେଶ୍ ରୋଚକ ଥିଲା। ସେହିପରି କମିନ୍ସଙ୍କ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ହାଇଦ୍ରାବାଦ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କମିନ୍ସଙ୍କ ମୂଳ ଦର ୨ କୋଟି ଟଙ୍କା ଥିଲା। ପ୍ରଥମେ ଚେନ୍ନାଇ ଓ ମୁମ୍ବାଇ ତାଙ୍କୁ ନେବାକୁ ପ୍ରୟାସ କରିଥିଲେ। ମୁମ୍ବାଇ ତାଙ୍କୁ ୫ କୋଟିରେ ନେବାକୁ ଡାକ ଲଗାଇଥିଲା। ଏହାପରେ ବାଙ୍ଗାଲୋର ଓ ଚେନ୍ନାଇ ମଧ୍ୟରେ ତାଙ୍କୁ ନେବାକୁ ଆରମ୍ଭ ହୋଇଥିଲା ଟକ୍କର। ଚେନ୍ନାଇ ୧୦ କୋଟି ଟଙ୍କା ଡାକ ଲଗାଇଥିଲା। ଏହାପରେ ବାଙ୍ଗାଲୋର ୨୦.୨୫ କୋଟି ଟଙ୍କା ଡାକ ଲଗାଇଥିଲା। କିନ୍ତୁ ଶେଷରେ ହାଇଦ୍ରାବାଦ ତାଙ୍କୁ ୨୦.୫୦ କୋଟି ଟଙ୍କାରେ କ୍ରୟ କରିଥିଲା।

### ହର୍ଷଲ ସବୁଠୁ ଦାମୀ ଭାରତୀୟ

ନିଲାମିରେ ୩୩ ବର୍ଷୀୟ ଦ୍ରୁତ ବୋଲର ହର୍ଷଲ ପଟେଲ ୧୧.୭୫ କୋଟି ଟଙ୍କାରେ ପଞ୍ଜାବ କିଙ୍ଗ୍ସ ଦଳରେ ସାମିଲ ହୋଇଛନ୍ତି। ଏଥିସହ ସେ ସବୁଠାରୁ ଦାମୀ ଭାରତୀୟ ଖେଳାଳି ବିବେଚିତ ହୋଇଛନ୍ତି। ସ୍ଲୋଅର ବଲ୍ ସ୍ପେଶାଲିଷ୍ଟ ଭାବେ ଜଣାଶୁଣା ଥିବା ହର୍ଷଲଙ୍କୁ ନେବାକୁ ଗୁଜରାଟ ଓ ପଞ୍ଜାବ ମଧ୍ୟ ପ୍ରତିଦ୍ୱନ୍ଦ୍ୱୀତା ହୋଇଥିଲା। ଗୁଜରାଟ ତାଙ୍କୁ ନେବାକୁ ୧୦.୭୫ କୋଟି ଟଙ୍କା ଡାକ ଲଗାଇଥିଲା। ଏହାପରେ ଲକ୍ଷ୍ନୌ ତାଙ୍କୁ ନେବାକୁ ପ୍ରୟାସ କରିଥିଲା। ଶେଷରେ ତାଙ୍କୁ ପଞ୍ଜାବ କ୍ରୟ କରିଥିଲା।




ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ପୂର୍ବତନ ଅଧିନାୟକ ରିଷଭ ପନ୍ତ

**କମିନ୍ସଙ୍କ ମୂଲ୍ୟ ୨୦ କୋଟି ୫୦ ଲକ୍ଷ**

### ସ୍ମିଥ୍ ଅଲୋଡା; ରଚିନ, ହସରଙ୍ଗା ଶସ୍ତାରେ ବିକ୍ରି

ନିଲାମିରେ ଆଶ୍ଚର୍ଯ୍ୟଜନକ ଭାବେ ଅଷ୍ଟ୍ରେଲୀୟ ଅଭିଜ୍ଞ ବ୍ୟାଟର ତଥା ପୂର୍ବତନ ଅଧିନାୟକ ଷ୍ଟିଭେନ ସ୍ମିଥଙ୍କୁ କୌଣସି ଦଳ କ୍ରୟ କରିବାକୁ ପ୍ରୟାସ କରି ନଥିଲେ। ସେହିପରି ନ୍ୟୁଜିଲାଣ୍ଡ ତାରାକ ଅଲରାଉଣ୍ଡର ରଚିନ ରବୀନ୍ଦ୍ର ଓ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଶସ୍ତାରେ ବିକ୍ରି ହୋଇଛନ୍ତି। ରଚିନ ୧.୮୦ କୋଟି ଟଙ୍କାରେ ଚେନ୍ନାଇ ଦଳରେ ସାମିଲ ହୋଇଛନ୍ତି। ସେହିପର ହସରଙ୍ଗା ଦେଢ କୋଟି ଟଙ୍କାରେ ହାଇଦ୍ରାବଦ ଦଳରେ ସାମିଲ ହୋଇଥିଲେ।

### ମିଚେଲ ୧୪ କୋଟିରେ ଚେନ୍ନାଇରେ ସାମିଲ

ସେହିପରି ନ୍ୟୁଜିଲାଣ୍ଡ ତାରକା ବ୍ୟାଟର ଡାରିଲ ମିଚେଲ ୧୪ କୋଟି ଟଙ୍କାରେ ଚେନ୍ନାଇ ଦଳରେ ସାମିଲ ହୋଇ ସମସ୍ତଙ୍କୁ ଚକିତ କରିଛନ୍ତି। ତାଙ୍କ ମୂଳ ଦଳ ୧ କୋଟି ଟଙ୍କା ଥିଲା। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଅଜଜାରୀ ଜୋଶେଫ୍ ୧୧.୫୦ କୋଟି ଟଙ୍କାରେ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ଶ୍ରୀଲଙ୍କାର ଦିଲସାନ ମଦୁଶଙ୍କା ୪.୬୦ କୋଟି ଟଙ୍କାରେ ମୁମ୍ବାଇରେ ସାମିଲ ହୋଇଛନ୍ତି। ସେହିପରି ଜୟଦେବ ଉନାଦକତ୍ ୧.୬୦ କୋଟି ଟଙ୍କାରେ ହାଇଦ୍ରାବାଦରେ ସାମିଲ ହୋଇଛନ୍ତି। ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ୫.୮୦ କୋଟି ଟଙ୍କାରେ ଗୁଜରାଟରେ ସାମିଲ ହୋଇଛନ୍ତି। ସେହିପରି ୱେଷ୍ଟଇଣ୍ଡିଜ ଟି-୨୦ ଅଧିନାୟକ ରୋଭମ୍ୟାନ ପାୱେଲଙ୍କୁ ୭.୪୦ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସ କ୍ରୟ କରିଛି।

### ଗୋଟିଏ ଓଭରରେ ଦୁଇଟି ବାଉନ୍ସର

ଏଥର ଆଇପିଏଲ୍‌ରେ ଜଣେ ବୋଲର ଗୋଟିଏ ଓଭରରେ ଦୁଇଟି ବାଉନ୍ସର ପକାଇପାରିବେ। ଦୁଇଟି ବାଉନ୍ସର ପକାଇବାକୁ ବୋଲରଙ୍କୁ ସ୍ୱାଧୀନତା ଦିଆଯାଇଛି। ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୟଦ ମୁସ୍ତାକ ଅଲି ଟ୍ରଫିରେ ଏହି ନିୟମକୁ ଲାଗୁ କରିବା ପରେ ଏବେ ଆଇପିଏଲ୍‌ରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏଥର ଯେକୌଣସି ବୋଲର ଗୋଟିଏ ଓଭରରେ ଦୁଇଟି ବାଉନ୍ସର ପକାଇବା ନେଇ କୌଣସି ଅସୁବିଧା ନାହିଁ। କିନ୍ତୁ ଜଣେ ବୋଲର ଯଦି ଗୋଟିଏ ଓଭରରେ ୩ଟି ବାଉନ୍ସର ପକାନ୍ତି, ତାହାଲେ ତୃତୀୟ ବାଉନ୍ସରକୁ ନୋ ବୋଲ ଘୋଷିତ କରାଯିବ। ଏହା ଦ୍ୱାରା ଦ୍ରୁତ ବୋଲରମାନେ ଫାଇଦାରେ ରହିବେ। ଆଇପିଏଲ୍‌ର ଗତ ସଂସ୍କରଣରେ ଇମ୍ପାକ୍ଟ ଖେଳାଳି ନିୟମ ଲାଗୁ ହୋଇଥିଲା।

### ବିଶ୍ୱକପ୍ ହିରୋ ହେଡଙ୍କ ମୂଲ୍ୟ ୬.୮୦ କୋଟି

ଦିନିକିଆ ବିଶ୍ୱକପ୍‌ର ହିରୋ ତଥା ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ ୬.୮୦ କୋଟି ଟଙ୍କାରେ ହାଇଦ୍ରାବଦ ଦଳରେ ସାମିଲ ହୋଇଛନ୍ତି। ସେ ବିଶ୍ୱକପ୍ ସେମିରେ ଅର୍ଦ୍ଧଶତକ ହାସଲ କରିବା ପରେ ଭାରତ ବିପକ୍ଷ ଫାଇନାଲରେ ଶତକ ହାସଲ କରି ଦଳକୁ ଚାମ୍ପିଅନ କରାଇଥିଲେ। ଇଂଲଣ୍ଡ ମଧ୍ୟକ୍ରମ ବ୍ୟାଟର ହ୍ୟାରି ବ୍ରୁକ୍ସ ୪ କୋଟିରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି।

ନିଲାମି ପାଇଁ ୧୦ଟି ଦଳ ପାଖରେ ୨୬୨.୯୫ କୋଟି ଟଙ୍କା ପାଣ୍ଠି ବା ପର୍ସ ରହିଥିଲା। ଏଥିରେ ଗୁଜରାଟ, ହାଇଦ୍ରାବଦ, କୋଲକାତା ଓ ଚେନ୍ନାଇ ସର୍ବାଧିକ ୩୦ କୋଟି ଟଙ୍କା ସହ ନିଲାମିରେ ଅଂଶଗ୍ରହଣ କରିଥିଲେ।

### ସ୍ପେନ୍ସର ଜନସନଙ୍କ ମୂଲ୍ୟ ୧୦ କୋଟି

ଅଷ୍ଟ୍ରେଲୀୟ ବାମହାତୀ ଦ୍ରୁତ ବୋଲର ସ୍ପେନ୍ସର ଜନସନ୍ ୧୦ କୋଟି ଟଙ୍କା ବିନିମୟରେ ଗୁଜରାଟ ଦଳରେ ସାମିଲ ହୋଇଛନ୍ତି। ତାଙ୍କର ମୂଳ ଦର ୫୦ ଲକ୍ଷ ଟଙ୍କା ଥିଲା। କିନ୍ତୁ ଏକ୍ସଲରେଟେଡ ରାଉଣ୍ଡରେ ସେ ଏହାର ୨୦ ଗୁଣା ଚଢ଼ା ଦରରେ ବିକ୍ରି ହୋଇଛନ୍ତି। ସେହିପରି ଦ୍ରୁତ ବୋଲର ଯଶ ଦୟାଲ ୫ କୋଟି ଟଙ୍କାରେ ବାଙ୍ଗାଲୋରରେ ସାମିଲ ହୋଇଛନ୍ତି। ସେହିପରି ଝେ ରିଚାର୍ଡସନ ୫ କୋଟି ଟଙ୍କାରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ରିଲି ରୁଷୋ ୮ କୋଟି ଟଙ୍କାରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଲୋକି ଫର୍ଗୁସନ ୨ କୋଟି ଟଙ୍କାରେ ବାଙ୍ଗାଲୋର, ଆଫଗାନିସ୍ତାନର ମୁଜିବ ଉର ରହମାନ କୋଲକୋତାରେ ୨ କୋଟି ଟଙ୍କାରେ ସାମିଲ ହୋଇଛନ୍ତି।



### ପ୍ରଥମ ମହିଳା ନିଲମକାରୀ ମଲ୍ଲିକା

ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ ୧୬ଥର ଖେଳାଳି ନିଲାମି ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଥର ପୁରୁଷ ଅକ୍ସନର ନିଲାମି ଉପସ୍ଥାପନା କରିଛନ୍ତି। କିନ୍ତୁ ଏଥର ଏକ ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଥମ ମହିଳା ଅକ୍ସନର ଭାବେ ମଲ୍ଲିକା ସାଗର ଏଥର ନିଲାମି ପ୍ରକ୍ରିୟା ପରିଚାଳନା କରିଛନ୍ତି। ମଲ୍ଲିକା ପୂର୍ବରୁ ଦୁଇଥର ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ନିଲାମି ପ୍ରକ୍ରିୟା ପରିଚାଳନା କରିଛନ୍ତି। ମଲ୍ଲିକା ମୁମ୍ବଇର ଏକ ବ୍ୟବସାୟୀ ପରିବାରର ସଦସ୍ୟା ରହିଛନ୍ତି। ସେ ଆମେରିକାର ଇତିହାସରେ ସ୍ନାତକ କରିଛନ୍ତି। ସେ ବିଭିନ୍ନ ହାଇପ୍ରୋଫାଇଲ ନିଲାମିରେ ଉପସ୍ଥାପିକା ଭାବେ ବେଶ୍ ସଫଳତା ଅର୍ଜନ କରିଛନ୍ତି। ୪୮ ବର୍ଷୀୟା ମଲ୍ଲିକା ପୂର୍ବରୁ ପ୍ରୋ କବାଡି ଲିଗ୍ (କେପିଏଲ୍)ର ଅଷ୍ଟମ ସଂସ୍କରଣ ପାଇଁ ଅନୁଷ୍ଠିତ ନିଲାମିରେ ଉପସ୍ଥାପନା କରିଥିଲେ। ପୂର୍ବରୁ ବ୍ରିଟେନର ହ୍ୟୁଗ ଏଡମିଡେସ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ନିଲାମି ପରିଚାଳନା କରିଥିଲେ। କିନ୍ତୁ ୨୦୨୨ରେ ଏଡ୍‌ମିଡେସ ନିଲାମି ବେଳେ ଯେତେବେଳେ ବେହୋସ ହୋଇଯାଇଥିଲେ ସେତେବେଳେ ମଲ୍ଲିକା ତାଙ୍କ ଦାୟିତ୍ୱ ସଫଳତାର ସହ ବହନ କରିଥିଲେ।

### ଓଡ଼ିଆ ଖେଳାଳି ଅଣଦେଖା

ଆଇପିଏଲ୍ ନିଲାମିରେ ଏଥର ଓଡ଼ିଶା କ୍ରିକେଟରଙ୍କୁ କୌଣସି ଦଳ କ୍ରୟ କରିନାହାନ୍ତି। ନିଲାମିର ଚୂଡାନ୍ତ ତାଲିକାରେ ଦୁଇ ଖେଳାଳି ବ୍ୟାଟର ଶୁଭ୍ରାଂଶୁ ସେନାପତି ଓ ଲେଗ୍- ସ୍ପିନର ମୁସ୍ତାକ ବେଗ୍ ସାମିଲ ହୋଇଥିଲେ। ଉଭୟଙ୍କ ମୂଳ ଦଳର ୨୦ ଲକ୍ଷ ଟଙ୍କା ଥିଲେ ମଧ୍ୟ ବିକ୍ରି ହୋଇପାରିନାହାନ୍ତି। ଶୁଭ୍ରାଂଶୁ ଗତ ଦୁଇଟି ସଂସ୍କରଣ ଧରି ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର୍ କିଙ୍ଗ୍ସ ଦଳ ପକ୍ଷରୁ ଖେଳି ଆସୁଥିଲେ। ତାଙ୍କୁ ଚେନ୍ନାଇ ୨୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। କିନ୍ତୁ ସେ ୨ଟି ଯାକ ସଂସ୍କରଣରେ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ।



### ଚର୍ଚ୍ଚାରେ ଅପରିଚିତ ସମୀର

ଏଥର ଏକାଧିକ ଅନକ୍ୟାପ୍‌ଡ ଅର୍ଥାତ ଅନ୍ତର୍ଜାତୀୟ କ୍ରିକେଟ ଖେଳିନଥିବା ଖେଳାଳି କୋଟିପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନେ ହେଲେ ସମୀର ରିଜଭି, ଶୁବମ ଦୁବେ, ଶାହରୁଖ ଖାନ, କୁମାର କୁଶାଗ୍ରେ, ଯଶ ଦୟାଲ। ୟୁପି ଟି-୨୦ ଲିଗ୍‌ରେ ଚମକ ଦେଖାଇଥିବା ମିରଟର ୨୦ ବର୍ଷୀୟ ସମୀର ୮.୪୦ କୋଟି ଟଙ୍କା ବିନିମୟରେ ଚେନ୍ନାଇ ସୁପର କିଙ୍ଗ୍ସରେ ସାମିଲ ହୋଇଛନ୍ତି। ତାଙ୍କ ମୂଳ ଦର(୨୦ ଲକ୍ଷ)ର ୪୨ ଗୁଣା ମୂଲ୍ୟରେ ସେ ବିକ୍ରି ହୋଇଥିଲେ। ଦୁବେ ୫.୮୦ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସ ଓ ଶାହରୁଖ ୭.୪୦ କୋଟି ଟଙ୍କା ବିନିମୟରେ ଗୁଜରାଟ ଦଳରେ ସାମିଲ ହୋଇଛନ୍ତି। ୨୦୨୨ରେ ଶାହରୁଖ ୯ କୋଟି ଟଙ୍କାରେ ବିକ୍ରି ହୋଇଥିଲେ ଓ ଏଥର ମଧ୍ୟ କୋଟି ପତି ହେବାର ସୁଯୋଗ ପାଇଛନ୍ତି। ସେହିପରି ୱିକେଟକିପର କୁମାର କୁଶାଗ୍ରଙ୍କୁ ୭.୨୦ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କ୍ରୟ କରିଛି।

### କେଉଁ ଖେଳାଳି କେତେ କୋଟିରେ ଗଲେ

| ଖେଳାଳି | ଦଳ | ମୂଳଦର (କୋଟି) | ବିକ୍ରି ଦର (କୋଟି) |
|---|---|---|---|
| ମିଚେଲ ଷ୍ଟାର୍କ | କୋଲକାତା | ୨ | ୨୪.୭୫ |
| ପ୍ୟାଟ୍ କମିନ୍ସ | ହାଇଦ୍ରାବାଦ୍ | ୨ | ୨୦.୫୦ |
| ଡାରୀଲ ମିଚେଲ | ଚେନ୍ନାଇ | ୧ | ୧୪ |
| ହର୍ଷଲ ପଟେଲ | ପଞ୍ଜାବ | ୨ | ୧୧.୭୫ |
| ଅଲ୍‌ଜାରୀ ଜୋସେଫ୍ | ବାଙ୍ଗାଲୋର | ୧ | ୧୧.୫୦ |
| ସ୍ପେନସର୍ ଜନସନ | ଗୁଜରାଟ | ୦.୫୦ | ୧୦ |
| ସମୀର ରିଜଭି | ଚେନ୍ନାଇ | ୦.୨୦ | ୮.୪୦ |
| ରୋଭମାନ ପାୱେଲ | ରାଜସ୍ଥାନ | ୧ | ୭.୪୦ |
| ଶାହରୁଖ ଖାନ | ଗୁଜରାଟ | ୦.୪୦ | ୭.୪୦ |
| କୁମାର କୁଶାଗ୍ର | ଦିଲ୍ଲୀ | ୦.୨୦ | ୭.୨୦ |
| ଟ୍ରାଭିସ୍ ହେଡ୍ | ହାଇଦ୍ରାବାଦ୍ | ୨ | ୬.୮୦ |
| ଶିବମ ମାଭି | ଲକ୍ଷ୍ନୌ | ୦.୫୦ | ୬.୪୦ |
| ଉମେଶ ଯାଦବ | ଗୁଜରାଟ | ୨ | ୫.୮୦ |
| ଶିବମ ଦୁବେ | ରାଜସ୍ଥାନ | ୦.୨୦ | ୫.୮୦ |
| ଗେରାଲ୍ଡ କୋଏର୍ଜି | ମୁମ୍ବାଇ | ୨ | ୫ |
| ଝେ ରିଚାର୍ଡସନ | ଦିଲ୍ଲୀ | ୧.୫୦ | ୫ |
| ଯଶ ଦୟାଲ୍ | ବାଙ୍ଗାଲୋର | ୦.୨୦ | ୫ |
| ନୁୱାନ ଥୁଶାରା | ମୁମ୍ବାଇ | ୦.୫୦ | ୪.୮୦ |
| ଦିଲସାନ ମଦୁସନକା | ମୁମ୍ବାଇ | ୦.୫୦ | ୪.୬୦ |
| କ୍ରିସ୍ ଓକ୍ସ | ପଞ୍ଜାବ | ୨ | ୪.୨୦ |
| ହ୍ୟାରୀ ବ୍ରୁକ୍ | ଦିଲ୍ଲୀ | ୨ | ୪ |
| ଶାର୍ଦ୍ଦୁଳ ଠାକୁର | ଚେନ୍ନାଇ | ୨ | ୪ |
| ରାଚିନ ରବୀନ୍ଦ୍ର | ଚେନ୍ନାଇ | ୦.୫୦ | ୧.୮୦ |
| ୱାନିନ୍ଦୁ ହାସରଙ୍ଗା | ହାଇଦ୍ରାବାଦ୍ | ୧.୫୦ | ୧.୫୦ |

## କ୍ଲବ-୭୩ ପକ୍ଷରୁ ନିଖିଳ ଓଡ଼ିଶା ଫୁଟ୍‌ବଲ ୨୬ରୁ

ଭୁବନେଶ୍ୱର, ୧୯ ।୧୨ (ସମିସ): ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ କ୍ଲବ-୭୩ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବଛା ବଛା ୮ ଗୋଟି ଦଳ ଭାଗନେବେ। ଏହି ଦଳଗୁଡ଼ିକ ହେଲା କଟକର ରାଇଜିଂ ଷ୍ଟୁଡେଣ୍ଟ, ସନ୍‌ରାଇଜ କ୍ଲବ, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ଭୁବନେଶ୍ୱରର କିଶୋର କ୍ଲବ, ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ, କିଟ୍ ଫୁଟ୍‌ବଲ ଏକାଡେମୀ, ସମ୍ବଲପୁର ଫୁଟ୍‌ବଲ କ୍ଲବ ଓ ଫୁଲବାଣୀ ଫୁଟ୍‌ବଲ କ୍ଲବ। ଡିସେମ୍ବର ୨୬ରୁ ଏହା ଆରମ୍ଭ ହୋଇ ୨୯ରେ ଶେଷ ହେବ। ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ-୭୩ର ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସୂଚନା ଦେଇଛନ୍ତି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ସମସ୍ତ ମ୍ୟାଚ୍ ଖେଳାଯିବ। ଦିନକୁ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବାକୁ ସ୍ଥିର ହୋଇଛି।

ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାରୁ କ୍ଲବ-୭୩ ଏହି ଅବସରରେ ରାଜ୍ୟର ଦୁଇ କିମ୍ବଦନ୍ତୀ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଆଜୀବନ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ଅନ୍ୟାନ ପୁରସ୍କାର ବାବଦକୁ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ରକ୍ଷଣଭାଗ, ଗୋଲ୍‌ରକ୍ଷକ, ଅଗ୍ରଭାଗ ଓ ଶ୍ରେଷ୍ଠ ମଧ୍ୟଭାଗ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିବା କ୍ଲବ-୭୩ର ସାଧାରଣ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।



## ଜାତୀୟ କାନୋସ୍ପ୍ରିଣ୍ଟ

# ୨୮ ପଦକ ଜିତି ଓଡ଼ିଶା ରନର୍ସଅପ୍

କଟକ,୧୯।୧୨(ସମିସ)

ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ଜାତୀୟ ବରିଷ୍ଠ କାନୋସ୍ପ୍ରିଣ୍ଟ ପ୍ରତିଯୋଗିତା ଶେଷ ହୋଇଛି। ଏଥିରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶା ଦଳଗତ ଭାବେ ରନର୍ସଅପ ହୋଇଛି। ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ ସର୍ଭିସେସ ଏବଂ କେରଳ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ୭ଟି ପଦକକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୨୮ଟି ପଦକ ଜିତିଛି। ଏଥିରେ ୭ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଏବଂ ୭ଟି କାଂସ୍ୟ ପଦକ ରହିଛି।

ଅନ୍ତିମ ଦିବସରେ ୨୦୦ ମିଟର ବିଶିଷ୍ଟ ଇଭେଣ୍ଟ ସବୁ ଖେଳାଯାଇଥିଲା। ମହିଳା କାନୋଇଂ-୪ରେ ଆର୍ଶୀଦେବୀ, ରଶ୍ମୀତା, ସୋଫିଆ ଓ ସଚିମା ସ୍ୱର୍ଣ୍ଣ, ମହିଳା କାୟାକିଂ-୨ରେ ଫୁଲମଣୀ ଓ ବିଦ୍ୟାଦେବୀ କାଂସ୍ୟ ପଦକ, ମହିଳା କାୟାକିଂ-୪ରେ ଫୁଲମଣୀ, ବିଦ୍ୟାଦେବୀ, ଶ୍ରୁତି ଓ ଏଲିନା ରୌପ୍ୟ, ମହିଳା କାନୋଇଂ-୧ରେ ରଶ୍ମୀତା କାଂସ୍ୟ ପଦକ, ପୁରୁଷ କାନୋଇଂ-୨ରେ ଜୁବେଜ ଓ ଅବିନାଶ ରୌପ୍ୟ ପଦକ, ପୁରୁଷ କାୟାକିଂ-୨ରେ ସାଗର ଓ କିଶାନ ରୌପ୍ୟ ପଦକ, ପୁରୁଷ କାନୋଇଂ-୧ରେ ଅବିନାଶ ରୌପ୍ୟ ପଦକ ଜିତିଥିଲେ। ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଶୁଭେଚ୍ଛା ଜଣାଇଛନ୍ତି।



# ଦକ୍ଷିଣ ଆଫ୍ରିକାକୁ ଜିତାଇଲେ ଟୋନି

ଦକ୍ଷିଣ ଆଫ୍ରିକା ବିପକ୍ଷ ୨ୟ ଦିନିକିଆ

ପୋର୍ଟ ଏଲିଜାବେଥ, ୧୯ ।୧୨ (ଏଜେନ୍ସି)

ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାର ଏଠାରେ ଅନୁଷ୍ଠିତ ୨ୟ ଦିନିକିଆ ମ୍ୟାଚରେ ଘରୋଇ ଦଳ ନିକଟରୁ ୮ ୱିକେଟ୍‌ରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୧୨ ରନର ସହଜସାଧ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୪୫ ବଲ୍ ବଳକା ଥାଇ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ବାମହାତୀ ଓପନର୍ ଟୋନି ଡି ଜୋର୍‌ଜି ୧୧୯ ରନର ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଭ୍ରମଣକାରୀ ଭାରତ ୮ ୱିକେଟ୍‌ରେ ଜିତିଥିଲା। ସିରିଜ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଗୁରୁବାର ବୋଲାଣ୍ଡ ପାର୍କରେ ଖେଳାଯିବ।

ମଙ୍ଗଳବାର ସ୍ଥାନୀୟ ସେଣ୍ଟ ଜର୍ଜସ ପାର୍କରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଓଭରରେ ଓପନର୍ ଋତୁରାଜ ଗାଏକ୍ୱାଡଙ୍କ ୱିକେଟ୍ ହରାଇଥିଲା। ୪ ରନ କରିଥିବାବେଳେ ଗାଏକ୍ୱାଡ ବାମହାତୀ ଦ୍ରୁତ ବୋଲର ନାନ୍ଦ୍ରେ ବର୍ଗରଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ତିଲକ ବର୍ମା ପୁଣିଥରେ ଫେଲ୍ ମାରିଥିଲେ। ସେ ୩୦ଟି ବଲ୍ ଖେଳି ମାତ୍ର ୧୦ ରନ କରି ନାନ୍ଦ୍ରେଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଏହି ସମୟରେ ଅନ୍ୟତମ ଓପନର୍ ସାଇ ସୁଦର୍ଶନଙ୍କ ସହ ଅଧିନାୟକ ଲୋକେଶ ରାହୁଲ ଯୋଗଦେଇ ପାଳି ସଜାଡ଼ିଥିଲେ। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଖେଳୁଥିବା ସୁଦର୍ଶନ କ୍ରମାଗତ ୨ୟ ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ଶହେ ରନ ପାରି କରାଇବାରେ ସହାୟତା କରିଥିଲେ। ୨୨ ବର୍ଷୀୟ ଏହି ବାମହାତୀ ବ୍ୟାଟର୍ ୮୩ ବଲ ଖେଳି ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୬୨ ରନ କରି ଆଉଟ୍ ହୋଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ସାଇ ମଧ୍ୟ ୫୫ ରନର ଅପରାଜିତ ଉଲ୍ଲେଖନୀୟ ପାଳି ଖେଳିଥିଲେ। ସୁଦର୍ଶନଙ୍କ ଆଉଟ୍ ପରେ କ୍ରିଜରେ ଯୋଗଦେଇଥିବା ଅଭିଜ୍ଞ ସଞ୍ଜୁ ସାମସନ ମାତ୍ର ୧୨ ରନ ପୁଣିଥରେ ନିଜର ଦକ୍ଷତାକୁ ପ୍ରତିପାଦିତ କରିବାରେ ବିଫଳ ହୋଇଥିଲେ। ସତର୍କତାର ସହ ଖେଳୁଥିବା ରାହୁଲ ମଧ୍ୟ ୧୮ତମ ଅର୍ଦ୍ଧଶତକ ପୂରଣ କରିବା ପରେ ପ୍ୟାଭିଲିୟନ ଫେରିଥିଲେ। ସେ ୭ଟି ଚୌକା ସହାୟତାରେ ୬୪ ବଲରୁ ୫୬ ର ରନକିଥିଲେ। ଫଳରେ ଭାରତ ୩୬ ଓଭରବେଳକୁ ୧୬୭ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସାରିଥିଲା। ଏହାପରେ ମଧ୍ୟ ଓ ନିମ୍ନକ୍ରମର ବ୍ୟାଟର୍‌ମାନେ ମଧ କେହି ଆଖିଦୃଶିଆ ପାଳି ଖେଳି ନପାରିବାରୁ ଭ୍ରମଣକାରୀ ଭାରତ ୪୬.୨ ଓଭରରେ ୨୧୧ ରନରେ ସୀମିତ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦାର୍ପଣକାରୀ ରିଙ୍କୁ ସିଂ ୧୭, ଅକ୍ଷର ପଟେଲ ୭, କୁଲଦୀପ ଯାଦବ ୧, ଅର୍ଶଦୀପ ସିଂହ ୧୮, ଆଭେସ ଖାନ ୯ ଓ ମୁକେଶ କୁମାର ୪* ରନ କରିଥିଲେ। ଘରୋଇ ଦଳ ପକ୍ଷରୁ ସଫଳ ବୋଲର ଭାବେ ନାନ୍ଦ୍ରେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଉରାନ ହେଣ୍ଡ୍ରିକ୍ସ ଓ କେଶବ ମହାରାଜ ୨ଟି ଲେଖାଏ ୱିକେଟ୍ ହାସଲ କରିଛନ୍ତି।

ଜବାବରେ ଦକ୍ଷିଣ ଆଫ୍ରିକା ୨୧୨ ରନର ଲକ୍ଷ୍ୟକୁ ପିଛା କରି ଦମ୍‌ଦାର ଆରମ୍ଭ କରିଥିଲା। ଓପନର୍ ରିଜା ହେଣ୍ଡ୍ରିକ୍ସ (୫୨) ଓ ଟୋନି ପ୍ରଥମ ୱିକେଟ୍‌ରେ ୧୩୦ ରନ ଯୋଡ଼ି ବିଜୟ ପଥ ପରିଷ୍କାର କରିଥିଲେ। ରିଜାଙ୍କୁ ଆଉଟ୍ କରି ଅର୍ଶଦୀପ୍ ସିଂହ ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ଟୋନି ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ୪୨.୩ ଓଭରରେ ୨ ୱିକେଟ୍ ବିନିମୟରେ ସହଜରେ ଜିତାଇଥିଲେ। ସେ ୯ ଚୌକା ଓ ୬ ଛକା ସହାୟତାରେ ୧୨୨ ବଲରୁ ୧୧୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାସି ଭାନ ଡର୍ ଡୁସେନ ୩୬ ଓ ଅଧିନାୟକ ମାର୍କରାମ ୨* ରନ କରିଥିଲେ।


ଟୋନି ଡି ଜୋର୍‌ଜି

### ସଂକ୍ଷିପ୍ତ ସ୍କୋର

ଭାରତ: ୨୧୧/୧୦, ୪୬.୨ ଓଭର (ସୁଦର୍ଶନ- ୬୨, ରାହୁଲ- ୫୬, ଅର୍ଶଦୀପ- ୧୮, ରିଙ୍କୁ- ୧୭, ସାମସନ- ୧୨, ନାନ୍ଦ୍ରେ- ୩/୩୦, ବେଉରାନ ହେଣ୍ଡ୍ରିକ୍ସ- ୨/୩୪)।
**ଦକ୍ଷିଣ ଆଫ୍ରିକା:** ୨୧୫/୨, ୪୨.୩ ଓଭର (ରିଜା ହେଣ୍ଡ୍ରିକ୍ସ- ୫୨, ଟୋନି ଡି ଜୋର୍‌ଜି- ୧୧୯*, ଡୁସେନ-୩୬, ଅର୍ଶଦୀପ-୧/୨୮, ରିଙ୍କୁ ସିଂ-୧/୨)।

## ରିଙ୍କୁଙ୍କ ଦିନିକିଆ ପଦାର୍ପଣ



ଟି-୨୦ ସେନ୍‌ସେସନ ତଥା ନୂଆ ଫିନିସର ଭାବେ ଜଣାଶୁଣା ଥିବା ୨୬ ବର୍ଷୀୟ ଯୁବ ବ୍ୟାଟର ରିଙ୍କୁ ସିଂ ଦିନିକିଆ ଫର୍ମାଟ୍‌ରେ ପଦାର୍ପଣ କରିଛନ୍ତି। ମଙ୍ଗଳବାର ଗକେବେରାର ସେଣ୍ଟ ଜର୍ଜସ ପାର୍କରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ସେ ଖେଳିବାର ସୁଯୋଗ ପାଇଛନ୍ତି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ତାଙ୍କୁ ଦିନିକିଆ କ୍ୟାପ୍ ପ୍ରଦାନ କରିଥିଲେ। ଶ୍ରେୟସ ଆୟରଙ୍କ ବଦଳରେ ସେ ଦଳରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ପ୍ରସ୍ତୁତି କରିବାକୁ ଆୟାରଙ୍କୁ ଦଳରୁ ରିଲିଜ କରାଯାଇଛି। ରଜତ ପଟିଦାର କିମ୍ବା ରିଙ୍କୁ ସିଂଙ୍କ ମଧ୍ୟରେ ଜଣକୁ ଏହି ମ୍ୟାଚ୍‌ରେ ପଦାର୍ପଣ କରିବାରୁ ସୁଯୋଗ ମିଳିଥାନ୍ତା। କିନ୍ତୁ ଗତ କିଛି ଦିନର ପ୍ରଦର୍ଶନକୁ ଭିତ୍ତି କରି ରିଙ୍କୁଙ୍କୁ ଶେଷରେ ସୁଯୋଗ ଦିଆଯାଇଥିଲା। ଉତ୍ତରପ୍ରଦେଶର ଅଲିଗଡ଼ରେ ୧୯୯୭ ଅକ୍ଟୋବର ୧୨ରେ ଜନ୍ମିତ ରିଙ୍କୁ ଏପର୍ଯ୍ୟନ୍ତ କ୍ୟାରିୟରରେ ୧୨ ଅନ୍ତର୍ଜାତୀୟ ଟି-୨୦, ୪୨ଟି ପ୍ରଥମ ଶ୍ରେଣୀ, ୫୫ଟି ଲିଷ୍ଟ ଏ ଓ ୧୦୩ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସବୁଥିରେ ତାଙ୍କ ହାରହାରି ରନ ସଂଗ୍ରହ ପ୍ରଭାବୀ ରହିଛି। ୧୨ଟି ଅନ୍ତର୍ଜାତୀୟ ଟି-୨୦ରେ ସେ ୬୫.୫ ହାରରେ ମୋଟ୍ ୨୬୨ ରନ ସଂଗ୍ରହ କରିଛନ୍ତି।

## ୨୨ରୁ ଜାତୀୟ ବିଦ୍ୟାଳୟ ଭଲିବଲ, ରଗବୀ



ଭୁବନେଶ୍ୱର,୧୯ ।୧୨(ସମିସ): ସ୍ଥାନୀୟ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ୬୭ତମ ଜାତୀୟ ବିଦ୍ୟାଳୟ ଭଲିବଲ, ରଗବୀ ଚାମ୍ପିଅନସିପ୍ ଆୟୋଜନ ହେବ। ୧୪ ବର୍ଷରୁ ବାଳକ ଓ ବାଳିକା କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିବେ। ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ୩୫ରୁ ଉର୍ଦ୍ଧ୍ୱ ରାଜ୍ୟ ଓ ଅନ୍ୟ ସଂଗଠନର ମୋଟ୍ ଉପରେ ୨୦୦୦ ଆଥଲେଟ ଏଥିରେ ଭାଗ ନେବେ।

### ସ୍ପୋର୍ଟ୍ସ ଫେଷ୍ଟରେ ଭାଗ ନେବେ ୧୫ ହଜାର କ୍ରୀଡ଼ାବିତ୍

ବିଶ୍ୱସ୍ତର ଭିତ୍ତିଭୂମୀ ଉପଲବ୍ଧ ଥିବାରୁ ସ୍ଥାନୀୟ କିଟ୍ ଓ କିସ୍ ଆରମ୍ଭ ହେବାକୁ ଯାଉଛି ମେଗା ସ୍ପୋର୍ଟ୍ସ ଫେଷ୍ଟ। ଏଥିରେ ଦେଶର ୧୫ ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। କିଟ୍‌ରେ ଆସନ୍ତା ୨୧ରୁ ୨୩ ତାରିଖ ମଧ୍ୟରେ ଉତ୍ତର ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ୨୬ରୁ ୨୯ ତାରିଖ ମଧ୍ୟରେ କିଟ୍‌ରେ ଉତ୍ତର/ପୂର୍ବ/ ପଶ୍ଚିମାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ ହେବ। ୨୬ରୁ ୨୯ ତାରିଖ ମଧ୍ୟରେ ସର୍ବ ଭାରତୀୟ ଆନ୍ତଃ ବିଶ୍ୱ ବିଦ୍ୟାଳୟ ମହିଳା ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି କିସ୍‌ରେ ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱ ବିଦ୍ୟାଳୟ ସନ୍ତରଣ (ପୁରୁଷ ଓ ମହିଳା) ପ୍ରତିଯୋଗିତା ୨୧ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବ। ଜାନୁଆରୀ ୪ରୁ ୭ ମଧ୍ୟରେ ପୂର୍ବାଞ୍ଚଳ ମହିଳା ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା, ଜାନୁଆରୀ ୯ରୁ ୧୩ ମଧ୍ୟରେ ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଆୟୋଜନ ହେବ।

● ସର୍ବଭାରତୀୟ ମହାବୀର କପ୍ ଉଦ୍‌ଘାଟିତ

## ବାପୁଜୀ କ୍ଲବ୍ ବିଜୟୀ

ସୋର,୧୯ ।୧୨(ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ସାହାଣୀ ଖେଳପଡ଼ିଆରେ ସର୍ବଭାରତୀୟ ମହାବୀର କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ଲବ ଏବର୍ଷ ୨୫ ବର୍ଷ ପାଳନ କରୁଥିବାବେଳେ ଏହି ରୌପ୍ୟ ଜୟନ୍ତୀ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥିଭାବେ ଯୁବ ସମାଜସେବୀ ଶିବାନୀ ଶଙ୍କର ରାୟ ଏବଂ ସମ୍ମାନିତ ଅତିଥିଭାବେ ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର ଯୋଗଦେଇ କ୍ଲବର ପତାକା ଉତ୍ତୋଳନ କରି ଏହାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଉଦଘଟନୀ ମ୍ୟାଚରେ ବାପୁଜୀ କ୍ଲବ (ଭୁବନେଶ୍ୱର) ଓ ୟୁ ଆଣ୍ଡ ମି କ୍ଲବ (ବାଲେଶ୍ୱର) ସାମ୍ନାସାମ୍ନି ହୋଇଥିଲେ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାପୁଜୀ କ୍ଲବ ନିର୍ଦ୍ଧାରିତ ୨୬ ଓଭର୍‌ରେ ୯ ଟି ୱିକେଟ୍ ହରାଇ ୨୭୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କ୍ଷମା ସାଗର ବଳ ୪୦ଟି ବଲ ଖେଳି ୭୮ ରନ୍, ସିଦ୍ଧାନ୍ତ ଜେନା ୧୯ ବଲ୍‌ରୁ ୪୨ ରନ୍ ଏବଂ ଅଶ୍ୱିନୀ ପାଣିଗ୍ରାହୀ ୩୨ ବଲରୁ ୩୯ ରନ କରିଥିଲେ। ଏହାର ଜବାବ୍‌ରେ ୟୁ ଆଣ୍ଡ ମି ୨୨ ଓଭରରେ ସମସ୍ତ ୱିକେଟ ହରାଇ ୧୬୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସର୍ବେଶ୍ୱର ମହାନ୍ତି ୩୭ ଓ ସେକ ମିନାଜ ୪୨ ରନ କରିଥିଲେ। ବିଜୟୀ ବାପୁଜୀ କ୍ଲବର କ୍ଷମା ସାଗର ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।



ଅପରାହ୍ନରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଅମିତ ଅମିତାଭ ମହାକୁଡ଼ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅଖିଳରାମ ଜେନା ଏବଂ ସମ୍ପାଦକ ବୀରେନ୍ଦ୍ର ଜେନା ଉପସ୍ଥିତ ଥିଲେ। ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ଲଲାଟ କେଶରୀ ନନ୍ଦ ଏବଂ ଆଶୁତୋଷ ପାଣି ପରିଚାଳନା କରିଥିଲେ।

ଜାନକୀ ପାଢ଼ୀ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱରର ସାନ୍ କ୍ଲବ୍ ଚାମ୍ପିଅନ

ବୋଲଗଡ଼,୧୯।୧୨(ସମିସ)

ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ଆୟୋଜିତ ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫ୍ଏ ଯାଜପୁରକୁ ୩-୧ ଗୋଲରେ ହରାଇ ଭୁବନେଶ୍ୱରର ସାନ୍ କ୍ଲବ୍ ଚାମ୍ପିଅନ ହୋଇଛି। ଖେଳ ପ୍ରଥମାର୍ଦ୍ଧରେ ସାନ୍ କ୍ଲବ୍ ଦଳର ୪ନଂ. ଖେଳାଳୀ ହରି ନାୟକ ଓ ୧୦ ନଂ ଖେଳାଳୀ ଚନ୍ଦନ ନାୟକ ଦୁଇଟି ଗୋଲ ସ୍କୋର୍ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଡିଏଫ୍ଏ ଦଳର ୭ନଂ. ଖେଳାଳୀ ଏସ୍‌କେ ୟୁନିସ ଗୋଟିଏ ଗୋଲ ଦେଇଥିବାବେଳେ ସାନ୍ କ୍ଲବର ୯ନଂ ଖେଳାଳି ଆଉ ଗୋଟିଏ ଗୋଲ ଦେଇ ମ୍ୟାଚକୁ ୩-୧ରେ ଜିତି ଚାମ୍ପିଅନ ଟାଇଟଲ୍ ହାସଲ କରିଥିଲେ।




ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଶିଳ୍ପପତି ଭାଗ୍ୟରଥି ବେହେରା, ଫ୍ରେଣ୍ଡସ୍ କ୍ଲବ୍ ସଭାପତି ଭଞ୍ଜକିଶୋର ଯତି, ଅଶ୍ୱିନୀ କୁମାର ପଟ୍ଟନାୟକ, ବୀରକିଶୋର ଦାସ, ଲକ୍ଷ୍ମୀଧର ଚୌଧୁରୀ, ଜିତେନ୍ଦ୍ର ମାର୍ଥା ଓ ସିକୁ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ବିଜେତା ସାନ୍ କ୍ଲବ୍‌କୁ ଚାମ୍ପିଅନ ଟ୍ରଫି ସହ ନଗଦ ୧୫ହଜାର ଟଙ୍କା ଓ ଉପବିଜେତା ଡିଏଫଏ ଦଳକୁ ରନର୍ସ ଅପ କପ୍ ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସାନ କ୍ଲବ୍ ଖେଳାଳି ଚନ୍ଦନ ନାଏକ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ।

## ଓଡ଼ିଶାର ୪ର୍ଥ ପରାଜୟ

କଟକ,୧୯।୧୨(ସମିସ): ୨୩ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। କୋଲକାତାର ବରାସତ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ କେରଳଠାରୁ ୮ ୱିକେଟ୍‌ରେ ଓଡ଼ିଶା ଶୋଚନୀୟ ଭାବେ ପରାସ୍ତ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୬୯ ରନରେ ଅଲଆଉଟ ହୋଇଥିଲା। ତନ୍ମୟୀ ବେହେରା ସର୍ବାଧିକ ୧୭ ରନ କରିଥିଲେ। କେରଳର ସି.କେ. ନାଳନ୍ଦା ୧୩ ରନ ବିନିମୟରେ ସର୍ବାଧିକ ୪ ୱିକେଟ ସଫଳତା ପାଇଥିଲେ। ଜବାବରେ କେରଳ ୧୩.୧ ଓଭରରେ ଦୁଇ ୱିକେଟ ହରାଇ ସହଜ ବିଜୟ ଲାଭ କରିଥିଲା। ମାନସୀ ୩୨ ରନର ଅପରାଜିତ ମ୍ୟାଚ ବିଜୟୀ ପାଳି ଖେଳିଥିଲେ। ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୬ଟି ମ୍ୟାଚରୁ ୨ଟି ବିଜୟ ଓ ୪ଟି ପରାଜୟ ବଳରେ ୮ ପଏଣ୍ଟ ହାସଲ କରି ୫ମ ସ୍ଥାନରେ ରହିଛି।

## ନଗେଶ ଟ୍ରଫି: ଓଡ଼ିଶାର କ୍ରମାଗତ ୨ୟ ବିଜୟ




କଟକ,୧୯।୧୨(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିରେ ଓଡ଼ିଶା ଲଗାତର ଦ୍ୱିତୀୟ ବିଜୟ ହାସଲ କରିଛି। କୋଚିରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫୬ ରନରେ ଘରୋଇ କେରଳ ଦଳକୁ ହରାଇଛି। ଟସ୍ ହାରି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ବିନିମୟରେ ଦଳ ୧୭୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝୀ ସର୍ବାଧିକ ୫୬, ଜାଫର ଇକବାଲ ୪୮ ଏବଂ ସୁକଦେବ ସୋରେନ ୨୨ ରନ କରିଥିଲେ। ଜବାବରେ ୧୭୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା କେରଳ ୧୨୧ ରନରେ ଅଲଆଉଟ ହୋଇଥିଲା। ବୋଲିଂରେ ଓଡ଼ିଶା ପକ୍ଷରୁ ଦେବରାଜ ବେହେରା ଓ ସୁଖରାମ ମାଝୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସୁଖରାମଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ବିଚେଚିତ କରାଯାଇଥିଲା। ବୁଧବାର ଲିଗ ପର୍ଯ୍ୟାୟର ୩ୟ ମ୍ୟାଚ୍‌ରେ ଓଡ଼ିଶା ବିହାରକୁ ଭେଟିବ।

ଏଫ୍‌ଆଇଏଚ୍ ବାର୍ଷିକ ପୁରସ୍କାର

# ହାର୍ଦ୍ଦିକ ଶ୍ରେଷ୍ଠ ଖେଳାଳି; ସବିତା ଗୋଲ୍‌ରକ୍ଷକ



ଲାଉସେନ, ୧୯ ।୧୨ (ଏଜେନ୍ସି)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ବର୍ଷ ୨୦୨୩ ଲାଗି ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହିକ୍ରମରେ ଭାରତର ମଧ୍ୟଭାଗ ଖେଳାଳି ହାର୍ଦ୍ଦିକ ସିଂହ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଭାରତୀୟ ବରିଷ୍ଠ ମହିଳା ଦଳର ସବିତା ପୁନିଆ ବର୍ଷର ଶ୍ରେଷ୍ଠ ମହିଳା ଗୋଲ୍‌ରକ୍ଷକ ବିବେଚିତ ହୋଇଛନ୍ତି।

ଏଫ୍‌ଆଇଏଚ୍ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ନେଦରଲାଣ୍ଡସର ଜାନ ଡି ୱାର୍ଡ ହାତେଇ ନେଇଛନ୍ତି। ୨୦୨୩ ବର୍ଷ ଲାଗି ପୁରୁଷ ବର୍ଗରେ ନେଦରଲାଣ୍ଡସର ପିର୍‌ମିନ ବ୍ଲାକ ଶ୍ରେଷ୍ଠ ଗୋଲ୍‌ରକ୍ଷକ ପୁରସ୍କାର ପାଇଛନ୍ତି। ଏହାବାଦ୍ ଏଫ୍‌ଆଇଏଚ୍ ପକ୍ଷରୁ ବର୍ଷର ଶ୍ରେଷ୍ଠ ପ୍ରଶିକ୍ଷକ ନାମ ମଧ୍ୟ ଘୋଷଣଶ କରାଯାଇଛି। ଚୀନ ଦଳର ଆଲିସନ ଆନ୍ନାନ ଓ ଜର୍ମାନୀର ଆନ୍ଦ୍ରେ ହେର୍ନିଂ ଯଥାକ୍ରମେ ଶ୍ରେଷ୍ଠ ମହିଳା ଓ ପୁରୁଷ ପ୍ରଶିକ୍ଷକ ଟ୍ରଫି ଜିତିଛନ୍ତି। ତ୍ରିନିଦାଦ ଆଣ୍ଡ ଟୋବାଗୋର ଆୟାନ୍ନା ମ୍ୟାକ୍‌ଲେନ ଓ ଜର୍ମାନୀର ବେନ୍ ଗୋଣ୍ଟଗେନ 'ଏଫ୍‌ଆଇଏଚ୍ ଅମ୍ପାୟର ଅଫ୍ ଦି ଇୟର' ପୁରସ୍କାର ପାଇଛନ୍ତି।

### ସବିତାଙ୍କ ହ୍ୟାଟ୍ରିକ

ସବିତା ପୁନିଆ କ୍ରମାଗତ ୩ୟ ବର୍ଷ ଲାଗି ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ମହିଳା ଗୋଲ୍‌ରକ୍ଷକ ପୁରସ୍କାର ଜିତିଛନ୍ତି। ୩୩ ବର୍ଷୀୟା ସବିତା ଏଥିପୂର୍ବରୁ ୨୦୨୧ ଓ ୨୦୨୨ରେ ମଧ୍ୟ ଏହି ସମ୍ମାନଜନକ ପୁରସ୍କାର ପାଇଥିଲେ। ଗତ ଅକ୍ଟୋବରରେ ଭାରତକୁ ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ କରାଇବାରେ ସବିତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅପରପକ୍ଷରେ ଭାରତ ପକ୍ଷରୁ ୧୧୪ ମ୍ୟାଚ୍ ଖେଳିସାରିଥିବା ହାର୍ଦ୍ଦିକ ସିଂହ ୨୦୨୦ ଅଲିମ୍ପିକ୍ସରେ ଦଳକୁ କାଂସ୍ୟ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ବର୍ତ୍ତମାନ ଦଳର ଉପ-ଅଧିନାୟକ ଦାୟିତ୍ୱ ସମ୍ଭାଳୁଛନ୍ତି। ହାର୍ଦ୍ଦିକ ମଧ୍ୟ ଚଳିତ ବର୍ଷ ଭାରତର ଶ୍ରେଷ୍ଠ ପୁରୁଷ ଖେଳାଳି ବାବଦକୁ ବଲ୍‌ବୀର ସିଂ ଟ୍ରଫି ଜିତିଥିଲେ।



## ପଞ୍ଚରାଷ୍ଟ୍ରୀୟ ହକି: ଜର୍ମାନୀଠୁ ହାରିଲା ଭାରତ

ଭାଲେନସିଆ, ୧୯ ।୧୨ (ସମିସ)

ଜର୍ମାନୀ ଗସ୍ତରେ ଥିବା ଭାରତୀୟ ପୁରୁଷ ହକି ଦଳ ଆଉ ଏକ ପରାଜୟର ସମ୍ମୁଖୀନ ହୋଇଛି। ଭାଲେନସିଆରେ ଚାଲିଥିବା ପଞ୍ଚରାଷ୍ଟ୍ରୀୟ ହକିରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୩ ଗୋଲରେ ଘରୋଇ ଜର୍ମାନୀ ନିକଟରୁ ପରାଜୟବରଣ କରିଛି।

ଏହି ମ୍ୟାଚରେ ଭାରତ ପ୍ରଥମ କ୍ୱାର୍ଟରରେ ୨ଟି ଗୋଲ୍ ଦେଇ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଦଳ ପକ୍ଷରୁ ୯ମ ମିନିଟ୍‌ରେ ଅଭିଷେକ ଓ ୧୪ତମ ମିନିଟ୍‌ରେ ସମସେର୍ ସିଂହ ଏହି ଦୁଇଟି ଗୋଲ୍ ଦେଇଥିଲେ। ଫଳରେ ଭାରତର ପଲା ଭାରି ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଘରୋଇ ଜର୍ମାନୀ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲା। ୨୮ତମ ମିନିଟ୍‌ରେ ମାଲଟେ ହେଲ୍‌ୱିଗ ଏହି ଗୋଲ୍ ଦେବାରୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୨ରେ ପଛୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ କ୍ରମାଗତ ୨ଟି ଗୋଲ୍ ଦେଇ ଜର୍ମାନୀ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା ସହ ଅଗ୍ରଣୀ ଲାଭ କରିଥିଲା। ୫୦ତମ ମିନିଟ୍‌ରେ କ୍ରିଷ୍ଟୋଫର୍ ରୁହର୍ ଓ ୫୧ତମ ମିନିଟ୍‌ରେ ଗୋଞ୍ଜାଲୋ ପେଇଲାଟ୍ ନିର୍ଣ୍ଣାୟକ ୩ୟ ଗୋଲଟି ଦେଇଥିଲେ। ଭାରତ ଏହାର ୪ର୍ଥ ମ୍ୟାଚରେ ବୁଧବାର ଫ୍ରାନ୍ସ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର